

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର, ୨୩ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 23 APRIL 2022

Vol.No. 33 ■ No. 105 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







## ଭାରତ-ବ୍ରିଟେନ ମଧ୍ୟରେ ଦ୍ୱିପାକ୍ଷିକ ଚୁକ୍ତି



ନୂଆଦିଲ୍ଲୀ, ୨୨/୦୪ : ୟୁକ୍ରେନ-ରୁଷ ମଧ୍ୟ ଘମାଘୋଟ ଯୁଦ୍ଧ ଚାଲିଥିବା, ଭାରତ ଓ ବିଟ୍ରେନ ମଧ୍ୟରେ ନୂଆ ରଙ୍ଗ ଲାଗିଛି । ଆଜି ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସରେ ଉଭୟ ନେତା ପରସ୍ପରକୁ ଭେଟିଛନ୍ତି । ରୁଷ-ୟୁକ୍ରେନ ଯୁଦ୍ଧ ବେଳେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିଶ ଜନସନଙ୍କ ଏହି ଗସ୍ତ ଉପରେ ଆଜି ସାରା ବିଶ୍ୱର ନଜର ଥିଲା । କାରଣ ୟୁକ୍ରେନ ପ୍ରସଙ୍ଗରେ ଭାରତ ଏବଂ ବ୍ରିଟେନର ଆଭିମୁଖ୍ୟ ଭିନ୍ନ ରହିଛି । କିନ୍ତୁ ଏହାର ପ୍ରଭାବ ଦୁଇ ଦେଶର ସଂପର୍କ ଉପରେ କୌଣସି ପ୍ରଭାବ ପକାଇପାରିନି । ଭାରତରେ ଦିଆଯାଇଥିବା ଆତିଥ୍ୟକୁ ପ୍ରଶଂସା କରିଛନ୍ତି ବୋରିଶ ଜନସନ । ପ୍ରଥମ ଦିନ ଗସ୍ତ ବେଳେ ଗୁଜରାଟରେ ଯେଉଁଭଳି ସ୍ୱାଗତ କରାଯାଇଛଛି ସେଥିରେ ସେ ଅଭିଭୂତ ବୋଲି କହିଛନ୍ତି । ଜନସନ୍ ନିଜକୁ ସଚିନ୍ ତେନ୍ଦୁଲକର ଓ ଅମିତାଭ ବଚ୍ଚନଙ୍କ ଭଳି ଅନୁଭବ କରୁଛନ୍ତି ବୋଲି କହିଛନ୍ତି । ଆଜି ଜନସନ୍ ଭାରତ ଗସ୍ତରେ ତାଙ୍କ ଦ୍ୱିତୀୟ ବା ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦିଲ୍ଲୀସ୍ଥିତ ହାଇଦ୍ରାବାଦ ହାଉସରେ ସାକ୍ଷାତ କରିଛନ୍ତି । ଏହି ପରୀପ୍ରେକ୍ଷୀରେ ସେ ମୋଦିଙ୍କୁ ନିଜର ଖାସ୍ ବନ୍ଧୁ ବୋଲି ବିବେଚିତ କରିଛନ୍ତି । ଦୁଇଦେଶ ମଧ୍ୟରେ ଆଲୋଚନା ବେଳେ ବୋରିସ୍ ତାଙ୍କର ଭାରତ ଗସ୍ତ ସମ୍ବନ୍ଧରେ ସୂଚନା ଦେଇଛନ୍ତି । ସେ ମୋଦିଙ୍କୁ ଖୁବ୍ ପ୍ରଶଂସା କରିଛନ୍ତି । ଜନସନ୍ ଆହୁରି କହିଛନ୍ତି, ବର୍ତମାନର ଘଡ଼ିସନ୍ଧି ସମୟରେ ଭାରତ ଓ ବ୍ରିଟେନ୍ ମଧ୍ୟରେ ସମ୍ପର୍କ ଅଧିକ ମଜଭୁତ୍ ହୋଇଛି । ଦୁଇ ଦେଶ ମଧ୍ୟରେ ସୁରକ୍ଷା ବୁଝାମଣା ବଢ଼ାଇବା ପାଇଁ ଆଲୋଚନା ହୋଇଛି । ଏହାବ୍ୟତୀତ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା ବୁଝାମଣା ମଧ୍ୟ ହୋଇଛି । ସେହିପରି ମୋଦି ୟୁକ୍ରେନ୍ ଯୁଦ୍ଧକୁ ତୁରନ୍ତ ରୋକିବା ଏବଂ ଏହି ସମସ୍ୟାର ସମାଧାନ ଉପରେ ଜୋର୍ ଦେଇଛନ୍ତି । ଏହି ବୈଠକରେ ଭାରତ ଓ ବ୍ରିଟେନ୍ ମଧ୍ୟରେ ବ୍ୟବସାୟିକ ଆଲୋଚନା ମଧ୍ୟ ହୋଇଛି । ମୋଦି କହିଛନ୍ତି ଯେ, ଫ୍ରୀ ଟ୍ରେଡ୍ ଏଗ୍ରିମେଂଟ ବା ମୁକ୍ତ ବାଣିଜ୍ୟ ଚୁକ୍ତି ଉପରେ ଦୁଇ ଦେଶ ଜୋରସୋରରେ କାମ କରୁଛନ୍ତି । ଚଳିତ ବର୍ଷ ଶେଷ ସୁଦ୍ଧା ଏହା କାର୍ଯ୍ୟକୁ ପୂରଣ କରିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି ମୋଦି ।

## କଂଗ୍ରେସକୁ ପାୱାରକୁ ଆଣିବ କି ପ୍ରଶାନ୍ତ କିଶୋରଙ୍କ ଫର୍ମୁଲା ?




ନୂଆଦିଲ୍ଲୀ, ୨୨/୦୪ : ଗାନ୍ଧୀଙ୍କ ବିନା କଂଗ୍ରେସ । ଧୀରେ ଧୀରେ ଦୁର୍ବଳ ହେଉଥିବା କଂଗ୍ରେସ କେମିତି ସବଳ ହେବ, ଏଥିପାଇଁ ଏମିତି ଗୁରୁମନ୍ତ୍ର ଦେଇଛନ୍ତି ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର । ଦଳକୁ ମଜଭୁତ କରିବାକୁ ହେଲେ ଗାନ୍ଧୀ ପରିବାର ବାହାରୁ ଜଣଙ୍କୁ କଂଗ୍ରେସ ସଭାପତି କରିବାକୁ ପରାମର୍ଶ ଦେଇଛନ୍ତି ପ୍ରଶାନ୍ତି । କିନ୍ତୁ ୟୁପିଏ ଅଧକ୍ଷ , ସଂସଦୀୟ କମିଟିର ଅଧକ୍ଷ ଓ ସମନ୍ୱୟ କମିଟିର ଅଧକ୍ଷ ପଦରେ ସୋନିଆ, ରାହୁଲ ଓ ପ୍ରିୟଙ୍କା ରହିପାରିବେ ବୋଲି କହିଛନ୍ତି । ଯାହାକୁ ନେଇ ଓଡିଶା କଂଗ୍ରେସ ନେତାଙ୍କ ମଧ୍ୟରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । କାମ କରିବ କି ପିକେ ଫର୍ମୁଲା ? ବଦଳିବ କି କଂଗ୍ରେସର ଭାଗ୍ୟ ? 'ଗାନ୍ଧୀ' ନେତୃତ୍ୱ ବିନା ଆଗକୁ ବଢ଼ିବ ଦଳ ! କଂଗ୍ରେସକୁ କିପରି ପୁନରୁଦ୍ଧାର କରିହେବ, ହାଇକମାଣ୍ଡଙ୍କୁ ପ୍ରେଜେଂଟେସନ ଦେଇଛନ୍ତି ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର । ୬୦୦ ପୃଷ୍ଠାର ପ୍ରେଜେଂଟେସନ୍ ମଧ୍ୟରୁ କିଛି ପେଜ୍ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି । କଭର ପେଜ୍ରେ ମହାତ୍ମା ଗାନ୍ଧୀଙ୍କ ଉକ୍ତିକୁ ରଖିଛନ୍ତି । ପ୍ରଶାନ୍ତଙ୍କ ପ୍ରେଜେଂଟେସନର କିଛି ଅଂଶ ଭାଇରାଲ ବିଭିନ୍ନ ଗଣମାଧ୍ୟମ ଓ ସୋସିଆଲ୍ ମିଡିଆରେ ପ୍ରସାରଣ ହେଉଛି । କଂଗ୍ରେସ ପକ୍ଷରୁ ଏ ନେଇ କିଛି ସ୍ପଷ୍ଟ କରାଯାଇନାହିଁ । ତେବେ ଦଳର ଢାଞ୍ଚାଗତ ପରିବର୍ତନ ପାଇଁ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଭେଟି ଫର୍ମୁଲା ଦେଇଛନ୍ତି ପ୍ରଶାନ୍ତ କିଶୋର । ଚର୍ଚ୍ଚା ହେଉଛି, ଚାରିଟି ଫର୍ମୁଲା ଉପରେ ଫୋକସ କରିଛନ୍ତି ପିକେ । ପ୍ରଶାନ୍ତଙ୍କ ସବୁଠୁ ବଡ଼ ପ୍ରସ୍ତାବ ମଧ୍ୟରେ ରହିଛି । କଂଗ୍ରେସ ଅଧକ୍ଷ ଭାବେ ଗାନ୍ଧୀ ପରିବାର ବାହାରୁ ଜଣଙ୍କୁ ନିର୍ବାଚିତ କରିବା । ୟୁପିଏ ଅଧକ୍ଷା ପଦରେ ରୁହନ୍ତୁ ସୋନିଆ ଗାନ୍ଧୀ । କଂଗ୍ରେସ ସଂସଦୀୟ ବୋର୍ଡ ଅଧକ୍ଷ ପଦରେ ରାହୁଲ ଗାନ୍ଧୀଙ୍କୁ ରହିବା ପାଇଁ ପ୍ରସ୍ତାବ । ସମନ୍ୱୟ ସଂପାଦକ ଭାବେ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଦାୟିତ୍ୱ ଦିଆଯାଉ । ସେହିପରି ରାଜ୍ୟଗୁଡିକ ପାଇଁ ମଧ୍ୟ ସ୍ୱତନ୍ତ୍ର ରିପୋର୍ଟ ଦେଇଛନ୍ତି ପ୍ରଶାନ୍ତ କିଶୋର । କେଉଁଠି ପିସିସି ବଦଳିବ, କେମିତି ସଂଗଠନର ଆମୂଳ ଚୂଳ ପରିବର୍ତନ ହେବ, ଆଂଚଳିକ ଭିତିରେ ଦଳ କିପରି ଆଗକୁ ବଢ଼ିବ ପ୍ରସ୍ତାବ ରଖିଛନ୍ତି ପିକେ । ପ୍ରଶାନ୍ତଙ୍କ ଫର୍ମୁଲା ଦଳ ମଧ୍ୟରେ କିଛିଟା ଉତ୍ସାହ ଆଣିଛି । ୨୦୨୪ରେ ସାଧାରଣ ନିର୍ବାଚନ । ଆଉ ଦୁଇ ବର୍ଷ ହାତରେ ରହିଛି । ଏପଟେ କଂଗ୍ରେସରେ ଅସନ୍ତୋଷ ମଧ୍ୟ ବଢ଼ିବାରେ ଲାଗିଛି । ଏପରି ସ୍ଥିତିରେ ପ୍ରଶାନ୍ତ କିଶୋର ଦଳକୁ ଉଦ୍ଧାର କରିବାରେ କେତେ ସହାୟକ ହେବେ, ତାହା ଦେଖିବାକୁ ବାକି ରହିଲା ।

## ପୁରୀ ପରିକ୍ରମା ପ୍ରକଳ୍ପ ବିରୋଧରେ ୨୭ ତାରିଖରେ ପଦଯାତ୍ରା



ପୁରୀ, ୨୨/୦୪ (ନି.ପ୍ର): ପୁରୀ ଶ୍ରୀମନ୍ଦିର ପ୍ରକଳ୍ପ ବିରୋଧରେ ଏକ ବଡ ପଦଯାତ୍ରାର ପ୍ରସ୍ତୁତି ଚାଲିଛି । ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶରଧାବାଲିରୁ ସିଂହଦ୍ୱାର ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଏହି ପଦଯାତ୍ରାରେ ଦଳମତ ନିର୍ବିଶେଷରେ ସମସ୍ତଙ୍କୁ ଯୋଗଦେବା ପାଇଁ ଅନୁରୋଧ କରିଛନ୍ତି ବରିଷ୍ଠ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ । ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କ ପରୋକ୍ଷ ସମର୍ଥନରେ ଏହି ଶୋଭାଯାତ୍ରା ଆୟୋଜିତ ହେଉଥିବା କୁହାଯାଉଛି । ଏପଟେ ହାଇକୋର୍ଟରେ ଏଏସଆଇ ତଥ୍ୟ ନଦେଇ ସମୟ ମାଗିବା ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର । ପୁରୀ ଶ୍ରୀମନ୍ଦିର ସୁରକ୍ଷା ପାଇଁ ଗର୍ଜିବେ ପାଇକ । ଶୋଭାଯାତ୍ରା କରି ଦେବେ ପ୍ରତିବାଦ ସନ୍ଦେଶ । ଏହାରି ଭିତରେ ଆସନ୍ତା ୨୭ରେ ଖନନ ଓ ନିର୍ମାଣ କାମକୁ ବିରୋଧ କରି ପୁରୀରେ ହେବ ବିଶାଳ ଶୋଭାଯାତ୍ରା । ବିଭିନ୍ନ ଅନୁଷ୍ଠାନର ମିଳିତ ସହଯୋଗରେ ଶରଧାବାଲିରୁ ସିଂହଦ୍ୱାର ଯାଏଁ ହେବାକୁ ଥିବା ପଦଯାତ୍ରା ପଛରେ କିନ୍ତୁ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କ ପରୋକ୍ଷ ସମର୍ଥନ ଥିବା କୁହାଯାଉଛି । ପୁରୀ ପଦଯାତ୍ରାରେ ସାମିଲ ହେବେ ମହାପ୍ରଭୁଙ୍କୁ ଯୁଗେ ଯୁଗେ ସୁରକ୍ଷା ପ୍ରଦାନ କରିଆସିଥିବା ପାଇକ । ଦଳମତ ନିର୍ବିଶେଷରେ ସମସ୍ତେ ଏଥିରେ ▶▶ପୃଷ୍ଠା ୭

## ଉପରମୁହାଁ କରୋନା ମିଟର : ଲଗାତର ୩ ଦିନ ଧରି ୨ହଜାର ଉପରେ ଦୈନିକ ସଂକ୍ରମଣ

ନୂଆଦିଲ୍ଲୀ, ୨୨/୦୪ : ଦେଶରେ ଉପରମୁହାଁ କରୋନା ମିଟର । ଗତ ୨୪ ଘଂଟା ଭିତରେ ୨ହଜାର ୪୫୧ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏବେ ଦେଶରେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୧୪ ହଜାର ୨୪୧ ରହିଛି । ଲଗାତର ୩ଦିନ ହେଲା ୨ ହଜାର ଉପରେ ରହୁଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା । ଗୁରୁବାର ୨ହଜାର ୩୮୦ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଆଜି ପୁଣି ବଢିଛି କରୋନା ସଂକ୍ରମଣ । ସେହିପରି କରୋନା କାରଣରୁ ୨୪ ଘଂଟା ଭିତରେ ୫୪ ଜଣଙ୍କର ମୃତ୍ୟୁ ହୋଇଛି । ଦିଲ୍ଲୀରେ ସର୍ବାଧିକ ୯୬୫ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଜଣଙ୍କର ମୃତ୍ୟୁ ହୋଇଛି । ସେହିପରି ଦିଲ୍ଲୀରେ ଟେଷ୍ଟ ପଜିଟିଭ ହାର ରହିଛି ୪ ଦଶମିକ ୭୧ ପ୍ରତିଶତ । ଖୁବଶୀଘ୍ର ୫ରୁ ୧୨ ବର୍ଷର ପିଲାଙ୍କୁ ଦିଆଯିବ କରୋନା ଟିକା । କୋର୍ବେଭାକ୍ସ ଟିକାର ଜରୁରୀ ବ୍ୟବହାର ପାଇଁ ଡ଼ିସିଜିଆଇ ବିଶେଷଜ୍ଞ କମିଟି ସୁପାରିଶ କରିଥିବା ଜଣାପଡ଼ିଛି । ଅନୁମତି ମିଳିରେ ହାଇଦ୍ରବାଦର ବାୟୋଲୋଜିକାଲ ଇ'ଦ୍ୱାରା ପ୍ରସ୍ତୁତ କୋର୍ବେଭାକ୍ସ ଟିକା ୫ରୁ ୧୨ ବର୍ଷର ପିଲାଙ୍କୁ ଦିଆଯିବ । ଆସନ୍ତା କିଛି ଦିନ ଭିତରେ ଏହି କମିଟି ଏଦିଗରେ ଚୂଡ଼ାନ୍ତ ନିଷ୍ପତି ନେବ । ସୂଚନା ଅନୁସାରେ ଚଳିତ ବର୍ଷ ମାର୍ଚ୍ଚ ୧୬ରୁ ଦେଶରେ ୧୨ରୁ ୧୪ ପିଲାଙ୍କୁ କୋର୍ବେଭାକ୍ସ ଟିକା ଦିଆଯାଉଛି ।

## ମାଟ୍ରିକ୍ ଓ +୨ ପରୀକ୍ଷା ପ୍ରସ୍ତୁତି ବୈଠକ



ଭୁବନେଶ୍ୱର, ୨୨/୦୪ (ନି.ପ୍ର): ଚଳିତ ମାସରୁ ମାଟ୍ରିକ୍ ଏବଂ +୨ ପରୀକ୍ଷା ଆରମ୍ଭ ହେବାକୁ ଯାଉଛି । ଏଥି ନିମନ୍ତେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ସୋସିଆଲ୍ ମିଡ଼ିଆ ମାଧ୍ୟମରେ ରାତାରାତି ଧନୀହେବା ପାଇଁ ନକଲି ପ୍ରଶ୍ନପତ୍ର ସଂଚାର କରୁଥିବା ବ୍ୟକ୍ତି ଏବଂ ପ୍ରଶ୍ନପତ୍ର ବା ଉତର ଖାତା ଆଦି ବିଷୟରେ ଗୁଜବ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ଉପରେ ତୀକ୍ଷଣ ନଜର ରଖିବା ପାଇଁ ମୁଖ୍ୟ ଶାସନ ସଚିବ ଏସ୍.ପି.ମାନଙ୍କୁ ପରାମର୍ଶ ଦେଇଥିଲେ । ଏପରି ନ୍ୟସ୍ତ ସ୍ୱାର୍ଥ ବ୍ୟକ୍ତିଙ୍କୁ ଠାବ କରି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ପ୍ରତି ନୋଡାଲ୍ ସେଂଟରରେ ସିସିଟିଭି ନିରୀକ୍ଷଣ ସହ କଡ଼ା ନିରାପତା ବ୍ୟବସ୍ଥା କରିବା ପାଇଁ ମଧ୍ୟ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟ ଲୋକସେବା ଭବନ ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ପରୀକ୍ଷା ପରିଚାଳନା ଓ ମୂଲ୍ୟାୟନ ପ୍ରକ୍ରିୟା ସମ୍ବନ୍ଧିତ ବିଷୟ ଆଲୋଚନା ନିମନ୍ତେ ଉପସ୍ଥାପନ କରିଥିଲେ । ସବୁ ଜିଲ୍ଲାର ଜିଲ୍ଲାପାଳ ଏବଂ ଏସ୍.ପି.ମାନେ ଭିଡ଼ିଓ କନଫ୍ରେନ୍ସିଂ ମାଧ୍ୟମରେ ବୈଠକରେ ଯୋଗ ଦେଇଥିଲେ । ପ୍ରଶ୍ନପତ୍ର ନୋଡାଲ୍ ସେଂଟରେ ସୁରକ୍ଷିତ ରଖିବାଠାରୁ ଆରମ୍ଭ କରି ପ୍ରଶ୍ନପତ୍ର ଓ ପରୀକ୍ଷା ଖାତା ପରୀକ୍ଷା କେନ୍ଦ୍ରରେ ପହଂଚାଇବା, କେନ୍ଦ୍ରରେ ପରୀକ୍ଷା ସଂଚାଳନ, ଉତର ଖାତା ଗୁଡିକୁ ମୂଲ୍ୟାୟନ କେନ୍ଦ୍ରକୁ ପରିବହନ, ଏବଂ ମୂଲ୍ୟାୟନ ଆଦି ସମସ୍ତ ପର୍ଯ୍ୟାୟକୁ ଶୃଙ୍ଖଳିତ କରିବା ନିମନ୍ତେ ପୂର୍ଣ୍ଣ ସହଯୋଗ ଓ ସାହାଯ୍ୟ ଯୋଗାଇବାକୁ ▶▶ପୃଷ୍ଠା ୭

## ଜୁନ୍ ବଦଳରେ ମେ ମାସରେ ଖରାଛୁଟି କରିବାକୁ ବିଭିନ୍ନ ମହଲରୁ ଆସିଛି ପ୍ରସ୍ତାବ: ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୨୨/୦୪ (ନି.ପ୍ର): ଜୁନ ବଦଳରେ ମେ ମାସରେ ଖରାଛୁଟି କରିବାକୁ ବିଭିନ୍ନ ମହଲରୁ ପ୍ରସ୍ତାବ ଆସିଛି ବୋଲି ଶୁକ୍ରବାର ଦିନ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ କହିଛନ୍ତି । ସେ କହିଛନ୍ତି ଯେ ବର୍ତମାନ ସୁଦ୍ଧା ଖରାଛୁଟି ସମୟ ପରିବର୍ତନ କରିବାକୁ ବିଚାର କରାଯାଇନି । ଯଦି ସେମିତି ପରିସ୍ଥିତି ଆସେ, ତାହାଲେ ବିଭାଗ ସେନେଇ ବିଚାର କରିବ ବୋଲି ସେ ପ୍ରକାଶ କରିଛନ୍ତି । ଶ୍ରୀ ଦାଶ ଆହୁରି କହିଛନ୍ତି ଯେ ବର୍ତମାନ ରାଜ୍ୟରେ କରୋନା ପ୍ରଭାବ ସେଭଳି ନାହିଁ । ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ ଅନୁଯାୟୀ ପଦକ୍ଷେପ ନିଆଯାଉଛି । ଦଶମ ଓ ଦ୍ୱାଦଶ ପରୀକ୍ଷା ପାଇଁ କୌଣସି ଅସୁବିଧା ହେବନାହିଁ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ଏ ସପ୍ତାହରେ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ପୁସ୍ତିକା ମିଳିବ । ଯେଉଁଥିରେ ଦୁଇ ବର୍ଷର ପୁରୁଣା ପାଠ ରହିବ । ମେ ମାସରେ ଆରମ୍ଭ ହେବାକୁ ଥିବା ନୂଆ ଶିକ୍ଷାବର୍ଷରୁ ରେଗୁଲାର କୋର୍ସ ସହ ଏହାକୁ ପଢ଼ାଯିବ । ଦୁଇ ବର୍ଷର ପିଲାଙ୍କ ପାଠପଢା ▶▶ପୃଷ୍ଠା ୭

## ଖରାରେ ସିଝିଲା ରାଜଧାନୀ : ବର୍ଷର ସର୍ବାଧିକ ତାପମାତ୍ରା ୪୦.୮° ରେକର୍ଡ




ଭୁବନେଶ୍ୱର, ୨୨/୦୪ (ନି.ପ୍ର): ପ୍ରବଳ ଖରାରେ ସିଝିଲା ରାଜଧାନୀ ଭୁବନେଶ୍ୱର । ଆଜି ପୁଣି ଥରେ ଭୁବନେଶ୍ୱରର ତାପାମାତ୍ରା ୪୦ ଡିଗ୍ରୀ ଉପରେ ରହିଛି । ଭୁବନେଶ୍ୱରରେ ଆଜି ତାପମାତ୍ରା ୪୦.୮ ଡିଗ୍ରୀ ରେକର୍ଡ ହୋଇଛି , ଯାହାକି ଚଳିତ ବର୍ଷର ସର୍ବୋଚ୍ଚ ଦିନ ତାପମାତ୍ରା । ଏହା ପୂର୍ବରୁ ଭୁବନେଶ୍ୱରରେ ଗତ ୧୮ ତାରିଖରେ ୪୦.୨ ଡିଗ୍ରି ରେକର୍ଡ କରାଯାଇଥିଲା । ତେବେ ରାଜ୍ୟର ଅନ୍ୟାନ୍ୟ ସହରଗୁଡିକର ତାପମାତ୍ରା ଗତ କିଛି ଦିନ ଅପେକ୍ଷା କମ୍ ରହିଛି । ଅପରପକ୍ଷରେ ଆସନ୍ତା କାଲି ଠାରୁ ଓଡ଼ିଶାର ଜିଲ୍ଲାଗୁଡିକରେ ଅନେକ ସ୍ଥାନରେ ୩ ରୁ ୫ ଡ଼ିଗ୍ରୀ ଯାଏଁ ଦିନ ତାପମାତ୍ରା ରେ ବୃଦ୍ଧି ସମ୍ଭାବନା ରହିଛି । ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ଭୁବନେଶ୍ୱରରେ ଆଜି ବର୍ଷର ସର୍ବାଧିକ ତାପମାତ୍ରା ରେକର୍ଡ କରାଯାଇଛି । ଶୁକ୍ରବାର ପୂର୍ବାହ୍ନରେ ରାଜଧାନୀରେ ଖରାର ପ୍ରଭାବ କମ ଥିଲା । ସକାଳୁ ପାଗ ମେଘୁଆ ଥିଲା । କିନ୍ତୁ ସକାଳ ୧୦ଟା ପରେ ତାପମାତ୍ରା ବଢ଼ିଥିଲା । ଦିନ ସମୟର ତାପମାତ୍ରା ଲୋକଙ୍କୁ ଅଧିକ ଅସ୍ତବ୍ୟସ୍ତ କରିପକାଇଥିଲା । ମୁଣ୍ଡଫଟା ଖରା ସାଙ୍ଗକୁ ଗୁଳୁଗୁଳି ଅସହ୍ୟ ହେଉଥିଲା । ମଧ୍ୟାହ୍ନ ପରେ ରାସ୍ତା ବଜାର ଖାଁ ଖାଁ ଲାଗୁଥିଲା । ସନ୍ଧ୍ୟା ୫ଟା ପରେ ମଧ୍ୟ ଭୁବନେଶ୍ୱରରେ ଗରମ ପବନ ପ୍ରବାହିତ ହେଉଥିଲା । ପାଣିପାଗ ବିଭାଗର ସୂଚନା ଅନୁଯାୟୀ ଶୁକ୍ରବାର ବୌଦ୍ଧ ଏବଂ ପାରଳାଖେମୁଣ୍ଡି ରେ ସର୍ବୋଚ୍ଚ ଦିନ ତାପମାତ୍ରା ୪୧ ଡ଼ିଗ୍ରୀ ରେକର୍ଡ ହୋଇଛି ।

## ମାଲକାନଗିରି - ଭଦ୍ରାଚଲମ୍ ରେଳ ଲାଇନ୍ ପ୍ରକଳ୍ପର ସମୀକ୍ଷା କଲେ କେନ୍ଦ୍ର ରେଳମନ୍ତ୍ରୀ



ଭୁବନେଶ୍ୱର, ୨୨/୦୪ (ନି.ପ୍ର): କେନ୍ଦ୍ର ରେଳବାଇ ଏବଂ ଯୋଗାଯୋଗ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟାଓ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶୁକ୍ରବାର ମାଲକାନଗିରି ଗସ୍ତ ସମୟରେ ରେଳବାଇ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧି ମାନଙ୍କ ସହିତ ପ୍ରସ୍ତାବିତ ମାଲକାନଗିରି - ଭଦ୍ରାଚଲମ୍ ରେଳ ଲାଇନ୍ ପ୍ରକଳ୍ପ ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରିଛନ୍ତି । ୧୭୩.୪୧୬ କିମି ଲମ୍ବା ମାଲକାନଗିରି - ଭଦ୍ରାଚଲାମ ପ୍ରସ୍ତାବିତ ରେଳ ଲାଇନ ପ୍ରକଳ୍ପକୁ ୯ ସେପ୍ଟେମ୍ବର, ୨୦୨୧ ରେ ରେଳବାଇ ବୋର୍ଡ ଦ୍ୱାରା ସ୍ୱୀକୃତି ଦିଆଯାଇଅଛି ଯାହାର ଆନୁମାନିକ ମୂଲ୍ୟ ୨୮୦୦ କୋଟି ଟଙ୍କା । ଏହି ପ୍ରକଳ୍ପରେ ୪୮ ଟି ଗୁରୁତ୍ୱପୂର୍ଣ୍ଣ ଏବଂ ୧୬୫ ଟି ଛୋଟ ବ୍ରିଜ୍ ସହିତ ୨୧୩ ଟି ସେତୁ ରହିବ । ଏହି ପ୍ରସ୍ତାବିତ ପ୍ରକଳ୍ପଗୁଡ଼ିକରେ ଓଡ଼ିଶାର ୬ଟି ଷ୍ଟେସନ୍ ମାଲକାନଗିରି, ବାଦଲି, କୋୱାସିଗୁଡା, ରାଜଙ୍ଗୁଡା, ମହାରାଜାପଲ୍ଲୀ ଓ ଲୁଣୀମାନଗୁଡା ଥିବାବେଳେ ▶▶ପୃଷ୍ଠା ୭

## ରାଜଧାନୀରେ ଚାଞ୍ଚଲ୍ୟ : ସ୍ୱାମୀଙ୍କୁ ହତ୍ୟା ପାଇଁ ସ୍ତ୍ରୀ ଦେଲା ସୁପାରୀ

ଭୁବନେଶ୍ୱର, ୨୨/୦୪ (ନି.ପ୍ର): ମହିଳାଙ୍କୁ ପାଗଳ କଲା ଡ୍ରାଇଭର ପ୍ରେମ । ସ୍ୱାମୀଙ୍କୁ ହତ୍ୟା ପାଇଁ ସ୍ତ୍ରୀ ଦେଲା ସୁପାରୀ । ଡ୍ରାଇଭର ପ୍ରେମରେ ପାଗଳ ଜଣେ ମହିଳା ତାଙ୍କ ଇଞ୍ଜିନିୟର ସ୍ୱାମୀଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ରଚନା କରି ସୁପାରୀ କିଲର ନିୟୋଜିତ କରିବା ଘଟଣା ରାଜଧାନୀରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଇଞ୍ଜିନିୟର ସ୍ୱାମୀକୁ ମାରିବାକୁ ହୋଇଥିବା ଷଡ଼ଯନ୍ତ୍ରରେ ପୋଲିସ ଡ୍ରାଇଭରକୁ ଗିରଫ କରିଛି । ଅଭିଯୁକ୍ତ ଡ୍ରାଇଭର ଅନୁଗୁଳ ହାଟତୋଟା ଅଞ୍ଚଳର ଅଶୋକ ସାହୁ । ତେବେ ଚଢ଼ଉ ପୂର୍ବରୁ ମାଷ୍ଟରମାଇଣ୍ଡ ଇଞ୍ଜିନିୟରଙ୍କ ସ୍ତ୍ରୀ ଓ ସୁପାରୀ କିଲର ଫେରାର ହୋଇଯାଇଛନ୍ତି । ସୂଚନା ଅନୁସାରେ, ଭୁବନେଶ୍ୱର ରେଳଷ୍ଟେସନରେ ସିନିୟର ଇଲେକ୍ଟ୍ରିକାଲ ଇଂଜିନିୟର ଭାବେ କାର୍ଯ୍ୟରତ ବିନାୟକ ବେହେରା ୨୦୧୮ ମସିହାରେ ପୁରୀ ବଦଳି ହୋଇଯାଇଥିଲେ । ହେଲେ ତାଙ୍କ ପରିବାର ଭୁବନେଶ୍ୱରରେ ରହୁଥିଲେ । ଏହାରି ଭିତରେ ତାଙ୍କ ଗାଡ଼ି ଡ୍ରାଇଭର ଅଶୋକ ଓ ବିନାୟକଙ୍କ ସ୍ତ୍ରୀ ଟ୍ୱିଙ୍କିଲଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା । ତାଙ୍କ ପ୍ରେମରେ କଣ୍ଟା ସାଜିଥିବା ସ୍ୱାମୀଙ୍କୁ ରାସ୍ତାରୁ ହଟାଇବା ପାଇଁ ଜିତୁ ନାମକ ଏକ ସୁପାରୀ କିଲରକୁ ଏକ ଲକ୍ଷ ଟଙ୍କା ଦେଇଥିଲେ । ଯୋଜନା ଅନୁସାରେ ଜିତୁ ଓ ତାର ସାଥୀ ଗତ ୧୬ ତାରିଖରେ ବିନାୟଙ୍କୁ ମଂଚେଶ୍ୱର ଥାନା ସ୍ପୋର୍ଟର୍ସ କମ୍ପ୍ଲେକ୍ସ ନିକଟରେ ମରଣାନ୍ତକ ଆକ୍ରମଣ କରିଥିଲେ । କିଛି ଯୁବକ ବିନାୟକଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରିଛନ୍ତି । ଯୋଜନା ବିଫଳ ଖବରପାଇ ସ୍ତ୍ରୀ ଟ୍ୱିଙ୍କିଲ ଓ ଡ୍ରାଇଭର ଅଶୋକ ଧଉଳି ଆପାର୍ଟମେଂଟରେ ଲୁଚିଥିବା ଖବର ପାଇ ପୁଲିସ ଚଢ଼ଉ କରିଥିଲା । ପୋଲିସ ଡ୍ରାଇଭର ଅଶୋକକୁ ଧରିବାରେ ସଫଳ ହୋଇଥିବାବେଳେ ଟ୍ୱିଙ୍କିଲ ଖସି ପଳାଇଛି । ଅଭିଯୁକ୍ତ ଅଶୋକ ପୁଲିସ ଆଗରେ ସବୁ ମାନିଯାଇଛି ।

## ନକଲି ଡାକ୍ତରଙ୍କୁ ୫ ବର୍ଷ ଜେଲ : ଜାଲ ସାର୍ଟିଫିକେଟ ଦେଇ କରିଥିଲେ ଡାକ୍ତର ଚାକିରି

ଭୁବନେଶ୍ୱର, ୨୨/୦୪ (ନି.ପ୍ର): ନକଲି ଡାକ୍ତର ପଦ୍ମନାଭ କାରୁଆଙ୍କୁ ୫ ବର୍ଷ ଜେଲ । ଜେଲ ଦଣ୍ଡାଦେଶ ଶୁଣାଇଲେ ସୁନ୍ଦରଗଡ ଫାଷ୍ଟଟ୍ରାକ କୋର୍ଟ । ନକଲି ଡାକ୍ତରଙ୍କୁ ଜେଲ ସହ ୬ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦିଆଯାଇଛି । ନକଲି ସାର୍ଟିଫିକେଟ ଦେଇ ସରକାରୀ ଚାକିରି କରିଥିଲେ ଏହି ନକଲି ଡାକ୍ତର । ବିଶ୍ରା ମେଡିକାଲରେ ପଦ୍ମନାଭମୁଖ୍ୟ ମେଡିକାଲ ଅଫିସର ଥିଲେ । ଘଟଣା ପ୍ରଘଟ ପରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ପଦ୍ମନାଭ ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଭାବରେ ନିଯୁକ୍ତି ପାଇ ଥିଲେ । ତିନି ବର୍ଷ ଚାକିରି କଲା ପରେ ଏକ ଅଭିଯୋଗକୁ ଆଧାର କରି ଜିଲ୍ଲା ସ୍ୱାସ୍ଥ୍ୟ ବଭାଗ ପକ୍ଷରୁ ତଦନ୍ତ କରି ଜାଲ ସାର୍ଟିଫିକଟ ବଳରେ ଚାକିରି କରୁଥିବା ତଥ୍ୟ ସାମ୍ନାକୁ ଆସିଥିଲା । ଏହା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଏତଲା କ୍ରମେ ପୋଲିସ ତାଙ୍କୁ ଗିରଫ କରିଥିଲା । ଆଜି ସେହି ମାମଲାର ଶୁଣାଣି କରି ଫା କ୍ଲାସ କୋର୍ଟ ତାଙ୍କୁ ଏହି ସଜା ଶୁଣାଇଛନ୍ତି ।

# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲା : ଦୋଷୀକୁ ୧୦ ବର୍ଷ ଜେଲ୍

ଜୟପୁର,୨୨/୦୪ (ନି.ପ୍ର): ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲାରେ ଦୋଷିକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି ଜୟପୁର ଫାଷ୍ଟ ଟ୍ରାକ ସ୍ପେସିଆଲ କୋର୍ଟ। ୨୦୧୬ ମସିହାରେ କୋରାପୁଟ ଜିଲା ପାଡୁଆ ଥାନା ଅଂଚଳର ଜଣେ ନାବାଳିକା ଅପହରଣ ଓ ଦୁଷ୍କର୍ମର ଶିକାର ହୋଇଥିଲେ। ମାମଲାର ବିଚାର କରି ଜୟପୁର ଫାଷ୍ଟ ଟ୍ରାକ ସ୍ପେସିଆଲ କୋର୍ଟର ଆଡହକ ଅତିରିକ୍ତ ଦୌରାଜଜ ପ୍ରଦିପ କୁମାର ସାସମଲ ଏହି ରାୟ ଦେଇଛନ୍ତି । ସୁନାବେଡା ଥାନା ଅନ୍ତର୍ଗତ ସାନବଡିଙ୍ଗା ଗ୍ରାମର କେଶବ ନାୟକକୁ ୩ ଟି ଦଫାରେ ଦଣ୍ଡିତ କରିଛନ୍ତି । ୩ଟି ଦଫାରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୫ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ଅର୍ଥ ଅନାଦାୟ ହେଲେ ଅଧିକା ୧୫ ମାସ ସଶ୍ରମ ଜେଲ ଦଣ୍ଡ ଭୋଗିବାକୁ ରାୟ ଦେଇଛନ୍ତି। ସରକାରଙ୍କ ତରଫରୁ ଜିଲା ଆଇନ ସେବା ପ୍ରାଧିକରଣ ମାଧମରେ ପିଡିତାଙ୍କୁ ୨ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ ପାଇ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଉକ୍ତ ମାମଲାରେ ୯ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତି କରି କୋର୍ଟ ଏହି ରାୟ ଶୁଣାଇଛନ୍ତି । ୨୦୧୬ ଜାନୁଆରି ୨ ତାରିଖରେ ପୀଡିତା ନିଖୋଜ ଥିବାରୁ ପରିବାର ଲୋକେ ଖୋଜା ଖୋଜି କରିଥିଲେ। କିଛି ଖୋଜ ଖବର ନମିଳିବାରୁ ଗତ ୧୬।୧।୨୦୧୬ ତାରିଖରେ ପାଡୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ ମାମଲାର ତଦନ୍ତ କରି ନାବାଳିକାକୁ ଉଦ୍ଧାର କରିବା ସହ ଅଭିଯୁକ୍ତକୁ ଗିରଫ କରିଥିଲା । ଏହି ମାମଲାକୁ ସରକାରି ଓକିଲ ବି. ଗାୟତ୍ରୀ ଦେବି ପରିଚାଳନା କରିଥିଲେ ।

# ହାଇଓ୍ୱା ଅଟୋ ମୁହାଁମୁହିଁ ଧକ୍କା,୩ ମୃତ, ୨ ଗୁରୁତର

ଘସିପୁରା,୨୨/୦୪ (ନି.ପ୍ର): ଅଟୋ ଓ ହାଇଓ୍ୱା ମୁହାଁମୁହିଁ ଧକ୍କା ହେବା ଫଳରେ , ୩ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏଥିରେ ଅଟୋ ଡ୍ରାଇଭର ଓ ଜଣେ ମହିଳା ଗୁରୁତର ଆହତ ହୋଇଥିବା ବେଳେ ତାଙ୍କୁ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଡାକ୍ତରଖାନାରେ ଭର୍ତି କରାଯାଇଛି। ଗୁରୁତର ଆହତ ମହିଳାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି । ସୂଚନାରୁ ଜଣାଯାଏ ଆନନ୍ଦପୁର ଥାନା କୋଡ଼ପଡ଼ା ଛକ ନିକଟରେ ଏକ ଚିପସ୍ ବୋଝେଇ ହାଇଓ୍ୱା ଅପରପାର୍ଶ୍ୱରୁ ଆସୁଥିବା ଏକ ଅଟୋକୁ ଧକ୍କା ଦେଇଥିଲା। ଅଟୋ ଟି ମୟୂରଭଞ୍ଜ ଜିଲ୍ଲା ସାତକୋଶିଆ ହାଟକୁ ଯାଇ ଫେରୁଥିଲା। ଅଟୋରେ ୪ଜଣ ଥିଲେ । ଟୁକୁନାମୁଣ୍ଡା (୩୫), ସନାମୁଣ୍ଡା (୨୫), ଆଛି ମୁଣ୍ଡା ଓ ଅନ୍ୟ ଜଣେକୁନେଇ ହାଟଡିହି ବ୍ଲକ ଜାବିନିପୁର ଗାଁକୁ ଫେରୁଥିବା ବେଳେ ଅଟୋକୁ ଓସ୍ତପୁରାରୁ ଚିପ୍ସ ବୋଝେଇ କରି ସାତକୋଶିଆ ଯାଉଥିବା ହାଇଓ୍ୱା ଧକ୍କା ଦେଇଥିଲା । ଫଳରେ ଅଟୋ ରେ ଥିବା ଜାବିନିପୁର ଅଂଚଳର ୨ଟି ପରିବାର ର ଟୁକୁନାମୁଣ୍ଡା , ସନାମୁଣ୍ଡା ଓ ଆଛି ମୁଣ୍ଡା ଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ମହିଳା ଗୁରୁତର ହୋଇ କଟକ ସ୍ଥାନାନ୍ତର ହୋଇଛନ୍ତି । ଅଟୋ ଡ୍ରାଇଭରଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତି କରାଯାଇ ଚିକିତ୍ସା କରାଯାଉଛି। ଖବର ପାଇ ପୋଲିସ ପହଂଚି ତଦନ୍ତ ଆରମ୍ଭ କରିଛି ।

# ଡିଜେ ସାଉଣ୍ଡ ହେଲା କାଳ ! : ବରଯାତ୍ରୀ ଯିବାବେଳେ ହୃଦଘାତରେ ବର ପିତାଙ୍କ ମୃତ୍ୟୁ

ମାଲକାନଗିରି,୨୨/୦୪ (ନି.ପ୍ର): ମାଲକାନଗିରିରେ ଘଟିଯାଇଛି ଏକ ଦୁଃଖଦ ଘଟଣା । ପୁଅର ବାହାଘର ଦିନ ଚାଲିଗଲା ବାପାଙ୍କ ଜୀବନ । ବାହାଘର ଆରମ୍ଭ ହେବା ପୂର୍ବରୁ ଘଟିଗଲା ଅଘଟଣ । ଗତକାଲି ରାତିରେ ବରଯାତ୍ରୀ କନ୍ୟା ଘରକୁ ଯିବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ବରର ପିତାଙ୍କ ଅଚାନକ ମୃତ୍ୟୁ ଘଟିଥିଲା । ସୁଦୂର ଦିଲ୍ଲୀରୁ ମହେନ୍ଦ୍ର ରୋହିଲାଙ୍କ ପୁଅ ଅଙ୍କିତ ରୋହିଲା ମାଲକାନଗିରିର ଜଣେ ଝିଅକୁ ଫେସବୁକରେ ଭଲ ପାଇ ବସିଲେ। ଦୁହିଁଙ୍କ ମଧ୍ୟରେ ଘନିଷ୍ଠତା ବଢିବା ପରେ ଉଭୟେ ଜୀବନ ସାଥୀ ହେବା ନେଇ ନିଷ୍ପତି ନେଲେ । ଦୁହିଁଙ୍କ ପରିବାର ମଧ୍ୟରେ ବୁଝାମଣା ମଧ୍ୟ ସରିଲା । ଝିଅଟିର ବାପା ନଥିବା ବେଳେ ମାଆ ସବୁ କଥା ବୁଝୁଥିଲେ । ତେବେ ପୁଅ ଅଙ୍କିତର ପରିବାର ଏବଂ ସମ୍ପର୍କୀୟ ଦିଲ୍ଲୀରୁ ଆସି ମାଲକାନଗିରିର ଏକ ହୋଟେଲରେ ରହିଥିଲେ । ରାତିରେ ବାହାଘର ଥିବାରୁ ବରଯାତ୍ରୀ ହୋଟେଲରୁ ଡିଜେ ବାଜା ବଜାଇ କନ୍ୟା ଘରକୁ ଯିବାକୁ ସଜବାଜ ହେଲେ । ଡିଜେ ଶବ୍ଦରେ ସହର କମ୍ପୁଥିଲା । ଏହି ସମୟରେ ହଠାତ ବରର ବାପା ମହେନ୍ଦ୍ରଙ୍କ ହୃଦଘାତରେ ମୃତ୍ୟୁ ହୋଇଗଲା। ତୁରନ୍ତ ମେଡ଼ିକାଲ ନିଆଯାଇଥିଲେ ମଧ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ହୋଟେଲରେ ପୋଲିସ ପହଁଚି ପରିସ୍ଥିତିକୁ ବୁଝିବା ସହ ସମସ୍ତଙ୍କୁ ବୁଝାସୁଝା କରିଥିଲେ । ଏହି ଘଟଣା ପ୍ରଚାର ହେବା ପରେ ସହରରେ ଭିଡ଼ ଜମିଥିଲା । ପୋଲିସ କୌଣସି ମାମଲା ରୁଜୁ ନକରି ବର ପିତାର ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

# ବଲାଙ୍ଗୀର ଜିଲାରେ ନିଆଁ ବର୍ଷୁଛି, ୬ ଦିନ ହେଲା ଜଳଯୋଗାଣ ବ୍ୟାହତ

ବଲାଙ୍ଗୀର,୨୨/୦୪ (ନି.ପ୍ର): ବଲାଙ୍ଗିର ଦେଶରେ ସବୁଠାରୁ ଉତପ୍ତ ସ୍ଥାନରେ ପରିଚିତି ଲାଭ କରିଥିଲା ବେଳେ ଏଠରେ ଜନଜୀବନ ବ୍ୟତିବ୍ୟସ୍ତ ହୋଇ ପଡ଼ିଚି । ସକାଳ ହେବା ମାତ୍ରେ ଦିନର ତାପମାତ୍ରା ବଢ଼ିଯାଏ ସୂର୍ଯ୍ୟ ଙ୍କ କିରଣ ଓ ଉତପ୍ତ ବାୟୁ ପ୍ରବାହ ମୁହଁ ପୋଡି ଯାଉଚି। ଦିନରାତି ପ୍ରବଳ ଗରମରେ ବାହାରକୁ ବାହାରିବା ସମ୍ଭବ ହେଉନାହିଁ, ସକାଳ ୯ ଟା ପରେ ରାସ୍ତା ଘାଟ ଖାଲି ହୋଇ ଯାଉଛି । ଅନ୍ୟ ପଟରେ ଗତ ୫ ରୁ ୭ ଦିନ ହେଲା ବଲାଙ୍ଗିର ରେ ଜଳଯୋଗାଣ ବାଧା ପ୍ରାପ୍ତ ହୋଇଛି। ଖବର ନେବାରୁ ଜଣାଯାଏ ଯେ ବଲାଙ୍ଗିର କୁ ଜଳଯୋଗାଣ ହେଉଥିବା ତେଲ ନଦୀ ରେ ଜଳ ପ୍ରବାହ ଉପର ମୁଣ୍ଡରେ ଇନ୍ଦ୍ରାବତୀ ରୁ ପାଣି କମିଯାଇଥିବା ଯୋଗୁଁ ଏଠାକୁ ନଦୀରୁ ମୁଖ୍ୟ ପମ୍ପ୍ କୁ ଜଳା ଭାବ ଯୋଗୁଁ ଆବଶ୍ୟକ ଜଳ ହେଉନଥିବାରୁ ଯୋଗାଣ ପାଇଁ ଚଳାଇ ହେଇପାରୁନି ବୋଲି ଜିଲ୍ଲା ଜନସ୍ୱାସ୍ଥ୍ୟ ନିର୍ବାହୀ ଯନ୍ତ୍ରୀ କହିଛନ୍ତି। ଏଠରେ ଏକ କୃତ୍ରିମ ବନ୍ଧା ବାଲି ବସ୍ତା ମାନ ଦେଇ କରାଯାଇଛି ଲୋକ ଲଗାଇ ଯାହା ଆଗାମୀ କାଲି ସୁଦ୍ଧା ସମ୍ପୂର୍ଣ୍ଣ ହେଲେ ସମସ୍ୟା ଦୂରୀକରଣ ହୋଇ ପାରିବ ବୋଲି ସୂଚନା ମିଳିଛି । କାଲି ସନ୍ଧ୍ୟା ସୁଦ୍ଧା ଜଳଯୋଗାଣ ସ୍ୱାଭାବିକ ହୋଇପାରିବ ବୋଲି ସେମାନେ ଆଶା କରୁଛନ୍ତି।

# ଜଳଛତ୍ର ପାଣି ପିଇ ୩ ଅସୁସ୍ଥ

ମାଲକାନଗିରି, ୨୧ ଅପ୍ରେଲ (ହି.ସ.)- ଜଳଛତ୍ର ପାଣିରେ ବିଷ। ଜଳଛତ୍ର ପାଣି ପିଇ ତିନି ଜଣ ଗୁରୁତର ହୋଇ ମେଡ଼ିକାଲରେ ଚିକିତ୍ସିତ ହେଉଛନ୍ତି । କେହି ଜଣେ ଦୁର୍ବୃତ୍ତ ଜଳଛତ୍ର ପାଣିରେ ବିଷ ମିଶାଇ ଦେଇଥିବା ଅଭିଯୋଗ ଆସିଛି । ସମସ୍ତ ଗୁରୁତରଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଛି । ତେବେ ଏଠାରେ ପ୍ରଶ୍ନ ଉଠୁଛି ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଜଳଛତ୍ରରେ ବିଷ ମିଶାଇଲା କିଏ ଓ କ'ଣ ରହିଛି ତା'ର ଉଦ୍ଦେଶ୍ୟ ? ମାଲକାନଗିରି ଜିଲ୍ଲାର ଶିମିଳିବାଞ୍ଚା ପଚାଂୟତର ଏମପିଭି ୪୯ ଗ୍ରାମରେ ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଜଣାପଡ଼ିଛି ଯେ, ଗ୍ରାମବାସୀ ଓ ପଚାଂୟତର ସହଯୋଗରେ ଏମପିଭି ୪୯ ଗ୍ରାମର ଛକଠାରେ କିଛିଦିନ ପୂର୍ବରୁ ଏକ ଜଳଛତ୍ର ଖୋଲା ଯାଇଥିଲା । ଉକ୍ତ ଜଳଛତ୍ରର ରକ୍ଷଣାବେକ୍ଷଣ ଓ ପାଣି ଭର୍ତି କରିବା ପାଇଁ ଗ୍ରାମର ଜଣେ ମହିଳାଙ୍କୁ ନିଯୁକ୍ତ କରାଯାଇଥିଲା । ତେବେ ସବୁଦିନ ଭଳି ମହିଳା ଜଣକ ଜଳଛତ୍ରର ମାଟି ହାଣ୍ଡିରେ ପାଣି ଭରି ଅପରାହ୍ଣ ୩ଟା ସମୟରେ ନିଜ ଘରକୁ ଚାଲିଯାଇଥିଲେ । ଏହାପରେ କିଛି ଲୋକ ଉକ୍ତ ଜଳଛତ୍ରରୁ ପାଣି ପିଇଥିଲେ । ହଠାତ୍ କିଛି ସମୟ ପରେ ଜଣକ ପରେ ଜଣେ ସମସ୍ତେ ଅସୁସ୍ଥ ହୋଇପଡ଼ିଥିଲେ । ତେବେ ଉକ୍ତ ପାଣିରେ ଚାଷ କାର୍ଯ୍ୟରେ ବ୍ୟବହୃତ କୀଟନାଶକ ଔଷଧ ମିଶିଥିବା ଯାଂଚ୍ ରୁ ଜଣାପଡ଼ିଛି । ପ୍ରବଳ ଗ୍ରୀଷ୍ମ ତାପରୁ ରକ୍ଷା ପାଇବା ପାଇଁ ଲୋକମାନେ ଜଳ ଉପରେ ନିର୍ଭର କରୁଥିବା ବେଳେ ଏହି ଘଟଣାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି ।

# ସିପିଆଇ ପକ୍ଷରୁ ୧୩ ଦଫା ଦାବି ନେଇ ତହସିଲ କାର୍ଯ୍ୟାଳୟ ଘେରାଓ, ଦାବିପତ୍ର ପ୍ରଦାନ

ନୂଆପଡ଼ା,୨୨/୦୪ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ତହସିଲଦାର କାର୍ଯ୍ୟାଳୟକୁ ଭାରତୀୟ କମ୍ୟୁନିଷ୍ଟି ପାର୍ଟି ପକ୍ଷରୁ ୧୩ ଦଫା ଦାବୀ ନେଇ ଘେରାଉ କରିଛନ୍ତି। ଏହି ଉପଲକ୍ଷେ ଏକ ଶୋଭାଯାତ୍ର ଖଡ଼ିଆଳ ନଗର ପରିକ୍ରମା କରିଥିବା ବେଳେ ତାହାସିଦାର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବିକ୍ଷୋଭ ସଭାରେ ଆଶିଷ କାନୁନଗୋ ସିପିଆଇ ସାଧାରଣ ସମ୍ପାଦକ, ବଲାଙ୍ଗୀର ଜିଲ୍ଲାର ଗୋପାଳ ଭୋଇ, ନୂଆପଡା ଜିଲ୍ଲା ସଭାପତି ବଂଶୀଧର ପ୍ରଧାନୀ,କଳାହାଣ୍ଡି ସଞ୍ଜୟ ସୁନାନୀ, ସରୋଜିନୀ ପ୍ରଧାନୀ, ପାଣ୍ଡୁ ଭୋଇ, କମଳ ଭୋଇ ପ୍ରମୁଖ ଯୋଗ ଦେଇଥିଲେ। ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ,ଆୟକର ପ୍ରଦାନ କରୁନଥିବା ସମସ୍ତ ନାଗରିକଙ୍କୁ ରାସନ କାର୍ଡ଼ ପ୍ରଦାନ, ୨୦୦ ୟୁନିଟ ପର୍ଯ୍ୟନ୍ତ ବିଦ୍ୟୁତ ବ୍ୟବହାର ଉପଭୋକ୍ତାଙ୍କ ବିଦ୍ୟୁତ ବିଲ ଛାଡ଼, କୃଷି ଋଣ ଛାଡ଼, ଚାଷୀ ମୁଲିଆଙ୍କୁ ୨୦୦ ଦିନର କାମ ଯୋଗାଣ ସହ ୬୦୦ ଟଙ୍କା ମଜୁରୀ ପ୍ରଦାନ ଭଳି ୧୩ ଦଫା ଦାବୀ ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖଡ଼ିଆଳ ଅତିତିକ୍ତ ତହସିଲଦାର ଭୁପେନ୍ଦ୍ର ସିଂଙ୍କୁ ପ୍ରଦାନ କରିଛନ୍ତି।

# ରାଷ୍ଟ୍ରପତି ପୁରୀ ସାଂସଦଙ୍କ ବକ୍ତବ୍ୟ ସମ୍ପର୍କରେ ଦିଆଯାଇଥିବା ଚିଠିକୁ ଗ୍ରହଣକଲେ

ପୁରୀ,୨୨/୦୪ (ନି.ପ୍ର): ପୁରୀ ବଳିଆପଣ୍ଡାର ଜଗନ୍ନାଥଙ୍କ ଭକ୍ତ ସରୋଜ କୁମାର ମିଶ୍ରଙ୍କ ଚିଠିକୁ ଭାରତର ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଗ୍ରହଣ କରିଛନ୍ତି ବୋଲି ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି । ଏ ସଂପର୍କରେ ଇ-ମେଲ ଜରିଆରେ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟରୁ ପତ୍ର ଆସିଛି । ପୁରୀ ସାଂସଦ ପିନାକୀ ମିଶ୍ର ସଂସଦରେ ଦେଇଥିବା ବକ୍ତବ୍ୟ ଶ୍ରୀ ମିଶ୍ରଙ୍କୁ ମାନସିକ ଆଘାତ ଦେଇଥିବାରୁ ଏଥିନେଇ ଶ୍ରୀ ମିଶ୍ର ଚଳିତମାସ ୧୫ ତାରିଖରେ ଏକପତ୍ର ରାଷ୍ଟ୍ରପତିଙ୍କୁ ଇ-ମେଲ ଜରିଆରେ ପଠାଇଥିଲେ । ସଂସଦ ଭବନରେ ଅପରାଜିତା ଷଡ଼ଙ୍ଗୀଙ୍କ ବକ୍ତବ୍ୟ ଉପରେ ପୁରୀ ସାଂସଦ କିଛି କାମ ହେଉନି ୪ଟି ଶୌଚାଳୟ କରାଯିବ ବୋଲି କହିଥିଲେ ।

# ମେ ୩ ଅକ୍ଷୟ ତୃତୀୟା, ସଜେଇ ହେଉଛି ନରେନ୍ଦ୍ର ପୁଷ୍କରିଣୀ : ୨୧ ଦିନ ଚାପ ଖେଳିବେ ମହାପ୍ରଭୁ

ପୁରୀ,୨୨/୦୪ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାର ମାସରେ ତେର ଯାତ । ସେଥିମଧ୍ୟରୁ ଅକ୍ଷୟତୃତୀୟା ଓ ଚନ୍ଦନଯାତ୍ରା ଅନ୍ୟତମ। ଚଳିତବର୍ଷ ମେ ୩ ତାରିଖରେ ଅକ୍ଷୟତୃତୀୟା ଓ ଚନ୍ଦନଯାତ୍ରା ଶୁଭାରମ୍ଭ ହେବ । ୨୧ ଦିନ ଧରି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ବିମାନରେ ମଦନମୋହନ, ପାଲିଙ୍କରେ ରାମକୃଷ୍ଣ ଚନ୍ଦନ ଚକଡ଼ାକୁ ବିଜେ କରି ନରେନ୍ଦ୍ର ପୁଷ୍କରଣୀରେ ଚାପ ଖେଳିବେ । ଏଥିପାଇଁ ନରେନ୍ଦ୍ର ପୁଷ୍କରଣୀ ସଜେଇ ହେଉଛି। କେତେବେଳେ ମହାପ୍ରଭୁଙ୍କ ପାଦ ପଡ଼ିବ । କିଛି ଦିନ ପୂର୍ବରୁ ନରେନ୍ଦ୍ର ପୁଷ୍କରଣୀରୁ ଚାପ ଡ଼ଙ୍ଗା ପାଣିରୁ କଢାଯାଇଛି। ଗତ ଦୁଇବର୍ଷ ଧରି କରୋନା କଟକଣା ଯୋଗୁଁ ଭକ୍ତମାନେ ମହାପ୍ରଭୁଙ୍କ ଚାପ ଦର୍ଶନରୁ ବଞ୍ଚିତ ହୋଇଥିଲେ । ନରେନ୍ଦ୍ର ପୁଷ୍କରଣୀ ପାଣି ସଫା ହେବା ସହ ୧୦ ଜଣ ଶ୍ରମିକ ଏବେ ଚାପ ମନ୍ଦିର ରଙ୍ଗ କରିବାରେ ବ୍ୟସ୍ତ ରହିଛନ୍ତି । ବିଭିନ୍ନ ରଙ୍ଗରେ ମନ୍ଦିରକୁ ରଙ୍ଗାୟିତ କରାଯାଉଛି । ପୁଷ୍କରଣୀ ଚାରିପଟେ ଥିବା ବ୍ୟାରିକେଟ ଓ ଗ୍ରୀଲକୁ ଶ୍ରମିକ ମାନେ ସଫା କରିବା ସହ ଭଙ୍ଗା ସ୍ଥାନକୁ ମରାମତି କରୁଛନ୍ତି । ମହପ୍ରଭୁଙ୍କ ଚନ୍ଦନ ବେଢାକୁ ଆକର୍ଷଣୀୟ କରାଯିବା ସହ ଖରା ଦାଉରୁ ରକ୍ଷା କରିବା ପାଇଁ ଛାମୁଡ଼ିଆ ପ୍ରସ୍ତୁତି ଚାଲିଛି । ନରେନ୍ଦ୍ର ପୁଷ୍କରଣୀର ପାହାଚ ଗୁଡ଼ିକରୁ ଘସା ଯାଇ ଶିଉଳି ଛଡ଼ାଯାଉଛି । ପୁଷ୍କିରଣୀରେ ଭାସୁଥିବା ଆବର୍ଜନାକୁ ଝାଲି ସାହାର୍ଯ୍ୟରେ ସଫା କରୁଥିବା ଦେଖାଯାଇଛି । ଚାପ ମନ୍ଦିରରେ ଥିବା ପାର୍ଶ୍ୱ ଦେବାଦେବୀଙ୍କୁ ମଧ ରଙ୍ଗ କରାଯାଉଛି । ମଦନମୋହନ ,ରାମକୃଷ୍ଣଙ୍କ ସହିତ ପଞ୍ଚ ମହାଦେବ ୨୧ ଦିନ ଧରି ଦିନ ଓ ରାତି ଚାପ ଖେଳିବେ । ମହାପ୍ରଭୁଙ୍କ ପାଇଁ ଭଜନ ମଣ୍ଡପ ପ୍ରସ୍ତୁତ ହୋଇଛି । ପ୍ରତିଦିନ କଣ୍ଠଶିଳ୍ପୀମାନେ ଭଜନ ପରିବେଷଣ କରିବେ । ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତିକାନ୍ତି ମଧ ଚୂଡ଼ାନ୍ତ ହୋଇଛି । ଚନ୍ଦନଲାଗି,ବେଶ, ଦକ୍ଷିଣିଘର ଭୋଗ, ଯାତଭୋଗ ଆଦି ନୀତି ଶେଷପରେ ଶ୍ରୀମନ୍ଦିରରୁ ମଣି ବିମାନରେ ମଦନମୋହନ ବିଜେ କରିବେ ବୋଲି ନୀତି ପ୍ରସ୍ତୁତ ହୋଇଛି । ସମସ୍ତ କାର୍ଯ୍ୟ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଉଛି । ମେ ୩ରେ ମହାପ୍ରଭୁ ନରେନ୍ଦ୍ରରେ ଚାପ ଖେଳିବେ ।

# ପାଟଣାଗଡ଼ ଏନଏସିର ପ୍ରଥମ କାଉନ୍ସିଲ ବୈଠକ

ବଲାଙ୍ଗୀର,୨୨/୦୪ (ନି.ପ୍ର): ପାଟଣାଗଡ଼ ଏନଏସି ର ପ୍ରଥମ କାଉନ୍ସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି । ପାଟଣାଗଡ଼ ଏନ୍ଏସି କାର୍ଯ୍ୟାଳୟ ସଭାଗୃହଠାରେ ନବ ନିର୍ବାଚିତ କାଉନସିଲରମାନଙ୍କୁ ନେଇ ଏକ ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏନ୍ଏସି ଅଧକ୍ଷା ମାନସୀ ବିଶ୍ୱାଳଙ୍କ ଅନୁଷ୍ଠିତ ପ୍ରଥମ ଅଧିବେଶନରେ ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର ମୁଖ୍ୟଅତିଥି, ସାଂସଦଙ୍କ ପ୍ରତିନିଧି ସନ୍ତୋଷ ମେହେର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ବୈଠକରେ ପାଟଣାଗଡ଼ ସହରରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବ ସହ ତୁରନ୍ତ ଏହାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯିବା ନେଇ ନିଷ୍ପତ ନିଆଯାଇଥିଲା । ମୁଖ୍ୟତଃ ପାନୀୟ ଜଳ ସମସ୍ୟା, ଆଲୋକିକରଣ, ଟିକସ ଆଦାୟ ଉପରେ ଗୁରୁତ୍ୱ ଦେଇ ଅଧକ୍ଷା ଶ୍ରୀମତୀ ବିଶ୍ୱାଳ ଦୋକାନ ଗୁଡ଼ିକର ଭଡ଼ା ବୃଦ୍ଧି, ମୃତ ବ୍ୟକ୍ତିଙ୍କ ନାମରେ ଥିବା ଦୋକାନ ଗୃହଗୁଡ଼ିକର ମାଲିକାନା ପରିବର୍ତ୍ତନ, ହୋଲ୍ଡିଂ ଟିକସର ଭେଲୁଏସନ୍ ପାଇଁ ସରକାରଙ୍କୁ ଚିଠି ପ୍ରଦାନ, ଓମ୍ଫେଡ୍ କମ୍ପାନୀକୁ କଲେଜ ଛକଠାରେ ଏକ ଦୋକାନ ଗୃହ ଦେବା ପାଇଁ ଅନୁମତି ପ୍ରଦାନ, ସାପ୍ତାହିକ ପନିପରିବା ବଜାର, ସାଇକେଲ ଷ୍ଟାଣ୍ଡ, ବସଷ୍ଟାଣ୍ଡ ପାର୍କିଂ ଫି ଆଦାୟ ପାଇଁ ନିଲାମ ଡାକିବା, ଟ୍ରେଡ ଲାଇସେନ୍ସରେ ନୂତନ ବ୍ୟବସାୟୀମାନଙ୍କୁ ସାମିଲ କରିବା, ଭଡ଼ା ଘର ହିସାବରେ ଧାର୍ଯ୍ୟ କରିବା ସହ ୨୯୦ ଜଣ ଷ୍ଟ୍ରିଟ ଭେଣ୍ଡରଙ୍କୁ ପରିଚୟପତ୍ର ପ୍ରଦାନ ଓ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ୫ ଜଣ କର୍ମଚାରୀଙ୍କ ଦରମା ବୃଦ୍ଧି କରିବାକୁ ପ୍ରସ୍ତାବ ଦିଆଯାଇଥିଲା । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏନ୍ଏସି ଉପାଧକ୍ଷ ପ୍ରଫୁଲ୍ଲ କୁମାର ମେହେର, ଏନ୍ଏସି କାର୍ଯ୍ୟନିର୍ବାହ ଅଧିକାରୀ ଗୌରହରୀ ମହନ୍ତ, କନିଷ୍ଠ ଯନ୍ତ୍ରୀ ବରୁଣ ସା ଓ ଜଗନ୍ନାଥ ଗଡଡଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ ।

# ଶ୍ରୀମନ୍ଦିର ପରିକ୍ରମା ମାର୍ଗରେ କେନ୍ଦ୍ରୀୟ ଟିମ୍

ପୁରୀ,୨୨/୦୪ (ନି.ପ୍ର): ଆଜି ସକାଳୁ କେନ୍ଦ୍ର ସରକାରଙ୍କ ସଂସ୍କୃତି ପର୍ଯ୍ୟଟନ ଓ ପରିବହନ ବିଭାଗ ସଂସଦୀୟ କମିଟି ପୁରୀ ଗସ୍ତ କରିଛନ୍ତି । ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି । ଏହି ଟିମ୍‌ରେ ୨୨ ଜଣ ସଦସ୍ୟ ରହିଥିବାବେଳେ ଟି.ଜି.ଭେଙ୍କେଟେଶଙ୍କ ଅଧକ୍ଷତାରେ ଏହି ଟିମ୍ ପୁରୀ ଗସ୍ତରେ ଆସିଛି । ଦର୍ଶନ ପରେ ଗଣମାଧମକୁ ସୂଚନା ଦେଇଛନ୍ତି ଯେ ଶ୍ରୀମନ୍ଦିର ପରିକ୍ରମା ମାର୍ଗ ନିର୍ମାଣ କାର୍ଯ୍ୟ ବୁଲି ଦେଖିଲୁ । ରାଜ୍ୟ ସରକାର ,ଏଏସଆଇ ଓ ଶ୍ରୀମନ୍ଦିର ପ୍ରଶାସନ ମିଳିମିଶି ଭକ୍ତଙ୍କ ସୁବିଧା ପାଇଁ ଆଇନ ଅନୁଯାୟୀ କାର୍ଯ୍ୟ କରାଯାଉ ବୋଲି ମତ ଦେଇଥିଲେ । ଟିମ୍‌ରେ ଆସିଥିବା ସାଂସଦମାନେ ଶ୍ରୀମନ୍ଦିର ଭିତର ଓ ବାହାର ବୁଲି ଦେଖିଥିଲେ । ଏ ସଂପର୍କରେ କମିଟି ସଦସ୍ୟ ରାମଦାସ ତଡ଼ାସ୍ କହିଛନ୍ତି ଶ୍ରୀମନ୍ଦିର ଐତିହ୍ୟ କରିଡ଼ର ପ୍ରକଳ୍ପ ହେବା ଉଚିତ୍ । ଶ୍ରୀମନ୍ଦିର ପାରିପାର୍ଶ୍ୱିକ ଉନ୍ନତି ହେବା ଆବଶ୍ୟକ । କେନ୍ଦ୍ର ଓ ରାଜ୍ୟ ମିଶି ଏହି ବିକାଶକୁ ଆଗେଇ ନିଅନ୍ତୁ । ଅନ୍ୟତମ ସଦସ୍ୟ ସଂମ୍ଭାଜି ରାଓ ଛତ୍ରପତି କହିଛନ୍ତି ଶ୍ରୀମନ୍ଦିର ଓ କୋଣାର୍କରେ ଉନ୍ନତି ମୂଳକ କାର୍ଯ୍ୟରେ କିଛିଟା ସମସ୍ୟା ରହିଛି । ଏହି ଟିମଙ୍କ ସହ ଏଏସଆଇ ଏଡ଼ିଜି ଆଲୋକ ତ୍ରିପାଠୀ, ଏଏସଆଇ ସୁପରିଟେଣ୍ଡେଣ୍ଟ ଅରୁଣ ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ ।

# ଟ୍ୟାଙ୍କର ପାଣି ଯୋଗାଇବାକୁ ଦାବି

ଜୟପୁର,୨୨/୦୪ (ନି.ପ୍ର): ଗ୍ରୀଷ୍ମର ତାତି ସହିତ ବଢୁଛି ଜଳ ସଙ୍କଟ । ଉକ୍ଟ ହେଉଛି ପାନୀୟ ଜଳ ସମସ୍ୟା । ପାଣି ଟାଙ୍କି ଅଛି ହେଲେ ପାଇପରେ ଆସୁନି ପାଣି । ନଳକୂପ ଅଚଳ ହୋଇଥିବା ବେଳେ କୂଅ ବି ଶୁଖିଗଲାଣି । ସମାଧାନ ପାଇଁ ନେତା ଅଫିସର ସମସ୍ତଙ୍କୁ ଗୁହାରି କରି ବିଫଳ ହୋଇଛନ୍ତି ଜୟପୁର ବ୍ଲକର ଉମୁରି ପଂଚାୟତ ବାସିନ୍ଦା । ତେବେ ଜଳ ଯୋଗାଣ ପାଇଁ ପଦକ୍ଷେପ ନିଆଯାଉଛି ବୋଲି କହିଛନ୍ତି ଜୟପୁର ଉପଜିଲ୍ଲାପାଳ । କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ଅନ୍ତର୍ଗତ ଉମୁରି ପଂଚାୟତର ଉମୁରି ,ସୌରଗୁଡା, ମକାପୁଟ, ଏଫସିଆଇ କଲୋନୀ ସହିତ ପଂଚୟତ ହେଡକ୍ୱାର୍ଟରରେ ଜଳ ସଙ୍କଟ ଦେଖାଦେଇଛି । ଶତାଧିକ ପରିବାର ପାଇଁ ଗୋଟିଏ ନଳକୂପ ଯଥେଷ୍ଟ ହେଉନି । କୂଅ ପାଣି ପାଇଁ ସାହିର ମହିଳାଙ୍କ ଭିତରେ ଅସନ୍ତୋଷ ସୃଷ୍ଟି ହେଉଛି । ଉମୁରି ପଂଚାୟତ ରେ ବର୍ଷ ବର୍ଷ ଧରି ଲାଗି ରହିଛି ଜଳ ସମସ୍ୟା। ୫ହଜାର ରୁ ଉର୍ଦ୍ଧ ଲୋକ ପ୍ରଭାଭିତ ହେଉଛନ୍ତି। ତିନିମାସ ପୂର୍ବରୁ ଉମୁରି ଠାରେ ୧ଲକ୍ଷ ଲିଟର କ୍ଷମତା ପୂର୍ଣ୍ଣ ପାଣି ଟ୍ୟାଙ୍କ ନିର୍ମାଣ ସରିଛି। ହେଲେ ତାହା ବି କାର୍ଯ୍ୟକ୍ଷମ ହୋଇନି। ଫଳରେ ପାଣି ପାଇଁ ବାଧ ହୋଇ ପ୍ରତି ଦିନ ରାଜରାସ୍ତା ପାର ହେବାକୁ ପଡୁଛି। ଯେଉଁଠି ଜୀବନ ପ୍ରତି ବିପଦ ବି ରହୁଛି । ଏଣୁ ସମସ୍ୟାର ସମାଧାନ ପାଇଁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା । ଗତ କିଛିଦିନ ତଳେ ପାଇପରୁ ପାଣି ଆସୁଥିଲା। ମଟର ପୋଡିଯିବାରୁ ତାହା ଅଚଳ ହୋଇଛି । ଜଳ ଯୋଗାଣ ପାଇଁ ଆରଡବ୍ଲୁଏସଏସ୍ ପକ୍ଷରୁ ୪ଟି ନଳକୂପ ଖୋଳା ଆରମ୍ଭ ହେଲା । କିନ୍ତୁ ଜଳଉତ୍ସ ମିଳିନଥିବାରୁ ନିରାଶ ହେବାକୁ ପଡିଛି । ପ୍ରଶାସନ ପକ୍ଷରୁ ଚେଷ୍ଟା କରାଗଲେ ନିକଟରେ ଥିବା ରେଳବାଇ କଲୋନୀରୁ ଏଫସିଆଇ କଲୋନୀକୁ ପାଣି ପହଂଚି ପାରିବ ବୋଲି ସ୍ଥାନୀୟ ଲୋକେ ଉପଜିଲ୍ଲାପାଳଙ୍କୁ ମଧ ଦାବିପତ୍ର ଦେଇଛନ୍ତି। ତେବେ ଜୟପୁର ବିଡ଼ିଓଙ୍କ ସହ ଆଲୋଚନା କରି ଖୁବ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ଜୟପୁର ଉପଜିଲ୍ଲାପାଳ କହିଛନ୍ତି । ଗ୍ରାମାଂଚଳରେ ପାନୀୟ ଜଳ ଯୋଗାଣ ପାଇଁ ଗୁରୁତ୍ୱ ଦିଆଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା କହୁଛନ୍ତି ସରକାର କିନ୍ତୁ ଆଜିବି ଗ୍ରାମାଂଚଳ ରେ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରିନି ଯାହାର ଜ୍ୱଳନ୍ତ ଉଦାହରଣ ହେଉଛି ଉମୁରି ପଂଚାୟତ।

# ସ୍କୁଲ ବାହନ ଯାଂଚ ବେଳେ ୧୮ ଟି ଗାଡ଼ିରୁ ୨.୫ ଲକ୍ଷ ଆଦାୟ

ବଲାଙ୍ଗୀର,୨୨/୦୪ (ନି.ପ୍ର): ବଲାଙ୍ଗୀର ଜିଲ୍ଲାରେ ଆଜିଠାରୁ ଡକ ପରିବହନ ଓ ପୁଲିସ ଦ୍ୱାରା ସ୍କୁଲ ପିଲାଙ୍କୁ ନେଇ ଯାଉଥିବା ଗାଡ଼ି ଗୁଡିକର ଯାଂଚ ଆରମ୍ଭ ହୋଇଛି। ଆଜି ସକାଳେ ୧୯ ଟି ଗାଡ଼ି ଯାଂଚକରାଯାଇଥିଲା। ସେଥିରୁ ୧୮ ଗୋଟି ଗାଡିରୁ ୨.୫ ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଛି। ଏହି ଗାଡ଼ି ନେଇ ଯାଉଥିବା ୮ ଜଣ ଡ୍ରାଇଭର୍ ଙ୍କ ଡ୍ରାଇଭିଂ ଲାଇସେନ୍ସ ନଥିଲା। ରାଜ୍ୟରେ ବାରମ୍ବାର ଅଭିଯୋଗ ପରେ ପରିବହନ ବିଭାଗ କମିଶନାର ନିର୍ଦ୍ଦେଶ କ୍ରମେ ବିଭାଗ ପକ୍ଷରୁ ଯାଂଚ ଆରମ୍ଭ ହୋଇଛି। ଆଜି ବଲାଙ୍ଗିର ସଇଁତଳା ଓ ବଙ୍ଗୋମୁଣ୍ଡା ରେ ଚେକିଂ ହୋଇଥିଲା , ୬ ଟି ସ୍କୁଲ ବସ,୯ ଟି ଭ୍ୟାନ, ୪ ଟି ଅଟୋ କୁ ମିଶାଇ ୧୯ ଟି ଗାଡ଼ି ଯାଂଚ ହୋଇଥିଲା। ୧୦ ଟି ଗାଡିର ଫିଟନେସ ୪ ଟି ର ପର୍ମିଟ ,୯ ଟି ର ଆଇ ସି , ୫ ଟିର ପି ୟୁ ସି ୨ ଟି ର ଟ୍ୟାକ୍ସ ନଥିବା ଜଣା ପଡିଥିଲା। ଆଗକୁ ମଧ୍ୟ ଏହି ଯାଂଚ ପ୍ରକ୍ରିୟା ଜାରି ରହିବ ବୋଲି ଆର୍ ଟି ଓ ନିଖିଳ ପଟ୍ଟନାଏକ ସୂଚନା ଦେଇଛନ୍ତି।

# ଖପ୍ରାଖୋଲରେ ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର

ବଲାଙ୍ଗୀର ,୨୨/୦୪ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ କାର୍ଯ୍ୟାଳୟ ନୂତନ ସଭା ଗୃହଠାରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷା ଆଇନ, ଆଇସିଡ଼ିଏସ୍ ଯୋଜନା, ମମତା ଯୋଜନାର ୨୦୨୦/୨୧ଆର୍ଥିକ ବର୍ଷର ବ୍ଲକସ୍ତରୀୟ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଶ୍ମି ରଞ୍ଜନ ରାଉତ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ରୂପେ ତଥା ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ରୂପେ ପଟଣାଗଡ଼ ଉପଜିଲ୍ଲାପାଳ ଡା. ବିଜୟା ନନ୍ଦ ସେଠୀ, ସମ୍ମାନିତ ଅତିଥି ରୂପେ ବ୍ଲକ ଅଧକ୍ଷ୍ୟା ନିରୂପମା ପଟେଲ, ଉପାଧକ୍ଷ ଶୁଖିରାମ ସାଣ୍ଡ, ଜିଲାପରିସଦ ସଦସ୍ୟା ସଂଯୁକ୍ତା ମେହେର, ପ୍ରମିଳା ପାଥର, ସିଡ଼ିପିଓ ସୁଜାତା ଦୋରା ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଏପିଓ ସୁଧାଂଶୁ ମେହେର ସମସ୍ତଙ୍କୁ ସ୍ୱାଗତ କରିବା ସହ ଗାନ୍ଧୀଜୀଙ୍କ ଫୋଟୋ ଚିତ୍ରରେ ପୂଜା ସହ ସଭା ଆରମ୍ଭ ହୋଇଥିଲା । ପ୍ରଥମେ ବିଡିଓ ଜନଶୁଣାଣୀ ଉପରେ ସୂଚନା ପ୍ରଦାନ କରିବା ସହିତ ୨୦୨୦/୨୧ ଅର୍ଥିକ ବର୍ଷରେ ବ୍ଲକରେ ହୋଇଥିବା ମନରେଗା ଯୋଜନାର ପ୍ରକଳ୍ପ ଗୁଡିକ ଉପରେ ଆଲୋକପାତ କରିଥିଲେ, ସେହିପରି ସିଡ଼ିପିଓ ଆଇସିଡିଏସ୍ ଓ ମମତା ଯୋଜନାର ବିବରଣୀ ପଠନ କରିଥିଲେ । ଯୋଗାଣ ବିଭାଗ ତାରଫରୁ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ବିବରଣୀ ପଠନ କରାଯାଇଥିଲା । ସାମାଜିକ ସମୀକ୍ଷା ସମୟରେ ଦେଖାଯାଇଥିବା ଅନିୟମିତତା ଉପରେ ବିବରଣୀ ପ୍ରଦାନ କରାଯାଇଥିବା ବେଳେ ଜନ ସାଧାରଣ ବିଭିନ୍ନ ସମସ୍ୟା ଉପସ୍ଥାପନା କରିଥିଲେ । ସରପଂଚ, ସମିତି ସଭ୍ୟା ସଭ୍ୟ ମଧ ନିଜର ମତାମତ ରଖିଥିଲେ ଏହି ଅବସରରେ ମନରେଗା ଯୋଜନାରେ ତିନିଶହ ଦିନ ପୂରଣ କରିଥିବା ୧୯ଜଣ ଶ୍ରମିକଙ୍କୁ ବ୍ଲକ ପ୍ରଶାସନ ତରଫରୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଅଧିକ ତିନିଶହ ଦିନ, ଦୁଇଶହ ଦିନ, ଶହେ ଦିନ କାମ ଯୋଗେଇ ଥିବା ପଂଚାୟତ, ସରପଂଚ, ଜିଆଏସ୍, ଗାଁ ସାଥୀମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜନଶୁଣାଣୀ ଶେଷରେ ଉପଜିଲ୍ଲାପାଳ ସମସ୍ୟା ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କହିଥିଲେ । କାର୍ଯ୍ୟକ୍ରମକୁ ଅଭୟ ତ୍ରିପାଠୀ ପରିଚାଳନା କରିଥିବା ବେଳେ ବ୍ଲକ ସାମାଜିକ ସମୀକ୍ଷକ ଶ୍ରବଣ ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ । ଶୁଣାନୀରେ ପଂଚାୟତ ପ୍ରତିନିଧି, ଇଓ, ଜିଆଇଏସ୍, ସୁପର ଭାଇଜର, ଅଙ୍ଗନବାଡି କର୍ମୀ, ଯୋଗାଣ ସହାୟକ, ଅଣକୁଶଳୀ ଶ୍ରମିକ, ଭିଆଇପିମାନେ ଉପସ୍ଥିତ ଥିଲେ ।

# ସ୍ୱାଭିମାନ ଅଂଚଳରେ ମେଗା ସ୍ୱାସ୍ଥ୍ୟ ଶିବିର

ମାଲକାନଗିରି,୨୨/୦୪ (ନି.ପ୍ର): ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଂଚଳର ଜୋଡାମ୍ବ ଗ୍ରାମ ଠାରେ କୁଡୁମୁଲୁଗୁମ୍ମା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଓ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ମାଲକାନଗିରି ଆନୁକୂଲ୍ୟରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ସମାରି ଟାଙ୍ଗୁଲୁ ଓ ଚିତ୍ରକୋଣ୍ଡା ବ୍ଲକ ଚେୟାରମ୍ୟାନ ରାଜେଶ୍ୱରୀ ଖିଲ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଶୁଭ ଉଦଘାଟନ କରିଥିଲେ। ଏହି ସ୍ୱାସ୍ଥ୍ୟ ଶିବିରରେ ୫୧୭ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ସେମାନଙ୍କୁ ଔଷଧ ବଂଟନ ସହ ଉପଯୁକ୍ତ ପରାମର୍ଶ ଦିଆଯାଇଥିଲା । ସ୍ୱାସ୍ଥ୍ୟ ଶିବିରରେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଚିକିତ୍ସକ ଡା ଧନେଶ୍ୱର ମହାପତ୍ର, ଡ. ପ୍ରଫୁଲ୍ଲ କୁମାର ବେହେରା, କୁଡୁମୁଲୁ ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଡ ସଂନ୍ତୋଷ କୁମାର ଷଡ଼ଙ୍ଗୀ, ଡ଼. ମହେଶ ପ୍ରସାଦ ପତି, ଡ. ସୌମ୍ୟ ସାମଲ, ଜୋଡାମ୍ବ ସ୍ୱାସ୍ଥ୍ୟକେନ୍ଦ୍ରରୁ ଡ. ବିଜୟ କୁମାର ରାଉତଙ୍କ ସହ ବିପିଏମ ହରପ୍ରସାଦ ତାରିଣୀ ଯୋଗ ଦେଇଥିଲେ। ପଚାଂୟତ ସ୍ତରୀୟ ବହୁ ଅଧିକାରୀ ସରପଂଚ ଓ ଓ୍ୱାର୍ଡମେମ୍ବର ସଭ୍ୟ, ସମସ୍ତ ଆଶା, ଅଙ୍ଗନବାଡି କର୍ମୀ ସହଯୋଗ କରିଥିଲେ ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ ସଦାଶିବ ତ୍ରିପାଠୀଙ୍କ ୧୧୩ ତମ ଜୟନ୍ତୀ ପାଳିତ

ମାଲକାନଗିରି,୨୨/୦୪ (ନି.ପ୍ର): ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ. ସଦାଶିବ ତ୍ରିପାଠୀଙ୍କ ୧୧୩ ତମ ଜିଲ୍ଲା ସ୍ତରୀୟ ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ଜିଲ୍ଲା ସଦର ମହକୁମାସ୍ଥିତ ସରକାରୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବୀରସେନ ପ୍ରଧାନ, ସମ୍ମାନିତ ଅତିଥି ସରକାରୀ କନିଷ୍ଠ ବିଜ୍ଞାନ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଚନ୍ଦନ ମିଶ୍ର, ଅନ୍ୟତମ ଅତିଥି ମାଲକାନଗିରି ମହାବିଦ୍ୟାଳୟର ଅଧାପକ ଡ଼ଃ, ରଞ୍ଜନ କୁମାର ସ୍ୱାଇଁ, ସାମ୍ବାଦିକ ଦୁର୍ଯ୍ୟୋଧନ ପାତ୍ର ଓ ଶ୍ରୀ ରତ୍ନାକର ଦାଶ ପ୍ରମୁଖଙ୍କ ସହ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ ଡଃ. ସଦାଶିବ ତ୍ରିପାଠୀଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ ଡଃ. ସଦାଶିବ ତ୍ରିପାଠୀଙ୍କ ବହୁମୁଖୀ ପ୍ରତିଭା ସଂପର୍କରେ କହିବା ସହିତ ସ୍ମୃତି ଚାରଣ କରିଥିଲେ। ତତ୍ ସହିତ ଅନ୍ୟ ଅତିଥି ମାନେ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆୟୋଜିତ "ବିଭିନ୍ନ ବରପୁତ୍ରମାନଙ୍କର ସ୍ୱାଧୀନତା ଆନ୍ଦୋଳନରେ ଭୂମିକା" ସଂପର୍କରେ ବକ୍ତୃତା ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ପରିଶେଷରେ ଜିଲ୍ଲା ସାମାଜିକ ଓ ସାଂସ୍କୃତିକ ସଂଯୋଜକ ଏମ. ତେଜେସ୍ୱର ରାଓ ସଭାରେ ଉପସ୍ଥିତ ରହିଥିବା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# କୁଲୁ ମନାଲି



ଭାରତର ଅତ୍ୟନ୍ତ ମନୋରମ, ମନୋହର ଓ ଚମତ୍କାରୀ ପରିଦୃଶ୍ୟ ଯଦି କେଉଁଠାରେ ଦେଖିବାକୁ ମିଳେ, ତେବେ ସେ ସ୍ଥାନ ହିମାଚଳ ପ୍ରଦେଶ ବ୍ୟତୀତ ଆଉ କେଉଁଠି ହୋଇ ନପାରେ । ପର୍ଯ୍ୟଟକମାନଙ୍କର ସ୍ୱର୍ଗ କୁହାଯାଉଥିବା କୁଲାମନାଲିରେ ସମସ୍ତ ସୁବିଧା ରହିଛି ଯାହା ଅନ୍ୟ ପର୍ଯ୍ୟଟନ ସ୍ଥଳରେ ଅଛି ।





## କୁଲ୍ଲୁ

ଏଠାର ବିରଫାବୃତ ପର୍ବତ ଶିଖର ଆକାଶକୁ ଛୁଇଁବା ପରି ମନେହୁଏ ଓ ହ୍ରଦକୁ ଦେଖିଲେ ଆପଣ ନିଜର କ୍ଲାନ୍ତି ଭୁଲିଯିବେ । କୁଲ୍ଲୁ ଘାଟିକୁ ଦେବତାମାନଙ୍କ ଘାଟି ବୋଲି କୁହାଯାଏ । ବସନ୍ତ ଋତୁରେ ଏହି ସ୍ଥାନର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଯାଏ । ଏଠରେ ଗୋଲାପି ଓ ଧଳାଫୁଲ ଚାରିଆଡ଼େ ଫୁଟିଥିବାର ଦେଖାଯାଏ । ଶରତ ଋତୁରେ ନୀଳ ଆକାଶ ଏକଦମ୍ ନିର୍ମଳ ଦେଖାଯାଏ । ଥଣ୍ଡାଦିନ ଆସିଲେ ପାହାଡ଼ ଉପରେ ଧଳା ଚାଦର ପରି ବରଫ ବିଛେଇ ହୋଇଯାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା ପଶ୍ଚିମୀ ହିମାଳୟର ସବୁଠାରୁ ସୁନ୍ଦର ସ୍ଥାନ ଅଟେ । କୁଲ୍ଲୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର । ଏଠରେ ରୋରିଖ କଳାଦୀର୍ଘା । ଉରୁସବତୀ ହିମାଳୟ ଲୋକ କଳା ସଂଗ୍ରହାଳୟ ଓ ସାମ୍ଭଲା ବୌଦ୍ଧଥଂଗକା କଳା ସଂଗ୍ରହାଳୟ ଦେଖିବାପାଇଁ ସ୍ଥାନ ରହିଛି । ପୂଜାସ୍ଥଳରେ କାଳୀ ବାଡ଼ି ମନ୍ଦିର, ରଘୁନାଥ ମନ୍ଦିର, ବିଜଳୀ ମହାଦେବ ମନ୍ଦିର ଓ ବୈଷ୍ଣୋଦେବୀ ମନ୍ଦିର ନିଶ୍ଚିତ ଦେଖନ୍ତୁ ।

## ମିରକରନ୍

ଏଠାରେ ପୁରୁଣା ହିନ୍ଦୁ ମନ୍ଦିର ଓ ଗୁରୁଦ୍ୱାରା ଅଛି । ମନାଲୀରୁ ୮୫ ଓ କୁଲ୍ଲୁଠାରୁ ୪୫ କି.ମି ଦୂର ପର୍ବତ ଘାଟିରେ ପବିତ୍ର ତୀର୍ଥସ୍ଥଳ ରହିଛି । ଏକ ପୌରାଣିକ କଥା ଅନୁସାରେ ଭଗବାନ ଶିବଙ୍କ ପତ୍ନୀ ମାତା ପାର୍ବତୀଙ୍କର କାନର ଝୁମୁକା ଏହିଠାରେ ମିଳିଥିଲା । ତେଣୁ ଏହି ସ୍ଥାନର ନାମ ମନିକରନ ରଖାଯାଇଛି । ଏଠାରେ ପାର୍ବତୀ ନଦୀରେ ବରଫ ପରି ଥଣ୍ଡା ପାଣି ଆସିବା ସହିତ ଗରମ ପାଣିର ମଧ୍ୟ ଏକ ଝରଣା ରହିଛି । ଯେଉଁଠାରେ ଗାଧେଇଲେ ଅନେକ ବେମାରୀ ଦୂର ହୋଇଯାଏ ବୋଲି ମାନ୍ୟତା ରହିଛି ।



## ମନାଲି

ମାନବାଳୟ ଅର୍ଥାତ୍ ମନୁଙ୍କର ମନାଲି ନାମ ରଖାଯାଇଛି । ମନୁ ମାନବ ଜାତିର ପିତା ବୋଲି କୁହାଯାଏ । ସେ ତାଙ୍କର ଆବାସ ସ୍ଥାନ ବହୁତ ମନୋରମ ପରିବେଶକୁ ପସନ୍ଦ କରିଥିଲେ । ମନାଲି ଏବେ ମଧ୍ୟ ତାର ଆକର୍ଷଣ ଓ ସୁନ୍ଦରତା ସେହିପରି ଅପରିବର୍ତ୍ତିତ ରଖିଛି । ମନାଲି ଓ ତାର ପାର୍ଶ୍ୱବର୍ତ୍ତୀ କ୍ଷେତ୍ର ଲୋକଙ୍କୁ ଆକର୍ଷଣ କରିଥାଏ । ଏଠାରେ କୋଠି, ବନବିହାର, ତିବ୍ବତୀ ବଜାର ଓ ମାଲ୍, ରହାଲା ପ୍ରପାତ, ରୋହତାଙ୍ଗ ଦର୍ରା, ସୋଲାଙ୍ଗ ଘାଟି, ହିଡ଼ିମ୍ବା ଦେବୀ ମନ୍ଦିର, ଜଗତସୁଖ ମନ୍ଦିର ଇତ୍ୟାଦି ଦର୍ଶନୀୟ ସ୍ଥାନ ରହିଛି । ମନାଲି କୁଲ୍ଲୁ ଘାଟିରେ ଅବସ୍ଥିତ ଓ ଏଠାକୁ ସବୁଠାରୁ ଅଧିକ ପର୍ଯ୍ୟଟନମାନେ ଆସିଥାନ୍ତି । ଏହା ସମୁଦ୍ର ପତ୍ତନଠାରୁ ୨୦୫୦ ମିଟରର ଉଚ୍ଚତାରେ ଅବସ୍ଥିତ ଓ ବ୍ୟାସ ନଦୀ କୂଳରେ ରହିଛି । ମନାଲିରୁ ୬ କି.ମି. ଦୂରରେ ଶୀକାରା ଶୈଳୀରେ ପ୍ରସିଦ୍ଧ ଶିବ ମନ୍ଦିର ରହିଛି । ମନାଲି ଚମତ୍କାର ଗୁମ୍ଫା ଓ ବୌଦ୍ଧ ମଠ ପାଇଁ ପ୍ରସିଦ୍ଧ । ସୁନ୍ଦର ରାହାଲା ଝରଣା ୨୫୦୧ ମିଟର ଉଚ୍ଚରୁ ପ୍ରବାହିତ ହେଉଛି ।

## କିପରି ଯିବେ

ଏହାର ସବୁଠାରୁ ପାର୍ଶ୍ୱବର୍ତ୍ତୀ ରେଲୱେ ଷ୍ଟେସନ ଚଣ୍ଡିଗଡ଼, ସିମଲା, ଜୋଗିନ୍ଦର ନଗର ଅଟେ । ସେହିପରି ସଡ଼କ ମାର୍ଗରେ ଗଲେ ଟ୍ୟାକ୍ସି ଓ ଲଗ୍‌ଜରୀ ବସ୍ ଦିଲ୍ଲୀ, ଚଣ୍ଡିଗଡ଼, କୁଲ୍ଲୁରୁ ଚାଲୁଛି । ମନାଲିରୁ ଫେରିବା ପାଇଁ ମଧ୍ୟ ବସ୍ ସେବା ଉପଲବ୍ଧ ଅଛି । ଏହାର ପାର୍ଶ୍ୱବର୍ତ୍ତୀ ଏୟାର ପୋର୍ଟ ଭୁଁତରରେ ଅଛି । ଏହା କୁଲ୍ଲୁରୁ ୧୦ କିମି ଓ ମନାଲିରୁ ୫୦ କିମି ଦୂର ଅଟେ ।

## କେଉଁଠି ରହିବେ

ହୋଟେଲ ମନାଲ୍ୟୁସ, ହୋଟେଲ କୈସଳା ନଗର, ହୋଟେଲ କପଞ୍ଜମ ମନାଲି ତଥା ମନାଲି ହଟସ । ଅନ୍ୟ ହୋଟେଲ ପାଇଁ ମନାଲି ସ୍ଥିତ ପର୍ଯ୍ୟଟନ କେନ୍ଦ୍ର ସହିତ ସମ୍ପର୍କ କରନ୍ତୁ ।

# ପାଣି କଳରୁ ଗୋଲାପି ଜଳ



ଯୁକ୍ତରାଷ୍ଟ୍ର ଆମେରିକା ଅର୍ନ୍ତଗତ ଓହିଓର କୋଲ୍ ଗ୍ରୋଭର ବାସିନ୍ଦାମାନେ କିଛି ଦିନ ତଳେ ସକାଳୁ ନିଜ ନିଜ ଘରେ ଥିବା ପାଣି-କଳ ଖୋଲି, ଚକିତ ହୋଇଗଲେ । ସମସ୍ତଙ୍କ ଟାପ୍‌ରୁ ବାହାରୁଥିବା ଗୋଲାପୀ ରଂଗର ଜଳ । କେହି କିଛି ବୁଝିପାରିଲେ ନାହିଁ । ଜଳ ଯୋଗାଣ ସଂସ୍ଥାକୁ ଖବର ଗଲା । ଜଣାପଡ଼ିଲା ଯେ, ବିଶୋଧନ କାରଖାନାର ଗୋଟିଏ ଯନ୍ତ୍ର ଅଚଳ ହୋଇଯିବାରୁ ଅଧିକ ପରିମାଣର ସୋଡ଼ିଅମ୍ ପରମାଂଗାନେଟ୍ ମିଶି ପାଣିର ରଂଗ ଗୋଲାପୀ ପାଲଟିଯାଇଛି । କାରଖାନାରେ ପ୍ରତିଦିନ ତିନି କିଲୋଗ୍ରାମ ସୋଡ଼ିଅମ୍ ପରମାଂଗାନେଟ୍ ପାଣିରେ ମିଶାଯାଏ । ସେହି ଦିନ ଯନ୍ତ୍ର ଅଚଳ ହୋଇଥିବା ଜଣା ନ ପଡ଼ିବାରୁ ପ୍ରାୟ ପଚାଶ କିଲୋଗ୍ରାମ ଓଜନର ଏହି ରାସାୟନିକ ଦ୍ରବ୍ୟ ମିଶିଯାଇଥିଲା । ସୋଡ଼ିଅମ୍ ପରମାଂଗାନେଟ୍ ଏକ ବିଶୋଧକ । ଏହା ଦ୍ୱାରା ଜଳରୁ ଲୌହ ଓ ମାଂଗାନିଜ ବିଶୋଧନ କରାଯାଏ । ତେବେ ଅଧିକ ପରିମାଣର ସୋଡ଼ିଅମ୍ ପରମାଂଗାନେଟ୍‌ଯୁକ୍ତ ପାଣି ପିଇଲେ ବି ମଣିଷର କୌଣସି କ୍ଷତି ହେବନାହିଁ ବୋଲି ସେଠାକାର ଜଳ ଯୋଗାଣ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ଦେଇଥିବା ପ୍ରକାଶ ।

# ଔଷଧୀୟ ବୃକ୍ଷଲତା







ବାଡ଼ି ବଗିଚାରେ ତୁଳସୀ, ଥାଲକୁଡ଼ି, ଅମରପୋଇ, ବାସଙ୍ଗ, ବାଡ଼ିଅଁଳା, ଚିରେଇତା, ମଂଜୁଆତି, ପୁଦିନା, ଘିକୁଆଁରୀ, ଅରଖ, ବେଲ, ସଜନା, ଭୃର୍ସୁଙ୍ଗ, ବ୍ରାହ୍ମୀ ଆଦି ବୃକ୍ଷଲତା ଗୁଳ୍ମ ଦେଖିବାକୁ ମିଳେ । ଏଗୁଡ଼ିକୁ ସାଧାରଣତଃ ଅନାବନା ଭାବେ ଏଣେତେଣେ ଉଠିଥାନ୍ତି । ମାତ୍ର ଔଷଧୀୟ ଗୁଣରେ ଭରପୁର । ଚିହ୍ନଟ କରି ଏସବୁ ବୃକ୍ଷଲତାକୁ ଯତ୍ନର ସହିତ ବାଡ଼ିର ଗୋଟିଏ ନର୍ଦ୍ଦିଷ୍ଟ ସ୍ଥାନରେ ଲଗାନ୍ତୁ । ଅନେକ ଉପକାର ମିଳିବ । ଏସବୁ ବୃକ୍ଷ ବଜାରରୁ କିଣି ମଧ୍ୟ ନିଜ ବଗିଚାରେ କିଂବା କୁଣ୍ଡରେ ଲଗାଇ ଚାଷ କରିପାରିବେ । ଗଛ ଲଗାଇସାରିବା ପରେ ଆବଶ୍ୟକତା ଅନୁସାରେ ସାର ଓ ଖତକୁ ମାଟିରେ ମିଶାଇ ଉପଯୁକ୍ତ ସମୟ ବ୍ୟବଧାନରେ ପ୍ରୟୋଗ କରନ୍ତୁ । ଲତାଜାତୀୟ ଗଛଗୁଡ଼ିକୁ ବାଡ଼ି ମଝିରେ ନ ଲଗାଇ, ଚାରିପାଖ ବାଡ଼ କିଂବା ଖୁଂଟକୁ ଲଗାଇ ପୋତନ୍ତୁ । ଏହାଦ୍ୱାରା ସେଗୁଡ଼ିକ ସହଜରେ ବଢ଼ିପାରିବେ । ସଜନା, ପସାରୁଣି, ପୋଦିନା, ବ୍ରାହ୍ମୀ ଆଦିର ଡାଳ ପୋତିଦିଅନ୍ତୁ, ଅଙ୍କୁରିତ ହେବ । ସେହିପରି ତୁଳସୀ, ନିମ୍ବ, ଡାଳିମ୍ବ, ଅଁଳା ଆଦିର ଉତ୍ତମ କିସମ ମଂଜି କିଂବା ଚାରା ଲଗାନ୍ତୁ ।



# ଗୋଟିଏ ଗଛରେ ୪୦ ପ୍ରକାର ଫଳ



ଆମେ ସମସ୍ତେ ଜାଣିଛନ୍ତି ଯେ ଗୋଟିଏ ଗଛରେ ଗୋଟିଏ ପ୍ରକାରର ଫଳ ଫଳିଥାଏ । କିନ୍ତୁ ଦୁନିଆରେ ଏମିତି ଏକ ସ୍ଥାନ ରହିଛି ଯେଉଁଠି ଗୋଟିଏ ଗଛରେ ୪୦ ପ୍ରକାରର ଫଳ ହୁଏ । ଆପଣ ଏହି କଥାକୁ ବିଶ୍ୱାସ କରିପାରୁନଥିବେ କିନ୍ତୁ ଏହା ସତ୍ୟ । ଆଶ୍ଚର୍ଯ୍ୟ ଲାଗୁଥିବା ଏହି ଗଛ ଆମେରିକାର ଏକ ଭିଜୁଆଲ ଆର୍ଟସର ପ୍ରଫେସର ତିଆରି କରିଛନ୍ତି । ଏହି ଅଦ୍ଭୁତ ଗଛ 'ଟି ଅଫ୍ ୪୦' ନାମରେ ପ୍ରସିଦ୍ଧ । ଏହି ଅନୋଖା ଗଛର ମୂଲ୍ୟ ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ଏହାର ଦାମ୍ ୧୯ ଲକ୍ଷ ଟଙ୍କା । ଆମେରିକାର ସେରାକ୍ୟୁଜ୍ ୟୁନିଭର୍ସିଟିର ଭିଜୁଆଲ ଆର୍ଟସର ପ୍ରଫେସର ସୈମଓ୍ୱର୍ଣ୍ଣ ଏକେନ୍ ଏଡି ଅଦ୍ଭୁତ ଗଛର ଜନକ ଅଟନ୍ତି । ଏହି ଗଛକୁ ବିକଶିତ କରିବା ପାଇଁ ସେ ବିଜ୍ଞାନର ସାହାଯ୍ୟ ନେଇଛନ୍ତି । ସେ ନ୍ୟୁୟର୍କ ରାଜ୍ୟର କୃଷି ପ୍ରୟୋଗରେ ଏକ ବୃକ୍ଷ ଦେଖିଥିଲେ ଯେଉଁଥିରେ ଦୁଇଶହ ପ୍ରକାରର କୋଳି ଓ ଖୁଦାନୀ(ଆଡୁ)ର ଗଛ ଥିଲା, ସେ ବଗିଚାଟି ଆର୍ଥିକ ଅଭାବରୁ ବନ୍ଦ ହେବାକୁ ଯାଉଥିଲା । ସେଥିରେ ଅନେକ ପ୍ରାଚୀନ ଓ ଦୁର୍ଗମ ପ୍ରଜାତିର ବୃକ୍ଷ ଥିଲେ । ସେ ଏହି କାର୍ଯ୍ୟ ୨୦୦୮ ମସିହାରୁ ଆରମ୍ଭ କରିଛନ୍ତି ।

# ଆମ୍ବ ଖାଇବା ପରେ ଏଇ ସବୁ ଖାଦ୍ୟକୁ ବାରଣ କରନ୍ତୁ

ଆମ୍ବ ପ୍ରାୟତଃ ଅନେକ ଲୋକଙ୍କର ପ୍ରିୟ ଖାଦ୍ୟ ହୋଇଥାଏ । ଗରମ ଦିନରେ ଆମ୍ବ ଖାଇବାକୁ ସମସ୍ତେ ପସନ୍ଦ କରିଥାନ୍ତି । ଆମ୍ବ ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ । ଆମ୍ବରେ ଆଣ୍ଟି, ଅକ୍ସିଡେଣ୍ଟ, ପ୍ରୋଟିନ୍, ଭିଟାମିନ୍ ଏ, ବି, ସି ପ୍ରଚୁର ପରିମାଣରେ ଥାଏ । ଯାହା ଆମର ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ ମଧ୍ୟ କରିଥାଏ । କିନ୍ତୁ ଆମ୍ବ ଖାଇବା ସହିତ କେତୋଟି ଜିନିଷ ଉପରେ ଧ୍ୟାନ ଦେବା ଉଚିତ୍ ନହେଲେ ଏହା ଶରୀରକୁ ହାନି ପହଞ୍ଚେଇଥାଏ । ଆମ୍ବ ଖାଇବା ପରେ କେତୋଟି ଜିନିଷକୁ ବାରଣ କରାଯାଇଛି ଆସନ୍ତୁ ଜାଣିବା ସେ ସମ୍ପର୍କରେ ।

**କଲରା :** ଆମ୍ବ ଖାଇବାର ୩ରୁ ୪ ଘଂଟା ମଧ୍ୟରେ କଲରା ଖାଆନ୍ତୁ ନାହିଁ । ଆମ୍ବ ମିଠା ଓ କଲରା ପିତା ହୋଇଥିବାରୁ ଦୁଇଟି ଜିନିଷର ମିଶ୍ରଣରୁ ରିଆକ୍ସନ ହୋଇପାରେ । ଆମ୍ବ ଖାଇବା ପରେ କଲରା ଖାଇବା ଦ୍ୱାରା ଏକ ପ୍ରକାର ବିଷାକ୍ତ ପଦାର୍ଥ ଶରୀରରେ ବ୍ୟାପିଥାଏ । ଏହି ବିଷାକ୍ତ ପଦାର୍ଥ ଯୋଗୁଁ ବାନ୍ତି ହୋଇଥାଏ ।



**କଂଚା ଲଙ୍କା :** ଯଦି ଆପଣ ଆମ୍ବ ଖାଇବାର ଅଳ୍ପ ସମୟ ମଧ୍ୟରେ ଲଙ୍କା ଖାଉଛନ୍ତି ତେବେ ଏହା ଆପଣଙ୍କ ପାଇଁ ହାନିକାରକ ହେବ । ଏହା ଦ୍ୱାରା ପେଟର ଜ୍ୱଳନ ଓ ଆହାର ଅନେକ ସମସ୍ୟା ଦେଖାଦେବାର ସମ୍ଭାବନା ରହିଛି ।

**ଦହି :** ଆମ୍ବ ଖାଇବାର ୨ରୁ ୩ ଘଂଟା ମଧ୍ୟରେ ଦହି କିମ୍ବା ଦହିରେ ତିଆରି କୌଣସି ଜିନିଷ ଖାଆନ୍ତୁ ନାହିଁ । ଏହାଦ୍ୱାରା ରିଆକ୍ସନ ହୋଇଥାଏ ।

# ସମୁଦ୍ରରେ ବୁଡ଼ି ଯାଉଥିବା ମନ୍ଦିର



ଆମ ଦେଶ ବିଭିନ୍ନ ଧାର୍ମିକ ଆସ୍ଥାର ଦେଶ ଅଟେ । ଏଠାରେ ବିଭିନ୍ନ ଜାତିର ଲୋକମାନେ ରହନ୍ତି ଓ ସେମାନଙ୍କର ମାନ୍ୟତା ମଧ୍ୟ ଅଲଗା । ସେଥିପାଇଁ ବିଭିନ୍ନ ମାନ୍ୟତା ଅନୁସାରେ ମନ୍ଦିର ଓ ତାର କାହାଣୀ ମଧ୍ୟ ଅଲଗା ଅଲଗା ଥାଏ । ଏପରି ଅନେକ ମନ୍ଦିର ରହିଛି ଯାହା ଆଜି ବି ରହସ୍ୟମୟ । ଏପରି ଏକ ମନ୍ଦିର ଅଛି ଯେଉଁ ମନ୍ଦିର ଦିନରେ ଦୁଇଥର ଦୃଶ୍ୟ ହୋଇଯାଏ । ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଥିବ, କିନ୍ତୁ ଏହା ସତ୍ୟ । ଏହି ମନ୍ଦିର ଗୁଜୁରାଟର ବରୋଦା ସହରରୁ ୬୦ କି.ମି ଦୂର କବି କମ୍ବୋଇ ଗାଁରେ ଅବସ୍ଥିତ ଓ ଏହା ସ୍ତମ୍ଭେଶ୍ୱର ମହାଦେବ ମନ୍ଦିର ନାମରେ ପ୍ରସିଦ୍ଧ । ଏଠାରେ ଶିବଙ୍କର ଲିଙ୍ଗ ପୂଜା ପାଆନ୍ତି ଯାହାକୁ ଦେଖିବାକୁ ଦେଶ ଓ ବିଦେଶରୁ ପର୍ଯ୍ୟଟକମାନେ ଆସନ୍ତି । ଏହା ପାଖାପାଖି ୧୫୦ ବର୍ଷର ମନ୍ଦିର । ଏହାର ଆରବ ସାଗର ଖମ୍ବାତର କୂଳରେ ଅବସ୍ଥିତ ଓ ଏହି ମନ୍ଦିର ଦନରେ ଦୁଇଥର ଆଖି ସାମ୍ନାରେ ଅଦୃଶ୍ୟ ହୋଇଯାଏ । କାରଣ ସମୁଦ୍ରରେ ଆସୁଥିବା ଜୁଆର ସମୟରେ ମନ୍ଦିର ବୁଡ଼ିଯାଏ ଓ ଜୁଆର ଚାଲିଗଲେ ଏହି ମନ୍ଦିର ଦେଖାଯାଏ । ଯେତେବେଳେ ଏହା ଦୃଶ୍ୟମାନ ହୁଏ ସେତେବେଳେ ଲୋକମାନେ ଦର୍ଶନ ପାଇଁ ଯାଇଥାନ୍ତି । ଏହା ବ୍ୟତୀତ ଏଠାକୁ ଯିବା ପାଇଁ ଟିକେଟ ବ୍ୟବସ୍ଥା ମଧ୍ୟ ଅଛି ଓ ସମୟ ମଧ୍ୟ କୁହାଯାଏ । ଯେଉଁ ସମୟରେ ଜୁଆର ଆସେ ଦର୍ଶନ କରିବାକୁ ସମୁଦ୍ର ଭିତରକୁ ନଯିବା ପାଇଁ ମଧ୍ୟ ଉପଦେଶ ଦିଆଯାଇଥାଏ । ଅନେକ ଲୋକ ମନ୍ଦିର ବୁଡ଼ିଥିବା ଅବସ୍ଥାରେ ଯିବାକୁ ଚେଷ୍ଟା କରିଛନ୍ତି କିନ୍ତୁ ବିଫଳ ହୋଇଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ନୂଆ ଧାରାରେ ବିଶ୍ୱ....

ୟୁକ୍ରେନ୍‌ର ଗୁରୁତ୍ୱପୂର୍ଣ୍ଣ ସହର ମାରିଉପୋଲିକୁ ରୁଷ ସେନା ସଂପୂର୍ଣ୍ଣ ଓ ରୂପେ ଦଖଲ କରିନେବା ରୁଷିଆର ଏକ ବିରାଟ ସଫଳତା ବୋଲି ଘୋଷଣା କରିଛନ୍ତି ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ । ଏହି ସହର ଦଖଲ କରିବା ସକାଶେ ଦୀର୍ଘ ଦେଢ଼ ମାସ ଧରି ରୁଷ ସେନା ଅକ୍ଳାନ୍ତ ଉଦ୍ୟମ ଚଳାଇଥିଲେ ଏବଂ ଏଥିପାଇଁ ସେମାନଙ୍କୁ ବେଶ ମୂଲ୍ୟ ଦେବାକୁ ପଡ଼ିଛି । ତେଣୁ ମାରିଉପୋଲ ଦଖଲ ପରେ ରୁଷ ସେନାଙ୍କୁ ରାଷ୍ଟ୍ରପତି ପୁଟିନ୍ ବଧେଇ ଜଣାଇବା ସହ ସେମାନଙ୍କ ଏହି ସଫଳତା ଦେଶ ପାଇଁ ଗର୍ବ ଓ ଗୌରବର କଥା ବୋଲି କହିଛନ୍ତି । ଇତିମଧ୍ୟରେ ୟୁକ୍ରେନ୍ ଉପରେ ରୁଷିଆର ସେନା କାର୍ଯ୍ୟାନୁଷ୍ଠାନ ଦୁଇ ମାସ ପୂର୍ଣ୍ଣ ହେବାକୁ ଯାଉଛି ଏବଂ ଏହି ଦୁଇ ମାସ ମଧ୍ୟରେ ୟୁକ୍ରେନ୍‌ର ଅଧିକାଂଶ ସହର ଧୂଳିସାତ୍ ହୋଇସାରିଛି । ଲକ୍ଷ ଲକ୍ଷ ୟୁକ୍ରେନ୍ ନାଗରିକ ଏବେ ନିଜର ଘରଦ୍ୱାର ଓ ଦେଶ ଛାଡ଼ି ଅନ୍ୟ ଦେଶରେ ଶରଣାର୍ଥୀ ଭାବେ ଆଶ୍ରୟ ନେଇଛନ୍ତି । କିନ୍ତୁ ଯୁଦ୍ଧର ଅନ୍ତ କେବେ ଘଟିବ ତାହା ନିର୍ଦ୍ଦିଷ୍ଟ ଭାବେ ଅନୁମାନ କରାଯାଇ ପାରୁନାହିଁ । ଯଦିଓ ଏହି ଯୁଦ୍ଧର ବାସ୍ତବ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ତଥାପି ରୁଷିଆ ଖୋଲାଖୋଲି ଭାବେ ଘୋଷଣା କରିଛି ଯେ, ୟୁକ୍ରେନ ୟୁରୋପୀୟ (ନାଟୋ ମେଣ୍ଟ) ସାମରିକ ସହଯୋଗରୁ ମୁକ୍ତ ନହେବା ପର୍ଯ୍ୟନ୍ତ ଏହି ଯୁଦ୍ଧ ଜାରି ରହିବ । ଏଥିରୁ ଗୋଟିଏ କଥା ଅନୁମାନ କରିହେବ ଯେ, ୟୁକ୍ରେନକୁ ନାଟୋ ମେଣ୍ଟରେ ସାମିଲ କରାଇ ନଦେବା ହେଉଛି ରୁଷିଆର ଉଦ୍ଦେଶ୍ୟ । ଏହା ଘଟିଲେ ରୁଷିଆ ପାଇଁ ନାଟୋ ପକ୍ଷରୁ ସାମରିକ ବିପଦ ବୃଦ୍ଧି ପାଇବାରେ ଯଥାର୍ଥତା ରହିଛି । ତେଣୁ ରୁଷିଆ ନିଜର ସ୍ୱାର୍ଥ ଦୃଷ୍ଟିରୁ ଏଭଳି ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ବୋଲି ଯୁକ୍ତି ଦର୍ଶାଇ ଚାଲିଛି । ୟୁକ୍ରେନ୍ ଯୁଦ୍ଧ ପୁଣି ଥରେ ବିଶ୍ୱବାସୀଙ୍କୁ ଚେତାଇ ଦେଇଛି ଯେ, ପୃଥିବୀରୁ ମହାଶକ୍ତିମାନଙ୍କ ସାମରିକ ପ୍ରତିଯୋଗିତା ବନ୍ଦ ହୋଇନାହିଁ । ସେମାନେ ଛୋଟ ଛୋଟ ରାଷ୍ଟ୍ରମାନଙ୍କୁ ନିଜର କୂଟନୈତିକ ଓ ସାମରିକ ଜାଲରେ ଛନ୍ଦି ନିଜର ବାହୁବଳ କଷିବାରେ ସିଦ୍ଧହସ୍ତ । ଇତିପୂର୍ବରୁ ଆମେରିକା ଅନ୍ୟତ୍ର ଯାହା କରିଥିଲା ରୁଷିଆ ଏବେ ତାହାର ପୁନରାବୃତ୍ତି ଘଟାଇଛି । ବୃହତ୍ ଶକ୍ତିମାନେ ବିଶ୍ୱ ଜନମତ କିମ୍ବା ପରାମର୍ଶକୁ ତିଳେହେଲେ ସମ୍ମାନ ପ୍ରଦର୍ଶନ କରନ୍ତି ନାହିଁ । ତେଣୁ ମିଳିତ ଜାତିସଂଘର ଶକ୍ତ ଚେତାବନୀ ସଙ୍ଗେ ତଥା ବାରମ୍ବାର ଶାନ୍ତି ଆଲୋଚନା କରାଯିବା ପରେ ସୁଦ୍ଧା ସେଥିରୁ କୌଣସି ପ୍ରକାର ସୁଫଳ ମିଳିପାରୁନାହିଁ । କୌଣସି ପକ୍ଷ ନିଜ ଜିଦରୁ ହଟିବାକୁ ନାରାଜ । ଆଶଙ୍କା କରାଯାଉଥିଲା ଯେ ୟୁକ୍ରେନକୁ ଧ୍ୱଂସ କରିବା କିମ୍ବା ଅକ୍ତିଆର କରିବାକୁ ରୁଷ ସେନାଙ୍କୁ ବେଶୀ ସମୟ ଲାଗିବ ନାହିଁ । କିନ୍ତୁ ତାହା ଇତିମଧ୍ୟରେ ଭୁଲ୍ ବୋଲି ପ୍ରମାଣିତ ହୋଇଛି । ପ୍ରାରମ୍ଭିକ ପର୍ଯ୍ୟାୟରେ ରୁଷ ସେନା ଯେତିକି ମାତ୍ରାରେ ଆଗକୁ ଅଗ୍ରସର ହେଉଥିଲେ ତାହା ଧୁମେଇ ଯାଇଛି ଏବଂ ଯୁଦ୍ଧରେ ଅଧିକରୁ ଅଧିକ ମାରଣାସ୍ତ୍ର ଉପଯୋଗ କରାଯିବା ସତ୍ତ୍ୱେ ୟୁକ୍ରେନ୍ ସେନା ନିଜ ମାତୃଭୂମିର ସାର୍ବଭୌମତ୍ୱକୁ ସୁରକ୍ଷିତ ରଖିବା ନିମନ୍ତେ ଆପ୍ରାଣ ପ୍ରୟାସ ଚଳାଇଛନ୍ତି । ୟୁକ୍ରେନ୍ ବିପୁଳ କ୍ଷତିଗ୍ରସ୍ତ ହୋଇଛି ସତ, କିନ୍ତୁ ରୁଷକୁ ମଧ୍ୟ ଶକ୍ତ ଧକ୍କା ଲାଗିଛି । ରୁଷିଆ ଉପରେ ୟୁରୋପୀୟ ରାଷ୍ଟ୍ରଙ୍କ କଠୋର କଟକଣା ଯୋଗୁ ରୁଷିଆ ପ୍ରତିଦିନ ଶହ ଶହ କୋଟି ଡଲାର କ୍ଷତି ସହ୍ୟ କରିଚାଲିଛି । କେବଳ ରୁଷିଆ ନୁହେଁ, ବିଶ୍ୱ ଅର୍ଥନୀତି ଉପରେ ୟୁକ୍ରେନ୍ ଯୁଦ୍ଧର ପ୍ରଭାବ ଧୀରେ ଧୀରେ ଅନୁଭୂତ ହେବାରେ ଲାଗିଲାଣି । ପେଟ୍ରୋଲିୟମଜାତ ସାମଗ୍ରୀ ସହିତ ଖାଦ୍ୟଶସ୍ୟ, ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ, ନ୍ୟୁଜ୍ ପ୍ରିଣ୍ଟ୍ ଆଦି ଏବେ କେବଳ ମହଙ୍ଗା ହୋଇନାହିଁ ତାହାର ଅଭାବ ଲକ୍ଷ୍ୟ କରାଯାଇଛି । କରୋନା ପରବର୍ତ୍ତୀ ବିଶ୍ୱ ଅର୍ଥନୀତିକୁ ସଜାଡ଼ିବା ସକାଶେ ଅନ୍ୟୁନ ଗୋଟିଏ ଦଶନ୍ଧି ଲାଗିଯାଇପାରେ ବୋଲି ଅର୍ଥଶାସ୍ତ୍ରୀମାନେ ଅନୁମାନ କରୁଥିଲେ । କିନ୍ତୁ ଏହା ପରେ ପରେ ୟୁକ୍ରେନ୍ ଯୁଦ୍ଧ ଏହି ପରିସ୍ଥିତିକୁ ଆହୁରି ବିଗିଡ଼େଇ ଦେଇଛି । ତେଣୁ ତାହା ଆଉ ସଜାଡ଼ିବା ଅବସ୍ଥାରେ ନରହି ବିପର୍ଯ୍ୟସ୍ତ ଆଡ଼କୁ ମୁହାଁଇବା ଆରମ୍ଭ କରିଛି । ଏ ଯୁଦ୍ଧରେ କାହାର ବିଜୟ ହେବ ସେକଥା ଯେତିକି ଗୁରୁତ୍ୱପୂର୍ଣ୍ଣ ନୁହେଁ, ତା'ଠାରୁ ଅଧିକ ମହତ୍ତ୍ୱ ବହନ କରୁଥିବା ପ୍ରଶ୍ନଟି ହେଉଛି ୟୁକ୍ରେନ ଆଉ ଟ୍ୟୁଲିପ୍ କି ସୂର୍ଯ୍ୟମୁଖୀର ଦେଶ ହୋଇ ରହିବ ନାହିଁ । ୟୁକ୍ରେନର ମନୋରମ ଉପତ୍ୟକା ଆଉ ସେ ତା'ର ପୂର୍ବର ସୌନ୍ଦର୍ଯ୍ୟ ଫେରିପାଇବ ନାହିଁ । ତାହା ଆଉ ଆଣ୍ଟନ ଚେକଭଙ୍କ ଭଳି ଲେଖକମାନଙ୍କୁ ଆକୃଷ୍ଟ କରିବନାହିଁ କି ନିକୋଲାଇ ଗୋଗୋଲଙ୍କ ପରି ସ୍ରଷ୍ଟାଙ୍କ ପାଇଁ କଳା ଓ ବାସ୍ତବତାର ସୃଜନ ଭୂଇଁ ହୋଇ ରହିବନାହିଁ । ଏଠାରୁ ପ୍ରାଣ ବଞ୍ଚାଇ ଅନ୍ୟତ୍ର ପଳାୟନ କରିଥିବା ନାଗରିକମାନଙ୍କୁ ଓ ସେମାନଙ୍କ ଭବିଷ୍ୟତ ପିଢ଼ିଙ୍କୁ ଶରଣାର୍ଥୀର ଜୀବନ ବିତାଇବାକୁ ପଡ଼ିବ । ସମ୍ଭବତଃ ଏହା ହେଉଛି ଏକବିଂଶ ଶତାବ୍ଦୀର ବାସ୍ତବତା, ନୂଆ ବିଶ୍ୱ ଶୃଙ୍ଖଳା !

## ଭାରତୀୟ ଶିକ୍ଷା, ଶିକ୍ଷିତ ଓ ଶିକ୍ଷା ନୀତି-୨



ପଙ୍କଜ କୁମାର ପାଣିଗ୍ରାହୀ

ଭାରତରେ ବ୍ରିଟିଶ ମାନଙ୍କ ଆଗମନ ଏବଂ ତତ୍ ପରବର୍ତ୍ତୀ ଅନୁଶାସନ ଉପରେ ସମ୍ପୂର୍ଣ୍ଣ ଜ୍ଞାନ ସମସ୍ତଙ୍କର ଅଛି ଯାହା ବର୍ଣ୍ଣନା କରିବା ଆବଶ୍ୟକ ନୁହେଁ । କେବଳ ବିଶ୍ଳେଷଣ କରି ଦେଖିଲେ ଜାଣିହୁଏ ଯେ ବ୍ରିଟେନ ଗୋଟିଏ ବିଶ୍ୱ ପ୍ରଖ୍ୟାତ ସମୃଦ୍ଧ ରାଷ୍ଟ୍ର ଯାହାର ପରିସୀମା ଭାରତ ଠାରୁ ପ୍ରାୟ ୧୫ ଭାଗ କମ୍ । ତାହାର ଜନସଂଖ୍ୟା ମଧ୍ୟ ଅନୁରୂପ ସଂଖ୍ୟକ ଠାରୁ ଯଥେଷ୍ଟ କମ୍ । ହେଲେ ସେମାନେ ହଜାର ହଜାର କୋଶ ଦୂର ଏହି ଦେଶକୁ ସମ୍ପୂର୍ଣ୍ଣ ଅକ୍ତିଆର କରି ଅନୁଶାସନ ବ୍ୟବସ୍ଥା କରିଥିଲେ କେମିତି ? ତାହା କେବଳ ସେମାନଙ୍କ ଚତୁରତାର ପରିଚୟ ଥିବା ବେଳେ ଭାରତୀୟଙ୍କ ନିଷ୍କପଟ, ନିର୍ମାୟା ମନୋଭାବ ହେତୁ ସେମାନେ ଖୁବ୍ କମ୍ ସଂଖ୍ୟକ ମଣିଷ କେବଳ ଆମ ଦେଶକୁ ଆସି ଆମରି ଲୋକଙ୍କ ହାତରେ ଆମକୁ ଶାସନ କରି ସମ୍ପୂର୍ଣ୍ଣ ପ୍ରାକୃତିକ ଉତ୍ସର ଲାଭ ନେଇ ଯାଉଥିବା ବେଳେ ଆମକୁ ଶାସନ କରି ନିଷ୍ଠୁରତାର ସହିତ କ୍ରୀତଦାସ ଭଳି ବ୍ୟବହାର କରୁଥିଲେ । ସେସବୁ ସମ୍ଭବ ହେଲା କିପରି ଏବଂ ଏହି ଶିକ୍ଷା ବ୍ୟବସ୍ଥାର ତାହା ସହିତ ସମ୍ବନ୍ଧ କ'ଣ ଥିଲା ତର୍ଜମା କଲେ ଜାଣିହେବ ଯାହା ଏପର୍ଯ୍ୟନ୍ତ ଆମକୁ ଛାଡି ପାରିନାହିଁ, କି ଆଗକୁ ଛାଡିବ ନାହିଁ ଯଦି ଉପଯୁକ୍ତ ପଦକ୍ଷେପ ନିଆ ନଯିବ ।

ବ୍ରିଟିଶ୍ ମାନଙ୍କ ବିଶ୍ୱବ୍ୟାପୀ ଶାସନ କରିବାର ମୂଳ ମନ୍ତ୍ର ଥିଲା ଡିଭାଇଡ ଏଣ୍ଡ ରୁଲ୍ ଯାହା ଦ୍ୱାରା ସେମାନେ କେବଳ ଭାରତ ନୁହେଁ ବରଂ ଆହୁରି ଅନେକ ଦେଶକୁ ନିଜ ଶାସନ କବଳିତ କରି ରଖିଥିବା ବିଶ୍ୱ ଇତିହାସ କହେ । ସେହି ନିୟମକୁ ଆଧାର କରି ପ୍ରଥମେ ସେମାନେ ଯେଉଁ ଷଡ଼ଯନ୍ତ୍ର ରଚନା କରୁଥିଲେ ତାହାର ପ୍ରଥମ ଅସ୍ତ୍ର ଭାବେ ଏହି ଶିକ୍ଷାନୀତି ପ୍ରଣୟନ କରୁଥିଲେ । ଏହି ଶିକ୍ଷା ଏବଂ ତତ୍ ପରବର୍ତ୍ତୀ ପାରଦର୍ଶିତା ପ୍ରମାଣ ପତ୍ର ମାଧ୍ୟମରେ ପ୍ରଥମେ ମଣିଷ ମନରେ ପ୍ରତିଯୋଗିତା ମୂଳକ ବିର ସୃଷ୍ଟି କରି ପରବର୍ତ୍ତୀ ସମୟରେ ତାକୁ ସ୍ୱାର୍ଥାନ୍ଧ କରିଥାଏ ଯଦ୍ୱାରା ମଣିଷ ମନରେ ପ୍ରେମ ଭାବ ନରହି ଜଣେ ଅନ୍ୟ ଜଣଙ୍କ ପ୍ରତି ହିଂସାତ୍ମକ ଭାବ ରଖିବ । ଅର୍ଥାତ ଶିକ୍ଷା ଅର୍ଜନ କରିବା ପରେ ପୁନର୍ବାର ନିଜକୁ ସାମାଜିକ ଶୀର୍ଷସ୍ଥାନିତ କରି ସେ ଜନ୍ମ ହୋଇଥିବା ସ୍ଥାନ ତଥା ପରିପାର୍ଶ୍ୱିକ ପରିବେଶକୁ ଘୃଣା କରିବା ଆରମ୍ଭ କରିବ । ତାପରେ ନିଜର କୃତିତ୍ୱକୁ ବିନିଯୋଗ କରି ଦକ୍ଷତା ପ୍ରତିପାଦନ କରିବା ସହିତ ଯଥେଷ୍ଟ ଧନ ଉପାର୍ଜନ କରିବାର ସୁଯୋଗ ସୃଷ୍ଟି କରା ଯାଉଥିଲା ସେମାନଙ୍କ ଦ୍ୱାରା ଯଦ୍ୱାରା ସେହି ଶିକ୍ଷିତ ମାନେ ସେମାନଙ୍କ ପାଖରେ ଯାଇ ଗୋଲାମୀ କରିବା ଆରମ୍ଭ କଲେ । ଏମିତି ଅନେକ ବର୍ଷ ଅତିକ୍ରମ କରିବା ପରେ ଧୀରେ ଧୀରେ ସେହି ଗୋଲାମୀକୁ ଏକ ସୁନ୍ଦର ସମ୍ମାନସୂଚକ ପଦବାଚ୍ୟରେ ଶମ୍ଭୁସିତ କଲେ ଯାହାକୁ କୁହାଗଲା ସରକାରୀ କିରୀ । ତେଣୁ କାଳକ୍ରମେ ନିର୍ବୋଧ ଭାରତୀୟଙ୍କ ସେହି ସରକାରୀ ଲିରି ପ୍ରତି ମାନସିକ ଦୁର୍ବଳତା ସୃଷ୍ଟି ହେଲା ଯାହା ବଢି, ମରୁଡ଼ିରେ ମଧ୍ୟ ଅକ୍ଷୁର୍ଣ୍ଣ ରହିଲା । ଏହି ସୁବିଧାର ସୁଯୋଗ ନେଇ ଯଥେଷ୍ଟ ନିର୍ବୋଧ ସେହି ସରକାରୀ ଅକ୍ଷୁର୍ଣ୍ଣ କିରୀ ପାଇବା ଆଶା ରଖି ସେମାନଙ୍କ ଦ୍ୱାରା ପ୍ରଚଳିତ ଶିକ୍ଷାକୁ ଆଦରି ନିଜକୁ ସ୍ୱାର୍ଥପରତାର ଶୀର୍ଷରେ ରଖି ନିଜସ୍ୱ ଜନ୍ମ ମାଟି, ଜନ୍ମ ଦାତ୍ରୀଙ୍କୁ ଘୃଣା କରି ସେମାନଙ୍କୁ ସହଯୋଗ କରିବା ଆରମ୍ଭ କଲେ । ଅର୍ଥାତ ଏହି ଦେଶ ଦ୍ରୋହି, କୁଳାଙ୍ଗାର ଶିକ୍ଷିତ ମାନଙ୍କୁ ବ୍ୟବହାର କରି ସେମାନେ ସାଧାରଣ ଲୋକଙ୍କୁ ଦମନ, ଶାସନ କରି ଭୃତ୍ୟ ଭଳି ବ୍ୟବହାର କରିବାକୁ ଲାଗିଲେ । କି'ନ୍ତୁ ଯେଉଁମାନେ ସେହି ଶିକ୍ଷା ଲାଭ କରିବାରୁ ବଂଚିତ ରହିଥିଲେ ସେମାନଙ୍କ ମଧ୍ୟରୁ ଅଧିକାଂଶ ମଣିଷ ଆଜି ସମୟର ସ୍ୱାଧୀନତା ସଂଗ୍ରାମୀ ଭାବେ ପରିଚିତ ଯାହାଙ୍କ ଶିକ୍ଷାଗତ ଯୋଗ୍ୟତା କିଛି ନଥିଲା । ତେଣୁ ସେମାନେ ଏହି ଶିକ୍ଷା ନୀତି ପ୍ରଚଳନ କରି ମଣିଷ ସମାଜରେ ଏକ ପ୍ରକାର ସ୍ୱାର୍ଥାନ୍ୱେଷୀ, ହିଂସାତ୍ମକ ଭାବ ପ୍ରବର୍ତନ କରିବାରେ ସକ୍ଷମ ହୋଇ ପାରିଥିଲେ ଯାହା ଅଦ୍ୟାବଧି ଆମ ଦେଶରେ ପ୍ରଚଳିତ ଯେଉଁଥିରେ କୌଣସି ଭାରତୀୟ ସାଂସ୍କୃତିକ ମାନବୀୟ ଢାଞ୍ଚା ଦେଖିବାକୁ ମିଳୁନାହିଁ ।

ଅତ୍ୟନ୍ତ ଦୁଃଖ ଏବଂ କ୍ଷୋଭର ବିଷୟଯେ ସେମାନଙ୍କ ଦ୍ୱାରା ପ୍ରଚଳିତ ନୀତି, ବ୍ୟବସ୍ଥାରେ ବ୍ୟକ୍ତିଗତ ସ୍ୱାର୍ଥ ଜଡିତ ଥିବା ସହିତ ଅନେକ ଅତ୍ୟାଧୁନିକ କୌଶଳ ତଥା ବୈଜ୍ଞାନିକ ମନୋଭାବ ମଧ୍ୟ ରହିଥିଲା ଯାହା ଆମେ କେବଳ ଜାଣିବା ଛଡା ସେଗୁଡିକୁ ବ୍ୟବହାର କରି କୌଣସି ଫଳପ୍ରଦ ଅନୁସନ୍ଧିତ୍ସୁ ଉଦ୍ଭାବନ / ଆବିଷ୍କାର କରିନାହୁଁ କିମ୍ବା ଭବିଷ୍ୟତରେ କରିପାରିବା ଭଳି କୌଣସି ପଦକ୍ଷେପ ନେଉନାହୁଁ । ତେଣୁ ସେମାନଙ୍କ ଦ୍ୱାରା ପ୍ରଚଳିତ ନୀତିକୁ କେବଳ ସମ୍ପୂର୍ଣ୍ଣ ଭାବେ ବ୍ୟବହାର କରିବା ଛଡା ତାହା ପଛରେ ରହିଥିବା ମହତ୍ ଉଦ୍ଦେଶ୍ୟକୁ ବ୍ୟବହାର ନକରି ଶିକ୍ଷାର୍ଥୀଙ୍କୁ ସେହି, ସ୍ୱାର୍ଥାନ୍ୱେଷୀ, ହିଂସାତ୍ମକ ଭାବଧାରରେ ଅଭିଷିକ୍ତ କରି ଅଦ୍ୟାବଧି କୌଣସି ମତେ ପୁଞ୍ଜିପତିଙ୍କ କ୍ରୀତଦାସ କରିବାରେ ଲିପ୍ତ ରହିଥିବା ଆମ ଦେଶର ଶିକ୍ଷା ନୀତିରେ ବ୍ୟାପକ ପରିବର୍ତ୍ତନର ଆବଶ୍ୟକତା ରହିଛି ଯାହା ସେମାନଙ୍କୁ ପ୍ରକୃତ ଶିକ୍ଷା ଦେଇ ଶିକ୍ଷିତ କରି ପାରିବ । ନହେଲେ ଶିକ୍ଷାକୁ ସେମିତି ରୋଜଗାରର ମାଧ୍ୟମ ଭଳି ବ୍ୟବହାର ମଣିଷକୁ ପିଢ଼ିକୁ ପିଢ଼ି କେବଳ ଗୋଟି ଶ୍ରମିକ, କ୍ରୀତଦାସ କରି ରଖିବା ଛଡା ପ୍ରକୃତ ଜ୍ଞାନ ଦେଇପାରିବ ନାହିଁ କିମ୍ବା ସେମାନଙ୍କ ଅନ୍ତର୍ଜ୍ଞାନ ସୃଷ୍ଟି କରି ଦେଶର ପ୍ରଗତି କରିବା ସମ୍ଭବ ହେବ ନାହିଁ । କେବଳ ସେହି ବ୍ରିଟିଶ୍ ଭଳି ଏକ ପୁଞ୍ଜିବାଦ ସାମ୍ରାଜ୍ୟ ସୃଷ୍ଟି କରିବାରେ ଦେଶକୁ ଅନ୍ୟ ଦେଶ ତୁଳନାତ୍ମକ ନିକୃଷ୍ଟ କରିବା ଛଡା ଅଗ୍ରଗତି ଅସମ୍ଭବ ।

ଶିକ୍ଷାକୁ କେବଳ ରୋଜଗାରର ମାଧ୍ୟମ କରିବା ଏକ ଅମାନୁଷିକ ବିର ଯେଉଁଥିରେ ସ୍ୱାର୍ଥାନ୍ୱେଷୀ , ହିଂସାଭାବ ଭଳି ଆହୁରି ଅନେକ ଅନୈତିକ ବିର ଧାରା ସୃଷ୍ଟି ହୋଇଥାଏ । ସେହି ବିରଧାରାରୁ ଜନ୍ମିତ ସାମାଜିକ ଭ୍ରଷ୍ଟାର ଏକ କଳଙ୍କ ଯାହା ଆଜି ସମୟରେ ବ୍ୟାପକ ଅଭାବନୀୟତା ସୃଷ୍ଟି କରୁଛି ସମାଜରେ ଯାହାସବୁ ଆମେ ଦେଖୁଛେ, ଅନୁଭବ କରୁଛେ । ତଥାପି ବ୍ୟକ୍ତିଗତ ଭାବେ ଆମେ ସମସ୍ତେ ସେହି ରାସ୍ତାର ପଥିକ ଭାବେ ଅଗ୍ରଗାମୀ ଯାହାର କୌଣସି ସମୀକ୍ଷା ତର୍ଜମା କରାଯାଉ ନଥିବା ଏକ ଅତ୍ୟନ୍ତ ଦୁଃଖର ବିଷୟ ଆଜି ସମୟର । ଜୀବନ କୁଶଳତାର ଏକ ମୂଲ୍ୟବାନ ହତିଆର ଭାବେ ଶିକ୍ଷାକୁ ବ୍ୟବହାର କରାଯାଉ ଅଛି ଯାହା କେବଳ ରୋଜଗାର ମଧ୍ୟରେ ମାନସିକ ସ୍ଥିତପ୍ରଜ୍ଞ । ଶିକ୍ଷାର ବାସ୍ତବତା ତଥା ମୂଲ୍ୟାୟନ ନାହିଁ ଆଜିର ଏହି ପାଶ୍ଚାତ୍ୟ ସଭ୍ୟତା ସଂଯୁକ୍ତ ଭାରତୀୟ ମନରେ । ଶିକ୍ଷାକୁ ସାମାଜିକ ସ୍ତରରେ ଏକ ରୋଜଗାରର ମାଧ୍ୟମ ଭାବେ ସର୍ବ ଗ୍ରହିତ ହେଉଥିବା ଦେଖିବାକୁ ମିଳୁଛି । ଶିକ୍ଷା ମାଧ୍ୟମରେ ନିଜର ଜୀବନ ଚର୍ଯ୍ୟାକୁ ସନ୍ତୁଳିତ କରି ଆନନ୍ଦ ଉପଭୋଗ କରିବା ଲକ୍ଷ ରଖିଥିବା ମଣିଷ ଶୂନ୍ୟ ଯାହା ଭାରତୀୟ ସଂସ୍କୃତ, ସଂସ୍କାର ବହିର୍ଭୁତ ।


♥ ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ.
ମୋ: ୯୪୩୭୩୨୪୯୧୭


## ଶାନ୍ତି, କ୍ଷମା ଓ ଭ୍ରାତୃତ୍ୱର ବାର୍ତ୍ତାବହ : ଯୀଶୁ



ଲୋକନାଥ ମହାପାତ୍ର

ସମଗ୍ର ବିଶ୍ୱରେ ଖ୍ରୀଷ୍ଟିଆନ ମାନଙ୍କ ପବିତ୍ର ପର୍ବ ଗୁଡ ଫ୍ରାଇଡେ ବଡ଼ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଇଛି । ଆଜି ଅନେକ ଲୋକଙ୍କ ପାଇଁ ଏହା କେବଳ ଏକ ଉତ୍ସବର ଦିନ । କର୍ମଚାରୀ ମାନଙ୍କ ପାଇଁ ଏହା ଏକ ଛୁଟିଦିନ । କିନ୍ତୁ ଏସବୁ ଭିତରେ ଏହି ଦିନର ପ୍ରକୃତ ମହତ୍ତ୍ୱକୁ ଲୋକେ ଉପଲବ୍ଧି କରପାରନ୍ତି ନାହିଁ ।

ଶୁଭ ଶୁକ୍ରବାର ଖ୍ରୀଷ୍ଟିୟାନମାନଙ୍କ ପାଇଁ ଅନେକ ମହତ୍ତ୍ୱ ରଖେ । ବିଶ୍ୱାସ କରାଯାଏ ଯେ ଯୀଶୁ ଖ୍ରୀଷ୍ଟ ଲୋକମାନଙ୍କର କଲ୍ୟାଣ ତଥା ସେମାନଙ୍କ ପାପର ପରିତ୍ରାଣ ପାଇଁ ନିଜ ଜୀବନକୁ ବଳିଦାନ ଦେଇଥିଲେ । ତେଣୁ ଖ୍ରୀଷ୍ଟଙ୍କ ବଳିଦାନକୁ ମନେ ରଖିବା ପାଇଁ ଏହି ଦିନକୁ ଗୁଡ ଫ୍ରାଇଡେ ଭାବେ ପାଳନ କରାଯାଏ ।

ଏହାକୁ କେବଳ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ସହ ଯୋଡ଼ି ବି ସଂକୀର୍ଣ୍ଣତାର ପରିଚାୟକ କାରଣ ଯୀଶୁଙ୍କ ଜୀବନ ଓ ଉପଦେଶ କେବଳ ଖ୍ରୀଷ୍ଟିଆନ ମାନଙ୍କ ପାଇଁ ନୁହେଁ ବରଂ ସମଗ୍ର ମାନବ ଜାତି ପାଇଁ ଆଜି ପ୍ରେରଣାର ଉତ୍ସ । ଖ୍ରୀଷ୍ଟିଆନମାନେ ତାଙ୍କୁ ଈଶ୍ୱରଙ୍କ ଅବତାର ବୋଲି କହନ୍ତି । ଅନ୍ୟ ଧର୍ମର ଲୋକମାନେ ମଧ୍ୟ ଯୀଶୁଙ୍କୁ ଜଣେ ମହାନ ଧର୍ମଯାଜକ ବୋଲି ବିଶ୍ୱାସ କରନ୍ତି । ମହାତ୍ମା ଗାନ୍ଧୀ ଯୀଶୁଙ୍କ ପବିତ୍ର ଜୀବନ ଏବଂ ଉଚ୍ଚାରଣକୁ ଉଚ୍ଚ ପ୍ରଶଂସା କରନ୍ତି । ଯୀଶୁଙ୍କ ଉପଦେଶକୁ ମନୁଷ୍ୟର ନୈତିକ ବିକାଶ ପାଇଁ ସର୍ବୋତ୍ତମ ଶିକ୍ଷା ବୋଲି କୁହାଯାଏ ।

ବାଇବଲ ଅନୁଯାୟୀ, ଯୀଶୁଙ୍କ ମାତା ମରିୟମ ଓ ପିତା ଯୋଶେଫ ଥିଲେ । ସେମାନେ ରୋମର ଗାଲିଲୀ ପ୍ରଦେଶର ନାଜରିତ ଗ୍ରାମରେ ରହୁଥିଲେ । ବିବାହ ପରେ, ଯୋଷେଫ ଗାଲିଲୀ ଛାଡି ବଥଲେହମ ସହରକୁ ଚାଲିଗଲେ, ଯେଉଁଠାରେ ଯୀଶୁ ଜନ୍ମ ହୋଇଥିଲେ । ଯେତେବେଳେ ଯୀଶୁ ବାର ବର୍ଷ ବୟସର ଥିଲେ, ମନ୍ଦିରରେ ବସି ଧର୍ମ ପ୍ରଚାରକମାନଙ୍କ ପ୍ରବଚନ ଶୁଣୁଥିଲେ । ଯୀଶୁ ଯୋଶେଫଙ୍କ ବୃତ୍ତି ଶିଖିଲେ ଏବଂ ସେ ପ୍ରାୟ ୩୦ ବର୍ଷ ବୟସ ପର୍ଯ୍ୟନ୍ତ ଜଣେ କାର୍ପେଣ୍ଟର ଭାବରେ କାର୍ଯ୍ୟ କରିବାକୁ ଲାଗିଲେ । ୩୦ ବର୍ଷ ବୟସରେ ସେ ଜନ୍ ନାମକ ସନ୍ୟାସୀଙ୍କ ଠାରୁ ଦୀକ୍ଷା ଗ୍ରହଣ କଲେ ୪୦ ଦିନ ଉପବାସ ପରେ, ଯୀଶୁ ଲୋକମାନଙ୍କୁ ଶିକ୍ଷା ଦେବା ଆରମ୍ଭ କଲେ ।

ତିରିଶ ବର୍ଷ ବୟସରେ, ଯୀଶୁ ଲୋକମାନଙ୍କୁ ଏକ ନୂତନ ଧର୍ମ ପ୍ରଚାର କରିବାକୁ ଲାଗିଲେ । ସେହି ସମୟରେ ରୋମରେ ତିରିଶ ବର୍ଷରୁ କମ୍ ବୟସରେ, ଶାସ୍ତ୍ର ପଢିବା ଏବଂ ଧର୍ମଶିକ୍ଷା ଦେବା ପାଇଁ ଅଧିକାର ଦିଆଯାଇନଥିଲା । କିନ୍ତୁ ଯୀଶୁ ଏହାକୁ ମାନି ନଥିଲେ । ସେ କହିଥିଲେ ଯେ ଭଗବାନ ସମସ୍ତ ଜାତି ଓ ଦେଶକୁ ଭଲ ପାଆନ୍ତି । ମଣିଷ କ୍ରୋଧରେ ପ୍ରତିଶୋଧ ନେବା ଉଚିତ୍ ନୁହେଁ ଏବଂ କ୍ଷମା କରିବା ଶିଖିବା ଉଚିତ୍ । ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ସେ ଓ ସମସ୍ତ ମନୁଷ୍ୟ ହେଉଛନ୍ତି ଈଶ୍ୱରଙ୍କ ପୁତ୍ର, ଈଶ୍ୱର ହେଉଛନ୍ତି ସ୍ୱର୍ଗ ଏବଂ ପରିତ୍ରାଣର ପଥ । ତାଙ୍କର ଏହିଭଳି ସ୍ୱର୍ଗୀୟ ବାଣୀରେ ମନ୍ତ୍ରମୁଗ୍ଧ ହୋଇ ଖୁବ୍ କମ୍ ସମୟ ଭିତରେ ହଜାର ହଜାର ଲୋକ ତାଙ୍କ ଅନୁଗାମୀ ହେବାକୁ ଲାଗିଲେ ।

ଯୀଶୁଙ୍କ ଏପରି ଅଭୂତପୂର୍ବ ଲୋକପ୍ରିୟତା ଦେଖି ୟିହୁଦୀ ଧର୍ମଯାଜକ ଓ ଶାସକମାନେ ସହିପାରିଲେ ନାହିଁ । ଯୀଶୁଙ୍କ ଦ୍ୱାରା ଈଶ୍ୱରଙ୍କ ନାମର ବ୍ୟବହାର ଧାର୍ମିକ ନେତାମାନଙ୍କୁ ଅତ୍ୟଧିକ କ୍ରୋଧିତ କଲା । ନିଜକୁ ଓ ସମସ୍ତ ମନୁଷ୍ୟଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି କହିବା ଦ୍ୱାରା ୟିହୁଦୀ ଧର୍ମଯାଜକ ମାନଙ୍କ ମହତ୍ତ୍ୱ କ୍ଷୁଣ୍ଣ ହେଲା । ତେଣୁ ୟିହୁଦୀ ଧର୍ମଯାଜକମାନେ ତାଙ୍କର ଦୃଢ଼ ବିରୋଧ କରିଥିଲେ । ନିଜକୁ ଈଶ୍ୱରଙ୍କ ପୁତ୍ର ବୋଲି କହିବା ଯୀଶୁଙ୍କ ବିରୋଧରେ ଅଭିଯୋଗ ପାଇଁ କେବଳ ଯଥେଷ୍ଟ ଥିଲା କାରଣ ସେତେବେଳେ ୟିହୁଦୀ ଧର୍ମଯାଜକଙ୍କ ବ୍ୟତୀତ ଅନ୍ୟ କାହାକୁ ଏପରି କହିବାର ଅଧିକାର ନଥିଲା । ତେଣୁ ଯୀଶୁ ନିଜକୁ ଓ ଅନ୍ୟମାନଙ୍କୁ ଈଶ୍ୱରଙ୍କ ପୁତ୍ର ବୋଲି କହିବା ୟିହୁଦୀ ଧର୍ମଯାଜକଙ୍କ ନଜରରେ ଏକ ବଡ଼ ପାପ ଥିଲା । ସେଥିପାଇଁ ସେମାନେ ସେହି ସମୟର ରୋମୀୟ ସମ୍ରାଟ ପୀଲାତଙ୍କ ନିକଟରେ ଯୀଶୁଙ୍କ ବିରୋଧରେ ଅଭିଯୋଗ କରିଥିଲେ । ରୋମୀୟମାନେ ସର୍ବଦା ୟିହୁଦୀ ଧର୍ମଯାଜକ ମାନଙ୍କ ବିପ୍ଳବକୁ ଭୟ କରୁଥିଲେ । ତେଣୁ, ୟିହୁଦୀ ଧର୍ମଯାଜକ ମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୀଲାତ ଯୀଶୁଙ୍କୁ କ୍ରୁଶରେ ଯନ୍ତ୍ରଣାଦାୟକ ମୃତ୍ୟୁଦଣ୍ଡ ଦେଇଥିଲେ ।

ବାଇବଲ ଅନୁଯାୟୀ, ରୋମୀୟ ସୈନିକମାନେ ସମସ୍ତ ନିଷ୍ଠୁରତାକୁ ଅତିକ୍ରମ କରି ଯୀଶୁଙ୍କୁ ହତ୍ୟା କରିଥିଲେ ତାହା ଶୁଣିଲେ ରୋମ ଟାଙ୍କୁରୀ ଉଠିବ । ହତ୍ୟା କରିବା ପୂର୍ବରୁ ଯୀଶୁଙ୍କୁ ଏକ ଚାବୁକ ଦ୍ୱାରା ପ୍ରହାର କରାଗଲା ଏବଂ ତାଙ୍କ ମୁଣ୍ଡରେ କଣ୍ଟା ମୁକୁଟ ପିନ୍ଧାଇ ତାଙ୍କୁ 'ୟିହୁଦୀମାନଙ୍କର ରାଜା' କହି ପରିହାସ କରାଗଲା । ତାପରେ ତାଙ୍କ ଉପରକୁ ଛେପ ପକାଇ ଯୀଶୁଙ୍କୁ ଦୁଇ ଚୋର ମଧ୍ୟରେ କ୍ରୁଶରେ ଟାଙ୍ଗି ଦିଆଯାଇଥିଲା । ତଥାପି, ସେ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଈଶ୍ୱରଙ୍କ ପୁତ୍ର ବୋଲି ଦାବିକୁ ତ୍ୟାଗ କଲେ ନାହିଁ । କୁହାଯାଏ ଯେ କ୍ରୁଶରେ ମରିବା ସମୟରେ, ଯୀଶୁ ସମସ୍ତ ମନୁଷ୍ୟର ପାପ ନିଜ ଉପରେ ନେଇଥିଲେ ଏବଂ ତାଙ୍କୁ ଅକଥନୀୟ ଯାତନା ଦେଇ କ୍ରୁଶବିଦ୍ଧ କରିଥିବା ଲୋକଙ୍କ ଉଦ୍ଦେଶ୍ୟରେ କହିଥିଲେ - ହେ ଈଶ୍ୱର ! ଏମାନଙ୍କୁ କ୍ଷମା କର ।

ଯୀଶୁଙ୍କ ଏପରି ଅଦ୍ଭୁତ ଦୃଢ଼ତା, ସହନଶୀଳତା ଓ କ୍ଷମାଶୀଳତା ହିଁ ତାଙ୍କୁ ଈଶ୍ୱରଙ୍କ ଆସନରେ ଅଧିଷ୍ଠିତ କରିପାରିଛି ଓ ସମଗ୍ର ବିଶ୍ୱକୁ ଶାନ୍ତି, କ୍ଷମା ଓ ଭାତୃତ୍ୱର ବାର୍ତ୍ତା ଦେଉଛି । ଯୀଶୁଙ୍କ ୧୨ ଜଣ ଶିଷ୍ୟ ଯୀଶୁଙ୍କ ନୂତନ ଧର୍ମକୁ ବିସ୍ତାର କଲେ । ଏହି ଧର୍ମକୁ ଖ୍ରୀଷ୍ଟିଆନ ଧର୍ମ କୁହାଗଲା । ଏହା ଏପରି ଏକ ଧର୍ମ ଯେଉଁଠି ଅନାବଶ୍ୟକ କର୍ମକାଣ୍ଡ, ଧର୍ମୀୟ ରୀତିନୀତି ପରିବର୍ତ୍ତେ ମାନବିକତା ଓ ମାନବ ସେବାକୁ ହିଁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଏ ।

ଯୀଶୁ ସମାଜର ପରିତ୍ୟକ୍ତ (ବେଶ୍ୟା ଏବଂ କୁଷ୍ଠରୋଗୀ) ତଥା ଅବହେଳିତ ଲୋକଙ୍କୁ ମଧ୍ୟ ତାଙ୍କ ଗୋଷ୍ଠୀରେ ସାମିଲ କରି ସେମାନଙ୍କୁ ଉଦ୍ଧାର କରିଥିଲେ । ଅହିଂସା, ଦୟା, କରୁଣା, କ୍ଷମା ,ପ୍ରେମ, ଶାନ୍ତି ଓ ଭାତୃତ୍ୱ ଦ୍ୱାରା ଈଶ୍ୱରଙ୍କୁ ପ୍ରାପ୍ତ କରିବା ସମ୍ଭବ ବୋଲି କହି ସେ ଈଶ୍ୱରଙ୍କୁ ଧର୍ମଯାଜକଙ୍କ ଗହଣରୁ ମୁକ୍ତ କରି ସର୍ବସାଧାରଣଙ୍କ ପାଇଁ ଈଶ୍ୱର ପ୍ରାପ୍ତିର ମାର୍ଗକୁ ସୁଗମ କରିଦେଇଥିଲେ । ସେ ସମାନତାର ଅଧିକାର ପାଇଁ ଆଜୀବନ ସଂଘର୍ଷ କରିଥିଲେ । ମନୁଷ୍ୟକୁ ଈଶ୍ୱରଙ୍କ ସନ୍ତାନ ରୂପେ ଅଭିହିତ କରି ସେ ବିଶ୍ୱଭାତୃତ୍ୱ, ବିଶ୍ୱପ୍ରେମ ଓ ବିଶ୍ୱଶାନ୍ତିର ଯେଉଁ ଅନୁପମ ସନ୍ଦେଶ ଦେଇଯାଇଛନ୍ତି ତାହା ଯୁଗଯୁଗ ଧରି ମାନବ ସମାଜ ପାଇଁ ଆଲୋକବର୍ତ୍ତିକା ହୋଇ ରହିବ ଏଥିରେ ତିଳେହେଁ ସନ୍ଦେହ ନାହିଁ । ଆଜି ଯେତେବେଳେ ଦେଶ ଦେଶ ମଧ୍ୟରେ ଯୁଦ୍ଧ ତଥା ମଣିଷ ମଣିଷ ମଧ୍ୟରେ ପ୍ରତିହିଂସା, ଘୃଣା, ବିଦ୍ୱେଷ, ଅସହିଷ୍ଣୁତା ଆଦି ଅମଣିଷପଣିଆ ବଢିବାରେ ଲାଗିଛି ସେତେବେଳେ ଯୀଶୁଙ୍କ ଆଦର୍ଶ ଜୀବନ ଓ ଶିକ୍ଷା ହିଁ ମାନବଜାତିକୁ ପତନ ମାର୍ଗରୁ ଉଦ୍ଧାର କରିପାରିବ । ପବିତ୍ର ଗୁଡ ଫ୍ରାଇଡେ ଆମକୁ ଏହି ବାର୍ତ୍ତା ପ୍ରଦାନ କରୁଛି ।


♥ ବ୍ରହ୍ମପୁର





## ସୁରେଇରୁ ସୁରା ସରିଯାଉ ପଛେ...



ତାରାପ୍ରସାଦ ଜେନା

ସୁରେଇରୁ ସୁରା ସରିଯାଉ ପଛେ
ସଞ୍ଜ ବୁଡ଼ି ହେଉ ରାତି
ଓଠ ସୁରେଇରେ ସୁରା ଅଛି ବାକି
ପିଇବାକୁ ଇଛା ପ୍ରୀତି ।
ସୁରେଇରୁ ସୁରା ସରିଯାଉ ପଛେ..

ଜହ୍ନ ଖେଳୁଥିବ ବଉଦ ଫାଙ୍କରେ
ବାତାୟନେ ଦେବ ଧରା
ଓଢ଼ଣା ଭିତରୁ ସାକୀ ମୋର ସାଥୀ
ସରମର ତୋଫା ଗୋରା
ହାତ ଭିଡ଼ିଦେଲେ ଖସିବନି ଆଉ
ଆଉଜିବ ଟିକେ ଛାତି
ସୁରେଇରୁ ସୁରା ସରିଯାଉ ପଛେ..

ଆଖି ଲେଖିଥିବ ତନ୍ଦ୍ରା ଅଳସର
ସପନର ମିଠା କଥା
ପଢ଼ିନେବି ପ୍ରିୟା ମନ ମତାଣିଆ
ନୁଆଁଇବ ଆଗୋ ମଥା
କାମିନୀର ଫୁଲ ମତୁଆଲା ଗେଲ
ଅଭିସାର ଧୂପବତୀ
ସୁରେଇରୁ ସୁରା ସରିଯାଉ ପଛେ..

ଯଉବନ ବନ ନିଆଁ ଚରିଯାଏ
ଲିଭିବାର ନାଆଁ ଧରି
ଶୂନ୍ୟ ସୁରେଇର ମୋହ ଛାଡ଼ିଗଲା
ଓଠ ସୁରେଇକୁ ବରି
ଅମୃତର ଧାରା ଅଜାଡ଼ି ଦିଅ ଗୋ
କରନାହିଁ ଭାବ ଇତି
ସୁରେଇରୁ ସୁରା ସରିଯାଉ ପଛେ
ସଞ୍ଜ ବୁଡ଼ି ହେଉ ରାତି !


♥ ରଣପୁର (ଗୋଡ଼ିପାଟଣାସାହି),
ରାଜରଣପୁର,
ନୟାଗଡ଼-୭୫୨୦୨୬
ମୋ: ୯୩୪୮୦୫୪୩୦୦


## ସତମିଛ

ବିନୟ ମିଶ୍ର

ମିଛଦୁନିଆଁରେ ସବୁ ମିଛ
ଏଠି ପ୍ରହେଳିକା ପ୍ରତାରଣା,
ଅଭିନୟ ସିଦ୍ଧ ମଣିଷ ବାଉଛି
ବେସୁରା ତା ଛିନ୍ନ ବୀଣା,
ମିଛ ମିଳୁଛି ମାଗଣା,
ସତର ଅବସ୍ଥା ଶୋଚନୀୟ ସବୁ
ଟଙ୍କାକରୁ ଷୋଳ ଅଣା ।

ପ୍ରୀତି ପ୍ରେମ ମିଛ ଧନ ଦାରା ମିଛ
ପୁତ୍ର କନ୍ୟା ବୃତ୍ତି ଚିତ୍ତ,
କ୍ଷଣକେ ଆବୃତ୍ତି କ୍ଷଣକେ ନିବୃତ୍ତି
କ୍ଷଣକେ ହତ ଚକିତ,
ସତରେ ମିଳେନି ଭାତ,
ମିଛରେ ଜଗତ ମିଛେ ମିଛେ ଚାଲେ
ମିଛ ତ ଭଗିନୀ ଭ୍ରାତ ।

ପୁଟଦିଆ ସବୁ ଆପଣାପଣିଆ
ପାଣିରେ ପଡୁଛି ସର,
କ୍ଷୀର ସବୁ ପରା ଉତୁରୀ ଯାଆନ୍ତି
ସତକୁ ଲାଗଇ ଡର,
ପୁନିଅଁ ଲାଗେ ଉଆଁସ,
ଶଠ ଠକ ଭଣ୍ଡ ଯୁଆଡେ ଦେଖିବ
କରିବ କାରେ ବିଶ୍ୱାସ ।

ପୁରୁଷ ପୌରୁଷ ବଶବର୍ତ୍ତୀ ଆଜି
ପିନ୍ଧା ପଣତ ଉହାଡ଼େ,
ସତ କହିବାକୁ ଭାରି ଡର ଲାଗେ
ମିଛ ପରା ଚାରିଆଡେ,
ବାନ୍ଧିଲେ ବନ୍ଧନ ହୁଏ,
ନ ବାନ୍ଧି ପାରିଲେ ସାଗରକ ଜଳ
ମିଛ ପରି ବହିଯାଏ ।

ଆଜି ମୁଁ ତୋର କାଲି କି କାହାର
ଏଠି ଅଛି ସେଠି ନାହିଁ,
ଭୁଆଁ ବୁଲା ରୋଗ ସଭିଁକି ଧରିଛି
ମିଛ କରିଅଛି ବାଇ,
ମନ ଦୁଃଖ କାହିଁପାଇଁ,
ଜନ୍ମ ମୃତ୍ୟୁ ସତ ମିଛରେ ମଣିଷ ଜୁଝୁଛି
ବଞ୍ଚିବା ପାଇଁ ।


♥ ନିଆଳି, ଖୋର୍ଦ୍ଧା




## ଅମୃତ ପରଶ

ଅମ୍ବିକା ସ୍ୱାଇଁ



ଅନୁଭବର ଆକର୍ଷଣରେ
ସଦା ମୁଁ ଜୁଡୁବୁଡୁ
ମୋ ଶବ୍ଦର ଚାଙ୍ଗୁଡିରେ
ତୋଳିବାକୁ ମୋ ଛନ୍ଦମୟ ଜୀବନର
କାହାଣୀ ସବୁକୁ.....!

ଦୁଃଖ, ସୁଖ ଆନନ୍ଦ, ନିରାନନ୍ଦ
ପ୍ରାପ୍ତି ଅପ୍ରାପ୍ତିର
ଆଶା ଆଉ ଆଶା ଶୂନ୍ୟ ଜୀବନର
ଅଧୁରା ସ୍ୱପ୍ନ ସବୁକୁ ସାଉଁଟିବାକୁ
ପ୍ରତିକ୍ଷଣେ ପ୍ରତିମୁହୂର୍ତ୍ତରେ.....!

ସର୍ବଦା ଏ ମୋହ ମାୟାର
ଅଥଳ ସାଗର ଭିତରୁ ଖୋଜିବୁଲେ
ପ୍ରେମମୟ ଅମୃତମୟ ପରଶର
ଶାନ୍ତିର ପସରା ଟିକୁ....
ହେଲେ ଶାନ୍ତି କଣ
ହାତ ପାହାନ୍ତାରେ ଧରା ଦିଏ ?
ଧରିବା ଆଗରୁ ସେ ଦୌଡ଼ି ପଳାଏ
କାହିଁ କେତେ ଦୂର.....!!

ନିଜ ମନକୁ ଆୟତ୍ତରେ ରଖି
କର୍ମମୟ ଜୀବନର ଧାଁ ଧଉଡ଼ରେ
ଆଗକୁ ପାଦ ବଢ଼ାଏ
ନିଜ ଭିତରେ ଖୋଜୁଥାଏ
ଶାନ୍ତିମୟ ସେ ଅମୃତ ପସରାଟିକୁ
ଅନୁଭବର ଆକର୍ଷଣରେ ଛନ୍ଦି ହୋଇ
ରାତିଦିନ ଆକୁଣ୍ଠ ପାନ କରୁଥାଏ
ସେହି ଅନୁଭବର ବିନ୍ଦୁ ବିନ୍ଦୁ
ଅମୃତ ପରଶକୁ...!!


♥ ଭୁବନେଶ୍ୱର,
ମୋ: ୯୭୭୭୫୯୯୬୯୫


## ତୋ ସହିତ କିଛି ମୁହୂର୍ତ୍ତ

ରମାକାନ୍ତ ଦାସ



ଶୁନ୍ ଶାନ୍ ଆଜି ମୋ ଚାରିପାଖରେ
ଭିଡ଼ ନାହିଁ କାହାର
ମୋ ନୀରବତାର ସ୍ୱର
ହୃଦୟ ପରିଧିରୁ ବାହାରି ଆସି
ମନେ ପକେଇ ଦେଉଛି
ତୋ ସହିତ ବିତେଇ ଥିବା
କିଛି ମୁହୁର୍ତ୍ତ ।

ସତରେ,
ତୋ ସହିତ ବିତେଇ ଥିବା
କିଛି ମୁହୁର୍ତ୍ତ ଖୁବ୍ ନିଆରା
କିଛି ନ କହି କି ଅନେକ କିଛି
ବୟାନ କରୁଥିବା ତୋ ଆଖି
ମୋ ପାଇଁ କୌଣସି
ଅଶାନ୍ତ ସଗାରଠୁ ବି କମ୍ ନୁହେଁ
ଯେଉଁଠି କେବଳ ତୁ ନୁହେଁ
ମୁଁ ଚାହିଁଲେ ଆସେ ଜୁଆର
ଆଉ ମୁଁ କହିଲେ ପଡେ ଭଟ୍ଟା ।

ତୋ ହାତରେ ମୋ ହାତ ଥିଲେ
ମତେ ଲାଗେ
ଜୀବନର ସବୁକିଛି
ମୋ ହାତମୁଠାରେ ଅଛି
ତୋର ପ୍ରତିଟି ସ୍ପର୍ଶରେ
ମୋ ଦେହରେ ଏକ ଅଜଣା
ଶିହରଣ ଖେଳିଯାଏ ।

ହେଲେ,
ମୁଁ ଆଜି ଏକୁଟିଆ ମୋ ବାଟରେ
ଆଖିରେ ମୋ ନିଦ ନାହିଁ
ସ୍ୱପ୍ନ ସବୁ ଫିକାଫିକା ଲାଗେ
ଆକାଶକୁ ଚାହିଁ ଗଣୁଛି ମୁଁ
ଅଗଣିତ ତାରା ମାନଙ୍କୁ
କିନ୍ତୁ, ଜହ୍ନ ପରି ତୁ ଅଛୁ
ମୋ ଠୁ ଅନେକ ଦୂରରେ ।


♥ ନନ୍ଦିଗ୍ରାମ, ନାଉଗାଁ,
ଜଗତସିଂହପୁର
ମୋ -୯୬୬୮୮୧୫୩୬୯











## କାର୍ତ୍ତିକ ସାହୁ

## ମିନା ଅପାଙ୍କ ରାମାୟଣ ଟୁଙ୍ଗି (୩୭)

# ଭରତଙ୍କ ଅଯୋଧ୍ୟା ଆଗମନ ଓ ଦଶରଥଙ୍କ ଅନ୍ତ୍ୟେଷ୍ଟି କ୍ରିୟା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଦଶରଥଙ୍କ ଦେହାନ୍ତ ହେଲା । ମୃତ୍ୟୁ ବେଳକୁ ତାଙ୍କ ପୁତ୍ରମାନଙ୍କ ମଧ୍ୟରୁ କେହି ତାଙ୍କ ପାଖରେ ନଥିଲେ । ଅନ୍ଧମୁନିଙ୍କ ଅଭିଶାପ ଫଳବତୀ ହେଲା । ରାମ ଲକ୍ଷ୍ମଣ ଥିଲେ ବନବାସରେ । ଭରତ ଓ ଶତ୍ରୁଘ୍ନ ଥିଲେ ଭରତଙ୍କ ମାମୁଁ ଘରେ ।

ଦଶରଥଙ୍କ ଦେହାନ୍ତ ଖବର ସଂଗେ ସଂଗେ ସବୁ ଆଡ଼େ ବ୍ୟାପିଗଲା । ଶୋକାକୁଳ ହୋଇ ଉଠିଲା ଅଯୋଧ୍ୟା ନଗରୀ । ପୁରବାସୀମାନେ ଉଚ୍ଚସ୍ୱରରେ କ୍ରନ୍ଦନ କରିବା ଆରମ୍ଭ କଲେ । ସୂର୍ଯ୍ୟବଂଶୀ ରାଜା ଦଶରଥ ଥିଲେ ବେଶ ପ୍ରଜା ବତ୍ସଳ ଓ ଧର୍ମ ପରାୟଣ । ସେ ବେଶ୍ ଲୋକପ୍ରିୟ ଥିଲେ । ଦଶରଥଙ୍କ ଦେହତ୍ୟାଗର ଖବର କୁଳଗୁରୁ ବଶିଷ୍ଠଙ୍କ ପାଖରେ ପହଂଚିଗଲା । ସେ ସମୟରେ ସେହିମାତ୍ର ଏକ ବ୍ୟକ୍ତି ଥିଲେ ଯାହାଙ୍କ ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହେବ ।

ଅନ୍ତପୁରରେ ରାଜା ଦଶରଥଙ୍କ ରାଣୀମାନେ ଶୋକ ସାଗରରେ ବୁଡ଼ି ରହିଥିଲେ । ସମସ୍ତେ ରାଣୀ କୈକେୟୀ ଓ ମନ୍ଥରାଙ୍କୁ ଗାଳି ଦେଉଥିଲେ । ମାତ୍ର ଏତ ବିଧାତାଙ୍କ ଯୋଜନା ଓ ସମୟର ଖେଳ । ମଣିଷ ବା କ'ଣ କରି ପାରିବ ।

ତୈଳଦ୍ରୋଣରେ ମହାରାଜା ଦଶରଥଙ୍କ ମର ଶରୀରକୁ ରଖାଗଲା । ମହାରାଜାଙ୍କ ଅନ୍ତ୍ୟେଷ୍ଟିକ୍ରିୟା ହେବାକୁ ଡେରି ହେବ । କଥା ରାମ ଲକ୍ଷ୍ମଣ ବନବାସରୁ ଫେରିବେ ନାହିଁ । ଭାରତ ଓ ଶତ୍ରୁଘ୍ନଙ୍କୁ ମାତୁଳ ଗୃହରୁ ଫେରାଇ ଆଣିବାକୁ କୁଳଗୁରୁ ବଶିଷ୍ଠ ଆଦେଶ ଦେଲେ ।

ନିଜ ଅଜାଙ୍କ ରାଜ୍ୟରେ ଥିଲେ ଭରତ । ଦଶରଥଙ୍କ ମୃତ୍ୟୁ ପରେ ପରେ ସେ ଅନେକ ଅଶୁଭ ସ୍ୱପ୍ନ ଦେଖୁଥିଲେ । ସେ ବୁଝି ପାରୁ ନଥିଲେ ତାର କାରଣ କ'ଣ ?

ଅଯୋଧ୍ୟାରୁ ଦୂତ ଆସି ପହଂଚିଗଲେ ଓ ଭରତଙ୍କୁ କୁଳଗୁରୁ ବଶିଷ୍ଠଙ୍କ ବାର୍ତ୍ତା ଦେଲେ । ଭାରତ ଆଶ୍ଚର୍ଯ୍ୟ ହେଲେ ଯେ ବାର୍ତ୍ତା ମହାରାଜା ଦଶରଣଙ୍କ ଠାରୁ ଆସିନି । ସେ ଶଙ୍କାକୁଳ ହୋଇ ଉଠିଲେ । ନିଜ ପିତା ଓ ମାତାଙ୍କ କୁଶଳ ମଙ୍ଗଳ କଥା ପଚାରିଲେ ଭରତ । ମାତ୍ର ଦୂତ ଦଶରଣଙ୍କ ଦେହାନ୍ତ କଥା କହିଲେ ନାହିଁ ।



ନିଜ ମାତୁଳ ଓ ଅଜାଙ୍କ ଠାରୁ ଅନୁମତି ଓ ଆଶୀର୍ବାଦ ପାଇ ଭରତ ଓ ଶତ୍ରୁଘ୍ନ ଅଯୋଧ୍ୟା ଲାଗି ଯାତ୍ରା ଆରମ୍ଭ କରିଦେଲେ । ସାତ ଆଠଦିନ ପରେ ସେମାନେ ଅଯୋଧ୍ୟା ନଗରୀରେ ପ୍ରବେଶ କଲେ । ବାଟରେ ଅନେକ ଅଶୁଭ ସଂକେତ ଦେଖି ଭରତ ଚିନ୍ତିତ ହୋଇଉଠିଲେ । ତାଙ୍କ ଆକାଙ୍କ୍ଷାକୁ ଦୂରିଭୂତ କଲା ଅଯୋଧ୍ୟା ନଗରୀର ସ୍ତବ୍ଧ ନୀରବତା । ରାଜନଗରୀରେ ପହଂଚି ସେମାନେ ଏ ଖବର ପାଇଲେ ଯେ ପିତା ଦଶରଥଙ୍କର ଦେହାନ୍ତ ହୋଇଛି ଓ ଜ୍ୟୋଷ୍ଠ ଭ୍ରାତା ରାମ ପତ୍ନୀ ସୀତା ଓ ଅନୁଜ ଲକ୍ଷ୍ମଣଙ୍କ ସହିତ ବନବାସ ଯାଇଛନ୍ତି । ଏ କଥା ମଧ୍ୟ ଭରତ ଜାଣିବାକୁ ପାଇଲେ ଯେ ଏ ସବୁ ଘଟଣାର କାରଣ ତାଙ୍କ ଜନ୍ମଦାତ୍ରୀ କୈକେୟୀ । ଏକଥା ଜାଣି ଭରତ ବହୁତ ଦୁଃଖୀ ହେଲେ ଓ ମାତା କୈକେୟୀଙ୍କୁ ବହୁତ ଭର୍ତ୍ସନା କଲେ । ଭରତ ମାତା କୈକେୟୀଙ୍କ ଏକଥା କହି ଦେଲେ ଯେ ଅଯୋଧ୍ୟାର ରାଜା କେବଳ ରାମଚନ୍ଦ୍ର ହେବେ । ସେ ସିଂହାସନରେ ସେ କେବେ ବସିବେ ନାହିଁ । ଭରତଙ୍କ କଥା ଶୁଣି କୈକେୟୀଙ୍କ ହୃଦୟ ଭାଂଗିଗଲା । ତାଙ୍କ ଯୋଜନା ଥିଲା ନିଜ ପୁତ୍ର ଭରତଙ୍କୁ ଅଯୋଧ୍ୟାର ସିଂହାସନରେ ବସାଇବା ।

ଭରତ ଓ ଶତ୍ରୁଘ୍ନ ମାତା କୌଶଲ୍ୟା ଓ ସୁମିତ୍ରାଙ୍କୁ ଦେଖାକଲେ । ସେମାନଙ୍କ ପାଖରେ ଶବ୍ଦ ନଥିଲା ମାତାମାନଙ୍କୁ ପ୍ରବୋଧନା ଦେବାକୁ । ସେମାନେ ମାତାମାନଙ୍କ ଦୁଃଖରେ ଦୁଃଖୀ ଥିଲେ । ଗୁରୁ ବଶିଷ୍ଠ ଭରତ ଓ ଶତ୍ରୁଘ୍ନଙ୍କୁ ପାଖକୁ ଡକାଇଲେ ଓ କହିଲେ ଯାହା ହେବାର ଥିଲା ହୋଇଗଲାଣି । ଏବେ ମହାରାଜା ଦଶରଥଙ୍କ ଅନ୍ତ୍ୟେଷ୍ଟି କ୍ରିୟା ସାରିବାକୁ ଆୟୋଜନ କର ।

ଦଶରଥଙ୍କ ମର ଶରୀର ତୈଳ ଭାଣ୍ଡରେ ରଖା ଯାଇଥିଲା । ବଶିଷ୍ଠଙ୍କ ଆଦେଶ ପାଇ ପାତ୍ରମନ୍ତ୍ରୀମାନେ ତାଙ୍କ କାମରେ ଲାଗିଗଲେ । ଶବଦାହ ଲାଗି ଆବଶ୍ୟକ ଜିନିଷପତ୍ର ସରଜୂ ନଦୀକୂଳରେ ଥିବା ଶ୍ମଶାନରେ ଠୁଳ କରାଗଲା । ତୈଳ ଦ୍ରୋଣରେର ରଖାଯାଇଥିବା ପିତାଙ୍କ ମୁଖ ମଣ୍ଡଳ ଆଡ଼େ ଚାହିଁଲେ ଭରତ । ସେ ପୂରା କଳାକାଠ ପରି ଦିଶୁଛନ୍ତି । ଏହା ଦେଖି ଭରତ ଉଚ୍ଚଶ୍ୱରରେ କ୍ରନ୍ଦନ କରିବା ଆରମ୍ଭ କଲେ । ତାଙ୍କୁ କାନ୍ଦିବାର ଦେଖି ଅଯୋଧ୍ୟାର ନରନାରୀ ରୋଦନ ଆରମ୍ଭ କଲେ ।

ବଶିଷ୍ଠ ମୁନି ସମସ୍ତଙ୍କୁ ପ୍ରବୋଧନା ଦେଲେ ଓ କହିଲେ- ଏବେ ଦଶରଥଙ୍କୁ ବିଦାୟ ଦିଅ ।

ସରଜୂ ନଦୀ କୂଳରେ ଥିବା ଶ୍ମଶାନରେ ଦଶରଥଙ୍କ ଜୁଇ ପ୍ରସ୍ତୁତ ହୋଇ ଯାଇଥିଲା । ଦଶରଥଙ୍କ ମରଶରୀରକୁ ବିମାନରେ ସେ ସ୍ଥାନକୁ ଅଣା ଯାଇଥିଲା ଓ ଜୁଇ ଉପରେ ରଖା ଯାଇଥିଲା । ପୁରୋହିତ ମାନେ ମନ୍ତ୍ର ପଢ଼ିବା ଆରମ୍ଭ କରିଦେଲେ । କୁଳଗୁରୁ ବଶିଷ୍ଠଙ୍କ ଅନୁମତି ନେଇ ଭରତ ପିତାଙ୍କୁ ମୁଖାଗ୍ନି ଦେଲେ ।

ଶୋକାକୁଳ ହୋଇ ଉଠିଲା ପରିବେଶ । ସୂର୍ଯ୍ୟବଂଶର ସ୍ୱର୍ଣ୍ଣିମ କାହାଣୀରେ ଗୋଟେ ଅଧ୍ୟାୟ ସରିଗଲା । ଗୁରୁଙ୍କ ପାଖରେ ଛିଡ଼ା ହୋଇ ଭରତ ଓ ଶତ୍ରୁଘ୍ନ ଦେଖିଲେ ନିଜ ପିତାଙ୍କ ଶରୀରକୁ ପଂଚଭୂତରେ ଲୀନ ହୋଇଛି । ଆଖିରେ ଆଉ ଲୁହ ନଥିଲା ।

ଶବଦାହ ପରେ କୁଳଗୁରୁ ବଶିଷ୍ଠ ଭରତ ଓ ଶତ୍ରୁଘ୍ନଙ୍କୁ ସାଂଗରେ ନେଇ ରାଜନଗର ଦିଗରେ ଚାଲିଲେ । ମିନା ଅପା ରାମାୟଣ କଥା ଏଇଠି ରଖିଲେ । (କ୍ରମଶଃ)

❤ (ମୋ) ୯୯୮୦୩୦୦୭୫୧

## କବିତା

ତୁମ ପାଇଁ

## ଟିକି ପିଳା !!

### ଯୁଧିଷ୍ଠିର କୁଅଁର



ଟିକି ତାରା ସିନା ଆକାଶେ ଦିଶୁଛି
 ସୂରୁଯ ଠୁଁ ବଳି ବଡ଼।
ଯେଉଁ ଫୁଲ ଆଜି ଜଗତ ମୋହୁଛି
 କାଲି ଥିଲା ଟିକି କଢ ।

ଟିକି ବର୍ଷା ବିନ୍ଦୁ ଶାନ୍ତ ସରଳ
 ସାଗରେ ସେ ଭୀମକାନ୍ତ।

ଟିକିଏ ବିଷକୁ ଅମୃତେ ଭରିଲେ
 ଜୀବନ କରଇ ଅନ୍ତ ।

ଟିକି ଟିକି ସିନା ବୀଜାଣୁ ଭୂତାଣୁ
 ଟିକି ପରା ଅଗ୍ନି କଣା। ସୁଯୋଗ ପାଇଲେ ଜଗତ ନାଶନ୍ତି
 କାହାକୁ ନ ଅଛି ଜଣା ।

ଟିକି ପିଲା ପରା ବାଜିଆ, ଧରମା
 କରମ ନୁହଁଇ ଛୋଟ।
ଜୀବନ ସଳିତା ଜଳାଇ ଦେଲେ ସେ
 ସଭିଙ୍କୁ ଦେଖାଇ ବାଟ ।

ଧ୍ରୁବ ପ୍ରହଲ୍ଲାଦ ଟିକି ହୃଦୟରେ
 ଅସାଧ ସାଧନ କଲେ ।
ଭାବ ଭକ୍ତି ପ୍ରୀତି ପ୍ରେମ ପରାଣରେ
 ବିଭୁ ଆଶିଷ ଲଭିଲେ ।

ଆମେ ଟୁଆଁ ଟୁଇଁ ଆଜି ସିନା ଛୋଟ
 କାଲି କୁ ହୋଇବୁ ବଡ଼।
ସାଜିବୁ ଜାତିର କର୍ଣ୍ଣଧାର ଆମେ
 ଆଶା ଭରସାର ନୀଡ଼ ।


ଡଗରପଡା, ବାଲେଶ୍ୱର
ମୋ: ୯୦୪୦୬୩୨୧୯୪.


## ପାହିଲାଣି ରାତି

### ବିଜୟଲକ୍ଷ୍ମୀ ପାଣିଗ୍ରାହି

ପାହିଲାଣି ରାତି ରାବଇ କାଉ
ଉଠ ଉଠ ମଠ ନ କର ଆଉ ।
ଝଡି ବରଷାରେ ରାତି ସରିଲା
ନଇ ବଢ଼ି ପାଣି ଘରେ ପଶିଲା
ଜୀବିକା ଜୀବନ ପାଉନି କୂଳ
ବିପ୍ଳାତ ଘଟାଇ ବହୁଛି ଜଳ।

ଗୋରୁ ଗାଈ ସବୁ ଭାସି ଗଲେଣି
କ୍ଷେତ ବାଡ ପାଇଁ ପଡେ ଭାଳେଣି।
ଭୋକ ଉପବାସେ ବସି ଡାଳରେ
ପକ୍ଷୀଏ ଥରନ୍ତି ଥଣ୍ଡା କୋପରେ।
ଡେଙ୍ଗା ଗଛ ଯେତେ ଛାଡନ୍ତି ରଡ଼ି
ପବନ ଭୂଇଁରେ ଦିଏ କଚାଡି।
ଉଡ଼ିଲା ଛପର ଭାଙ୍ଗିଲା ଘର
ଆଖିରୁ ବହିଲା ଲୋତକ ଧାର।
କେତେ ବେଳ ଆଉ ଶୋଇବୁ ଧନ
ଉହଳ ବିକଳ ଜନ ଜୀବନ।

ଚାହିଁ ରହିଛନ୍ତି ସାହାଯ୍ୟ ପାଇଁ
ଗୋପବନ୍ଧୁଙ୍କର ମନେ ପକାଇ।
ତୁ ପରା ତାଙ୍କର ଦାୟାଦ ବାବୁ
କେମିତି ଏଠାରେ ଶୋଇ ରହିବୁ।
ଦୁଃଖୀ ରଙ୍କିଙ୍କର ସେବା କରମ
କରିଲେ ହୋଇବ ବଡ ଧରମ।


ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ -୮୨୪୯୪୫୦୦୫୦


## ବହଇ କୋହଲା ପବନ

### ନଗେନ୍ଦ୍ର ନାଥ ପଟନାୟକ

କାରତିକ ଶେଷେ ଧରଣୀ ମା କୋଳେ
ମଗୁଶୁର ପାଦ ଥାପଇ
ବିଜେ ହେବେ ବୋଲି ମା ଅର୍ଣ୍ଣପୂର୍ଣ୍ଣା
ଗୁରୁବାରେ ମାଣ ବସଇ ।
ହେମନ୍ତ ଆସିଲେ ଟପଟପ ହୋଇ

ଖସଇ ଆକାଶୁ ଶିଶିର
ସବୁଜିମା ଧରା ଦେହେ ଢାଙ୍କିଦିଏ
ସତେକି ରୂପେଲି ଚାଦର ।
ହେମନ୍ତର ପଛେ ମାଡ଼ିଆସେ ଶୀତ
ବହଇ କୋହଲା ପବନ
ଦିବସଟି ଛୋଟ ରାତି ହୁଏ ବଡ଼
କାଟେନି ତପନ କିରଣ ।
କାଳ ଆର୍ତ୍ତନେ ଶୀତ ସିଞ୍ଚିଚାଲେ
ମରତେ ହେମାଳ ଅତର

ଧନ୍ୟ ମହାପ୍ରଭୁ ଧନ୍ୟ ଏ ଜଗତ
ଧନ୍ୟ ତୁମ ସୃଷ୍ଟି ଅପାର ।
ପୌଷ ମାଘ ଶେଷେ ବାହୁଡ଼ଇ ଶୀତ
ସାରି ତାର ଅଭିନୟ
ମା ବୀଣା ପାଣି ଚରଣେ ଲୋଟଇ
ଋତୁରାଜ କିଶଳୟ ।


୯୯୯/୩,ଜଗମୋହନ ନଗର
ଜାଗମରା,ଖଣ୍ଡଗିରି
ମୋ-୯୪୩୮୩୩୨୧୩୮




## ଅଧ୍ୟାପକ ଶରତ କୁମାର ଦାସ

# କୁନି ବଣି ଓ ମୁନାମୁନି



ଖରାଦିନ। ବେଳ ଗଡିଗଲାଣି। । କୋଉଠି ଥିଲା କେଜାଣି କଳାହାଣ୍ଡିଆ ମେଘ ସହ ଜୋର୍‌ରେ ଝଡବର୍ଷା ମାଡି ଆସିଲା । ପ୍ରବଳ ବେଗରେ ପବନ ସହିତ କୁଆପଥର ମାଡ। ଆଖିପିଛୁଳାକେ ଅନେକ ଛୋଟଛୋଟ ଗଛ ଭାଙ୍ଗି ତଳେ ଲୋଟିପଡୁଥାଏ। ଗଛରେ ବସା ବାନ୍ଧି ରହୁଥିବା କାଉ, ପାରା, ଘରଚଟିଆ, ବାଇଚଢେଇ, ବଣି, ହଳଦୀବସନ୍ତ ଆଦି ଅନେକ ପକ୍ଷୀ ପ୍ରାଣ ବିକଳରେ ଏଡାଳରୁ ସେଡାଳ ହେଉଥା'ନ୍ତି । ଆଉ କିଛି ଅଣନିଃଶ୍ୱାସୀ ହୋଇ ଏଣେତେଣେ ଉଡିବାରେ ଲାଗିଛନ୍ତି। କିଛି ପକ୍ଷୀଛୁଆ ଝଡର ଦାଉ ସହି ନପାରି ଗଛରୁ ତଳକୁ ଖସିପଡୁଥା'ନ୍ତି। ଲହୁଲୁହାଣ ହୋଇ ମାଟିରେ ପଡି ଚିତ୍କାର କରୁଥା'ନ୍ତି।

ଝାପସାଝାପସା ଅନ୍ଧାର ହେଲାଣି । ଝଡବର୍ଷା ବି ଥମିଆସୁଛି । ଠିକ୍ ଏହି ସମୟରେ ଦାଣ୍ଡ ଝରକା ପାଖରେ ଥିବା ଗୋଟିଏ ବଡ ଦେବଦାରୁ ଗଛ ମୂଳରେ କିଛି ଗୋଟାଏ ଫଡଫଡ୍ ଶବ୍ଦ ଶୁଭିଲା । ମୁନାମୁନି ଦୁଇ ଭାଇ ଭଉଣୀ ପଢାଘର ଭିତରେ ଥିଲେ । ମୁନା ବଡ । ମୁନି ସାନ। ଖେଳିବାରେ ବ୍ୟସ୍ତ ଥିବାରୁ ମୁନି କିଛି ଜାଣିପାରୁନଥାଏ। ମାତ୍ର ପକ୍ଷୀଟିର କରୁଣ ଚିତ୍କାର ମୁନା କାନରେ ବାଜିଲା ।

-- 'ଶୁଣିଲୁ ଶୁଣିଲୁ ମୁନି , ଏ କି ଚେଁ ଚେଁ ଶବ୍ଦ ଶୁଭୁଛି ଆମ ଝରକା ପାଖରେ ? '-ମୁନା ହାତ ଠାରି ମୁନିକୁ ଦେଖାଇ ଦେଲା ।

--'ହଁ ,ଭାଇ ସତେତ ! ଡେଣା ଫଡଫଡ୍ ଶବ୍ଦ ବି ଶୁଭୁଛି ।

ବୋଧହୁଏ ଚଢେଇ ଛୁଆଟିଏ ଝଡବତାସ ମାଡ ଖାଇ ଗଛ ତଳକୁ ଖସି ପଡି ଚିତ୍କାର କରୁଛି' --ମୁନି ତା' ଭାଇକୁ କହିଲା।

---'ଚାଲ୍ ଦେଖିବା !'--ମୁନା କହିଲା ।

ମୁନାମୁନି ଦୁଇଜଣ ହାତରେ ଲଣ୍ଠନ ଧରି ବାହାରକୁ ଗଲେ । ସେତେବେଳକୁ ପବନ ସମ୍ପୂର୍ଣ୍ଣ କମିଯାଇଥିଲା ।ବର୍ଷା ଯାହା ଝିପିଝିପି ଟିକେ ପଡୁଥାଏ। ଦେବଦାରୁ ଗଛ ମୂଳେ କୁନି ବଣିଟିଏ ପଡି ଛଟପଟ ହେଉଛି। ପଥର ମାଡରେ ତା' ଗୋଡ ଓ ଡେଣାରେ ଖୁବ୍ ଜୋର୍‌ରେ ଆଘାତ ଲାଗିଛି । ମୁଣ୍ଡରୁ ରକ୍ତ ଥପ୍ ଥପ୍ ହୋଇ ନିଗିଡି ପଡୁଛି । ନିସ୍ତେଜ ହୋଇ ଛୁଆଟି ତଳେ ପଡିଛି । ଦେହଟିଯାକ ପାଣିକାଦୁଅରେ ସରସର । ଉଠିବାକୁ ବଳ ନାହିଁ ।ମଝିରେ ମଝିରେ ଖାଲି ଯାହ ଡେଣା ଫଡଫଡ୍ ଶବ୍ଦ ।

ଆଉ ବିଳମ୍ବ ନକରି ମୁନା ଧୀରେ କୁନି ବଣିଟିକୁ ଧରି ଘର ଭିତରକୁ ଶୀଘ୍ର ଚାଲି ଆସିଲା । ପଛେ ପଛେ କୁନି । ଏହି ସମୟରେ ରୋଷେଇ ଘରେ ମୁନାମୁନିଙ୍କର ମା' ଥିଲେ। ଘର ଭିତରେ ପାଟିତୁଣ୍ଡ ଶୁଣି ସେ ବି ଘର ଭିତରକୁ ପଶିଆସିଲେ । ପକ୍ଷୀଛୁଆଟିର ଏଭଳି ଅବସ୍ଥା ଦେଖି ବହୁତ ମନଦୁଃଖ କଲେ । ଛୁଆଟିର ଯତ୍ନ ନେବା ପାଇଁ ମୁନାମୁନିଙ୍କୁ କହି ଗରମ ପାଣି ଆଣିବା ପାଇଁ ଚାଲିଗଲେ ।

ଭାଇ ଭଉଣୀ କ'ଣ କରିବେ ନ କରିବେ କିଛି ଚିନ୍ତା କରିପାରୁନଥା'ନ୍ତି। ବେଶୀ ଡେରିହୋଇଗଲେ ହୁଏତ ଛୁଆଟିଏ ଆଉ ବଂଚି ନପାରେ ।

ମୁନା ସାଙ୍ଗେ ସାଙ୍ଗେ ଖଣ୍ଡେ ପତଳା ଶୁଖିଲା କପଡାରେ କୁନି ବଣିଟିର ଦେହ ପୋଛି ପରିଷ୍କାର କରିଦେଲା। ଗରମ ପାଣିରେ ଡେଟଲ ମିଶାଇ ରକ୍ତ ଲାଗିଥିବା ଜାଗାକୁ ଧୀରେ ଧୋଇଧାଇ ସଫାକରିଦେଲା। ମୁନି ଘରେଥିବା ଔଷଧ ଆଣି ଗୋଡ ଓ ଡେଣାରେ ହୋଇଥିବା କ୍ଷତ ଜାଗାରେ ଲଗାଇଦେଇ ପାଖରେ ଜଗିବସିଥାଏ । ସେମିତି ଆଖି ବନ୍ଦ କରି ପଡି ରହିଥାଏ ପକ୍ଷୀଛୁଆଟି। ମୁନା ଧୀରେ ଧୀରେ ତା' ଥଣ୍ଟ ଖୋଲି ଟିକେ ଟିକେ ଦୁଧ ପିଆଇଦେଉଥାଏ। କେତେବେଳେ ଛୁଆଟି ଢୋକୁଥାଏ ତ ଆଉ କେତେବେଳେ ଦୁଧତକ ତଳକୁ ଖସିଆସୁଥାଏ । ଭାଇ ଭଉଣୀ ଦୁଇଜଣଯାକ ମନଦୁଃଖରେ ଛୁଆଟିର ପାଖରେ ଜଗି ବସିଥା'ନ୍ତି। କେତେବେଳେ କେମିତି ଛୁଆଟିର ଦେହକୁ ଆଉଁସି ଦେଉଥା'ନ୍ତି। ମନେ ମନେ ଭଗବାନଙ୍କୁ ପ୍ରାର୍ଥନା କରୁଥାଆନ୍ତି କେତେ। ନା ତାଙ୍କ ଆଖିକୁ ନିଦ ଅଛି ନା ପେଟକୁ ଭୋକ ଅଛି। ମା' ଯେତେ ଡାକିଲେ ବି ଖାଇବାର ନାଁ ଧରୁନଥା'ନ୍ତି । ରାତି ବି ବଢିଚାଲିଛି । ଚାରିଆଡ ଶୂନ୍ ଶାନ୍।

ଧୀରେ ଧୀରେ ରାତି ପାହି ଆସିଲା । ସକାଳ ହେଲା। ଥଣ୍ଡା ପବନ ଝରକାଦେଇ ଘରକୁ ଆସୁଥାଏ । କୁନି ପକ୍ଷୀଟିଏ ଏଥର ଟିକେ ଆଖି ଖୋଲିଲା । ଚାରିଆଡକୁ ଚାହିଁ ପୁଣି ଆଖି ବୁଜିଦେଲା। ଖରାପଡିଲାଣି। ଦିନ ଆସି ଘଡିଏ ହେଲାଣି ।ଛୁଆଟି କଡଲେଉଟାଇବାକୁ ଚେଷ୍ଟା କଲା । ମୁନି ଦୌଡି ଆସି ତା' କଡଲେଉଟାଇଦେଲା। ମୁନାମୁନିଙ୍କର କି ଖୁସି ! ହେଲେ ପକ୍ଷୀଟିର ଆଖିରେ ଲୁହ ।

--'ଛି, କାହିଁକି କାନ୍ଦୁଛ ? ଆମେ ପା ତମ ପାଖରେ ଅଛୁ ! ତମର କିଛି ଅସୁବିଧା ହେବନି'--ମୁନା କୁନି ବଣିକୁ ବୁଝେଇ କହି ତା' ଆଖିରୁ ଲୁହ ପୋଛିଦେଲା ।

-- 'ଦୁଧ ଟିକେ ପିଇଦିଅ । କାଲି ରାତିରେ କିଛି ଖାଇନ'--ମୁନି କୁନି ବଣିଟିର ପାଟି ଖୋଲି ଦୁଧ ପିଆଇଦେଲା।

କୁନି ବଣି ମୁନାମୁନିଙ୍କର ସ୍ନେହ,ଶ୍ରଦ୍ଧା ଓ ଯତ୍ନ୍ ରେ ଧୀରେ ଧୀରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲା। ପୂର୍ବ ଭଳି ଖାଇଲା, ବୁଲିଲା ଓ ଖେଳିଲା । ଭାଇ ଭଉଣୀ ବି ବହୁତ ଖୁସି । ଛୁଆଟିର ଟିକେ ବି ପାଖ ଛାଡୁନଥା'ନ୍ତି। ଯୁଆଡେଗଲେ ବି ସାଙ୍ଗରେ ତାକୁ ନେଇଥାଆନ୍ତି । ଏମିତି କିଛି ଦିନ ଚାଲିଗଲା ।ଦିନେ ଛୁଆଟି ମନଦୁଃଖରେ ବସିଥିବାର ମୁନାମୁନି ଜାଣିପାରିଲେ।

--ତମର ଆଜି କ'ଣ ହୋଇଛି କି ? ତମ ମନରେ ଜମା ଖୁସିନାହିଁ । ସବୁବେଳେ ଅନ୍ୟମନସ୍କ'--ମୁନା କୁନି ବଣିକୁ ପଚାରିଲା।

--' ମୁନା ଭାଇ , ମୋ'ର ଆଜି କାହିଁକି ଘର କଥା ବହୁତ ମନେପଡୁଛି। ମୋ ବାପା ମା' ଓ ଟିକି ଭଉଣୀ କଥା ଭାରି ମନେପଡୁଛି । ସେମାନେ ମୋତେ ବହୁତ ଖୋଜୁଥିବେ। ମୋ ମା' ଦିନ ରତି ମୋ ବାଟକୁ ଚାହିଁ ବସି ଲୁହଝରାଉଥିବ। ତମ ପାଖରେ ତମ ବାପା ମା' ଅଛନ୍ତି ।ତେଣୁ ତମେ ଭାରି ଖୁସିରେ ଅଛ। ମୁଁ ଆଉ ରହିବିନି । ଆଜି ଆମ ଘରକୁ ଚାଲିଯିବି'--କୁନି ବଣି ଆଖିରୁ ଲୁହ ପୋଛି ଧୀରେ ଧୀରେ କହିଲା ।

ମୁନାମୁନି କୁନି ବଣିର କଥା ଶୁଣି ବହୁତ ମନଦୁଃଖ କଲେ ସତ ମାତ୍ର ତା' ମନର କଥାକୁ ବୁଝିପାରିଲେ।

--ସେ ଠିକ୍ କଥା କହୁଛି। ଯଦି ଚାହୁଁଛି, ତେବେ ସେ ଯାଉ । ତା' ବାପା ମା' ତାକୁ ଚାହିଁ ବସିଥିବେ'--ମା' କହିଲେ।

ଏଥର ବିଦାୟ ବେଳ ଆସିଲା । କେହି କାହାକୁ କିଛି କହୁନଥା'ନ୍ତି। ସମସ୍ତେ ଚୁପ୍ ଚାପ୍ । ସମସ୍ତଙ୍କ ଆଖିରେ ଲୁହ କେବଳ।

-- 'ମୋତେ ଏଥର ଯିବାକୁ ଦିଅ। ମୋ ପାଇଁ ତମେମାନେ ବହୁତ ପରିଶ୍ରମ କଲ। ତମମାନଙ୍କ ପାଇଁ ମୁଁ ଗୋଟିଏ ନୂଆ ଜୀବନ ପାଇଲି । ଏ ଉପକାର ମୁଁ କେବି ବି ଭୁଲି ପାରିବି ନାହିଁ । ମୁଁ କଥାଦେଉଛି ମଝିରେ ମଝିରେ ନିଶ୍ଚୟ ଆସିବି । ପୁଣି ହସିବା, ଖେଳିବା, ବୁଲିବା ଓ ବହୁତ ମଜା କରିବା'-- ଏତିକି କହି ଭୋ'କରି କାନ୍ଦିଉଠିଲା କୁନି ପକ୍ଷୀଟି ।ସମସ୍ତଙ୍କ ମୁହଁ କୁ ଟିକେ ଚାହିଁ ଡେଣା ଫଡଫଡ୍ କରି ଆକାଶକୁ ଉଡିଗଲା ।

ମୁନାମୁନି ଓ ସେମାନଙ୍କ ମା' ହାତ ହଲାଇ କୁନି ବଣିଟିକୁ ବିଦାୟ ଦେଲାବେଳେ ଆଖିରୁ ଲୁହପୋଛୁଥିଲେ ।


+ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧




# ବାପୁଙ୍କ ଉପହାର

## ବିନୟ କୁମାର ଦାସ



ଭାରତ ସ୍ୱାଧୀନତା ପ୍ରାପ୍ତିର କିଛି ସପ୍ତାହ ପୂର୍ବର ଘଟଣାଟିଏ । ସେତେବେଳେ ପଶ୍ଚିମ ବଙ୍ଗରେ ଦଙ୍ଗା ଚାଲିଥାଏ । ହିନ୍ଦୁ ଓ ମୁସଲମାନ ପରସ୍ପରକୁ ହତ୍ୟା କରି ଚାଲିଥାନ୍ତି । ମହାତ୍ମା ଗାନ୍ଧୀ କଲିକତାରେ ରହି ଏହି ଦଙ୍ଗାକୁ ଦମନ କରିବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା ଚଳାଇଥାନ୍ତି । ପଣ୍ଡିତ ଜବାହର ଲାଲ ନେହେରୁ ଓ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଦିଲ୍ଲୀରେ ରହୁଥାନ୍ତି । ସେମାନେ ଗାନ୍ଧିଜୀଙ୍କ ନିକଟକୁ ଜଣେ ଦୂତ ହାତରେ ଗୋଟିଏ ଅନୁରୋଧ ପତ୍ର ପଠାଇଲେ । ମଧ୍ୟାହ୍ନରେ ଦୂତଙ୍କଠାରୁ ସେଇ ପତ୍ରଟି ପାଇ ଗାନ୍ଧିଜୀ ପ୍ରଥମେ ତାଙ୍କୁ ପଚାରିଥିଲେ, "ତୁମେ ଭୋଜନ କରିଚ ତ ?"

ଦୂତ ଜଣକ ନାହିଁ କହିବାରୁ ଗାନ୍ଧିଜୀ ତାଙ୍କୁ ପ୍ରଥମେ ଭୋଜନ କରାଇଲେ ଓ ତାପରେ ପତ୍ର ଖଣ୍ଡିକ ଖୋଲି ପଢ଼ିଲେ । ସେ ପତ୍ରରେ ଲେଖାଥିଲା, "ବାପୁ ! ଆପଣ ରାଷ୍ଟ୍ରପିତା ଅଟନ୍ତି । ୧୯୪୭ ଅଗଷ୍ଟ ୧୫ ତାରିଖ ଆମ ଦେଶର ପ୍ରଥମ ସ୍ୱାଧୀନତା ଦିବସ ରୂପେ ମହା ସମାରୋହରେ ପାଳନ କରାଯିବ । ତେଣୁ ଆମର ଏକାନ୍ତ ଇଚ୍ଛା ଆପଣ ଦିଲ୍ଲୀକୁ ଆସି ଆମକୁ ଆଶୀର୍ବାଦ ପ୍ରଦାନ କରନ୍ତୁ ।"

ପତ୍ରଟିକୁ ପଢ଼ିସାରିବା ପରେ ଗାନ୍ଧିଜୀ କହିଲେ, "ଏ କି ମୂର୍ଖତାପୂର୍ଣ୍ଣ ଅନୁରୋଧ ? ଏଠି ବଙ୍ଗଭୂମି ଜଳୁଛି । ହିନ୍ଦୁ ମୁସଲମାନ ମଧ୍ୟରେ ସଦ୍‌ଭାବ ନାହିଁ। ହାଣ କାଟରେ ସେମାନେ ଲିପ୍ତ ରହିଛନ୍ତି । ସାମାନ୍ୟ ଭୁଲ୍ ବୁଝାମଣା ପାଇଁ ସେମାନେ ପରସ୍ପରର ଘୋର ଅନିଷ୍ଟ କରି ଚାଲିଛନ୍ତି । କଲିକତାର ଘନ ଅନ୍ଧକାର ଭିତରେ ମୁଁ ସେମାନଙ୍କର ଆର୍ତ୍ତନାଦ ଶୁଣି ପାରୁଛି । ଏ ପରିପ୍ରେକ୍ଷୀରେ ମୁଁ ମୋ ହୃଦୟରେ ଉଜ୍ଜଳ ଆଲୋକ ନେଇ କେମିତି ଦିଲ୍ଲୀ ଯାଇ ପାରିବି ? ବଙ୍ଗଭୂମିରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ମୋତେ ଏଇଠାରେ ହିଁ ରହିବାକୁ ପଡ଼ିବ। ଯଦି ଦରକାର ପଡ଼େ ଶାନ୍ତି ସୌହାର୍ଦ୍ଧ୍ୟ ପ୍ରତିଷ୍ଠା ପାଇଁ ମୋତେ ମୋ ପ୍ରାଣ ବିସର୍ଜନ କରିବାକୁ ବି ପଡ଼ିପାରେ । ମୁଁ ସେମାନଙ୍କର ଅନୁରୋଧ ରକ୍ଷା କରିପାରିବି ନାହିଁ । ତୁମେ ଏକଥା ସେମାନଙ୍କୁ ଜଣାଇଦେବ।"

ଦୂତଙ୍କୁ ବିଦାୟ ଦେବା ଉଦ୍ଦେଶ୍ୟରେ ସେ ବାହାରକୁ ଆସିଲେ । ସେ ଦୁହେଁ ଗୋଟିଏ ଗଛ ମୂଳେ ଛିଡ଼ା ହୋଇଥିଲେ । ଗଛରୁ ଗୋଟିଏ ଶୁଖିଲା ପତ୍ରଟି ଝଡ଼ି ପଡ଼ିଲା ସେଇଠି । ଗାନ୍ଧିଜୀ କହିଲେ, "ବନ୍ଧୁ, ତୁମେ ଦିଲ୍ଲୀ ଫେରିଯାଉଚ । ନେହେରୁ ଆଉ ପଟେଲଙ୍କୁ ମୁଁ ବା କି ଉପହାର ଦେଇପାରିବି । ଏ ପରିସ୍ଥିତିରେ ଏଇ ଶୁଖିଲା ପତ୍ରଟି ସେମାନଙ୍କୁ ଦେଇଦେବ । ମୋ ପାଖରେ ନା କିଛି କ୍ଷମତା ଅଛି ନା କିଛି ସମ୍ପତି । ସେମାନଙ୍କୁ କହିବ ମୋତେ ଭୁଲ୍ ବୁଝିବେ ନାହିଁ ।"

ତାଙ୍କ କଥା ଶୁଣି ଦୂତଙ୍କ ନୟନ ଯୁଗଳରୁ ଦୁଇ ଠୋପା ଲୁହ ଝରି ପଡ଼ିଲା ଆଉ ପତ୍ରଟି ଓଦା ହୋଇଗଲା । ପରିହାସ ଛଳରେ ସାମାନ୍ୟ ହସି ଦେଇ ଗାନ୍ଧିଜୀ କହିଲେ, "ଦେଖିଲତ ବନ୍ଧୁ, ଈଶ୍ୱର କେତେ ଦୟାଳୁ । ଗାନ୍ଧିଜୀ ଶୁଖିଲା ପତ୍ରଟିଏ ଉପହାର ସ୍ୱରୂପ ପଠାଇବାକୁ ସେ ମଞ୍ଜୁର କଲେ ନାହିଁ । ତେଣୁ ଓଦା କରିଦେଲେ। ତୁମେ ଏଇ ଅଶ୍ରୁସିକ୍ତ ପତ୍ରଟିକୁ ମୋ ତରଫରୁ ସେମାନଙ୍କୁ ଦେଇଦେବ। କହିବ, ଏଇଟା ବାପୁଙ୍କ ଉପହାର ।"


+ଅନାମିକା ନୀଡ, ଅଂଗାରଗଡିଆ, ବାଲେଶ୍ୱର

# କୋଠାବାଡି ପ୍ଲାନ ମଞ୍ଜୁରି ପାଇଁ ପୌରସଂସ୍ଥା ଯନ୍ତ୍ରୀଙ୍କ ୨ଦିନିଆ ତାଲିମ କର୍ମଶାଳା

ଭୁବନେଶ୍ୱର,୨୨/୦୪ (ନି.ପ୍ର): ପୌରସଂସ୍ଥାଗୁଡିକୁ ସହରୀ ଯୋଜନା କାର୍ଯ୍ୟ ହସ୍ତାନ୍ତରଣ ତଥା ଏହି ସେବାକୁ ପାରଦର୍ଶିତା ସହ ଯୋଗାଇଦେବା ନିମନ୍ତେ ସରକାର ପ୍ରଚଳିତ ବିଧିବ୍ୟବସ୍ଥାରେ ଅବଶ୍ୟକୀୟ ସଂଶୋଧନମାନ ଆଗତ କରିସାରିଛନ୍ତି । ପୌରସଂସ୍ଥାରେ କାର୍ଯ୍ୟରତ ଅଧିକାରୀମାନଙ୍କର ଦକ୍ଷତା ବୃଦ୍ଧି କରିବା ଉଦେଶ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜିଠାରୁ ଏକ ଦୁଇ ଦିନିଆ ତାଲିମ ତଥା କର୍ମଶାଳାର ଆୟୋଜନ କରାଯାଇଛି । ଏହି କର୍ମଶାଳାରେ କୋଠାବାଡି ଯୋଜନା ଅନୁମୋଦନ ତଥା ଅଣଯୋଜନାକୃତ ସହରୀ ବିକାଶକୁ ନିୟନ୍ତ୍ରିତ କରିବା ନିମନ୍ତେ ବିଭିନ୍ନ ଆଇନଗତ ତଥା ବୈଷୟିକ ଦିଗ ଗୁଡିକ ଉପରେ ବିଶେଷ ତାଲିମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି ।

କର୍ମଶାଳାକୁ ଉଦଘାଟନ କରି ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାଥନନ କହିଥିଲେ ଯେ ସେବା ପ୍ରଦାନ କରିବାରେ ପାରଦର୍ଶିତା ଏବଂ ସ୍ୱଚ୍ଛତା ମାଧ୍ୟମରେ ଜନସାଧାରଣଙ୍କୁ ସୁବିଧା ଯୋଗାଇବା ସୁନିଶ୍ଚିତ କରିବା ଏବଂ ସରକାରୀ କାର୍ଯ୍ୟ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ବୈଷୟିକ ଜ୍ଞାନ କୌଶଳ ଯଥା ସମ୍ଭବ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି । ଏଥି ସହିତ ସରକାରୀ ସଂସ୍ଥା ମାନଙ୍କ ଉପରେ ସର୍ବସାଧାରଣଙ୍କ ଆସ୍ଥା ବଜାୟ ରଖିବା ନିମନ୍ତେ ଅଧିକାରୀ ମାନଙ୍କ ବ୍ୟବହାରରେ ସକାରାତ୍ମକ ପରିବର୍ତନ ଆଣିବା ନିତାନ୍ତ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ତାଲିମରେ ଅଂଶଗ୍ରହଣ କରୁଥିବା ଅଧିକାରମାନଙ୍କୁ ମୋ ସରକାର କାର୍ଯ୍ୟକ୍ରମରେ କିଭଳି ନାଗରିକ ମାନଙ୍କର ମତାମତ ସିଧା ସଳଖ ଫୋନରେ ଗ୍ରହଣ କରାଯାଉଛି ସେହି ବିଷୟରେ ଅବଗତ କରାଇଥିଲେ ।

ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ତାଙ୍କର ସ୍ୱାଗତ ଅଭିଭାଷଣରେ, ପୌରସଂସ୍ଥା ମାନଙ୍କୁ ସହରୀ ଯୋଜନା କ୍ଷମତା ପ୍ରଦାନ କରାଯିବା ଏକ ସମୋୟୋଚିତ ଉଦ୍ୟମ ଏବଂ ଏହା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ମହତ ଉଦ୍ଦେଶ୍ୟର ପ୍ରତିଫଳନ ଏବଂ ୫ଟି ମନ୍ତ୍ର ସହ ସମନ୍ୱୟ ରକ୍ଷାକରିବାରେ ସହାୟକ ହୋଇଛି ବୋଲି ମତ ପ୍ରକାଶ କରିଥିଲେ । ସମସ୍ତ ୧୧୫ ଗୋଟି ପୌରସଂସ୍ଥାର ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ ଏବଂ ତାଗିଦ କରି କହିଥିଲେ ଯେ କ୍ଷମତା ଅର୍ଥ ଅଧିକ ଦାୟିତ୍ୱ ଏବଂ ସେମାନଙ୍କୁ ଯେଉଁ କାର୍ଯ୍ୟ ଦିଆଯାଇଛି ତାହା ସେମାନେ କିଭଳି ଭାବରେ ନିର୍ବାହ କରିବେ ତା' ଉପରେ ସମସ୍ତଙ୍କର ନଜର ରହିବ ।

ଅତିରିକ୍ତ ଶାସନ ସଚିବ ସୁଶାନ୍ତ ମିଶ୍ର, ସହରୀ ଯୋଜନା ସେବାର ବ୍ୟବହାରିକ ଦିଗଗୁଡିକ ଉପରେ ଆଲୋକପାତ କରିଥିଲେ । ସେ ନାଗରିକମାନଙ୍କ ପାଇଁ କିଭଳି ଏକ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଏବଂ କମ୍ପ୍ୟୁଟରୀକୃତ କୋଠାବାଡି ନିର୍ମାଣ ଯୋଜନା ଅନୁମୋଦନ ପ୍ରକ୍ରିୟା କରଣ ବ୍ୟବସ୍ଥା କରାଯାଇଛି, ତାହା ଜଣାଇଥିଲେ । ଏହି ତାଲିମ କର୍ମଶାଳାରେ କିଟ୍ ବିଶ୍ୱବିଦ୍ୟାଳୟର ସ୍ଥପତି ଏବଂ ଯୋଜନା ବିଭାଗର ମୁଖ୍ୟ ପ୍ରଫେସର ସୌମ୍ୟେନ୍ଦୁ. ଏସ୍ . ରାୟ, ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର, ସ୍ଥପତି ବିଭାଗ ମୁଖ୍ୟ ରାଜ୍ କୁଅଁର ନାୟକ, ଉପସ୍ଥିତ ଥିଲେ ।

ତାଲିମ ଗ୍ରହଣ କରୁଥିବା ଏହି ନୋଡାଲ ପୌର ଯନ୍ତ୍ରୀ ମାନେ ନିଜ ନିଜ କାର୍ଯ୍ୟାଳୟରେ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରିବେ ଏବଂ ବୈଷୟିକ ସହାୟତା ଯୋଗାଇ ଦେବେ । ପୌରସଂସ୍ଥା ମାନଙ୍କୁ ସହରୀ ଯୋଜନା ନିମନ୍ତେ କ୍ଷମତା ପ୍ରଦାନ କରାଯିବାପାଇଁ ଖୁବ ଶୀଘ୍ର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ।

# ରାଜ୍ୟ ସରକାରଙ୍କୁ ଓଡ଼ିଶା କ୍ଷୁଦ୍ରଶିଳ୍ପ ନିଗମର ୧.୪୦ କୋଟି ଟଙ୍କା ଲାଭାଂଶ ପ୍ରଦାନ

ଭୁବନେଶ୍ୱର,୨୨/୦୪ (ନି.ପ୍ର): ଓଡିଶା କ୍ଷୁଦ୍ରଶିଳ୍ପ ନିଗମ ପକ୍ଷରୁ ରାଜ୍ୟ ସରକାରଙ୍କୁ ୨୦୧୮-୧୯ ବର୍ଷ ପାଇଁ ୧,୪୦,୨୭,୧୦୩ ଟଙ୍କା ଲାଭାଶ ବାବଦରେ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଙ୍କ ଉପସ୍ଥିତିରେ ଓଡିଶା କ୍ଷୁଦ୍ରଶିଳ୍ପ ନିଗମ ର ଅଧକ୍ଷ ଚିନ୍ମୟ ସାହୁ ଏହି ପରିମାଣ ର ଚେକ୍ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ ଯେ ୨୦୧୮-୧୯ ବର୍ଷରେ ଓଡିଶା କ୍ଷୁଦ୍ରଶିଳ୍ପ ନିଗମ ସମସ୍ତ କର ପ୍ରଦାନ କରିବା ପରେ ୪,୬୭,୪୬,୯୯୬ ଟଙ୍କା ଲାଭ କରିଥିଲା । ତେଣୁ ରାଜ୍ୟ ସରକାରଙ୍କୁ ନିଗମ ୩୦ ପ୍ରତିଶତ ଲାଭାଂଶ ବାବଦରେ ୧,୪୦,୨୭,୧୦୩ ଟଙ୍କା ପ୍ରଦାନ କରିଛି । ଭିଡିଓ କନଫରେନ୍ସ ଜରିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୁଦ୍ର ଓ ମଧମ ଶିଳ୍ପ ବିଭାଗ ମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର, ଅଣୁ, ଖୁଦ୍ର ଓ ମଧମ ଶିଳ୍ପ ବିଭାଗ ର ପ୍ରମୁଖ ସଚବ ଶ୍ରୀମତୀ ରଞ୍ଜନା ଚୋପ୍ରା ପ୍ରମୁଖ ଲୋକ ସେବା ଭବନରେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଙ୍କ ସଚିବ ୫ଟି ଭି କେ ପଣ୍ଡିଆନ ମଧ ଉପସ୍ଥିତ ଥିଲେ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ. ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୨୨/୦୪ (ନି.ପ୍ର): ମହାନ୍ ସ୍ୱାଧୀନତା ସଂଗ୍ରାମୀ ତଥା ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡଃ. ସଦାଶିବ ତ୍ରିପାଠୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେଆଜିସକାଳେ ସ୍ଥାନୀୟ କ୍ୟାପିଟାଲ ହସ୍ପିଟାଲ ଛକ ସ୍ଥିତ ଡଃ ତ୍ରିପାଠୀଙ୍କ ପୂର୍ଣ୍ଣାବୟବପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରୀ ଶ୍ରୀ ଜଗନ୍ନାଥ ସାରକା, ସମ୍ମାନିତ ଅତିଥି ଭାବେ ନବରଙ୍ଗପୁର ସାଂସଦ ଶ୍ରୀ ରମେଶ ଚନ୍ଦ୍ର ମାଝି, ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁର ସଂପାଦକ ଡଃ.ଲେନିନ୍ ମହାନ୍ତି ପ୍ରମୁଖ ଯୋଗଦେଇ ଡଃ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ(ବୈଷୟିକ) ଶ୍ରୀ ସୁରେନ୍ଦ୍ରନାଥ ପରିଡା, ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ସନ୍ତୋଷ କୁମାର ଦାସ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ମାନସ ରଞ୍ଜନ ଖୁଣ୍ଟିଆ, ସହକାରୀ ନିର୍ଦ୍ଦେଶକ(କ୍ଷେତ୍ର) ଶ୍ରୀମତୀ ସୁଚେତା ପ୍ରିୟଦର୍ଶନୀ, ବିଭାଗର ଅନ୍ୟ ପଦାଧିକାରୀ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁ ସଚିବ ଶ୍ରୀ ଲକ୍ଷ୍ମୀଧର ବେହେରା, ଶବରୀ ସାଂସ୍କୃତିକ ପରିଷଦ,ଭୁବନେଶ୍ୱରର ପ୍ରତିଷ୍ଠାତା ଶ୍ରୀ ଗୋଦାବରୀଶ ମହାପାତ୍ର, ସଦସ୍ୟ ଶ୍ରୀ ଗୌରଚନ୍ଦ୍ର ତ୍ରିପାଠୀ, ସୁବାସ ଚନ୍ଦ୍ର ହୋତା, ନୀଳମାଧବ ଦାଶ ଏବଂ ଅନ୍ୟ ନିମନ୍ତ୍ରିତ ଅତିଥି, ସହରର ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଯୋଗଦେଇ ସ୍ୱର୍ଗତ ତ୍ରିପାଠୀଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ଏମ୍ସ ଡାକ୍ତରଙ୍କୁ ମିଳିଲା ସମ୍ମାନଜନକ ଫୋଗସି ମୋଭିକୋଲ୍ କୋରିଅନ୍ ପୁରସ୍କାର

ଭୁବନେଶ୍ୱର,୨୨/୦୪ (ନି.ପ୍ର): ଏମ୍ସ ଭୁବନେଶ୍ୱର ପ୍ରସୂତି ଏବଂ ସ୍ତ୍ରୀ ରୋଗ ବିଭାଗର ଅତିରିକ୍ତ ପ୍ରଫେସର ଡ. ଶ୍ୱେତା ସିଂ'ଙ୍କୁ ସମ୍ମାନଜନକ ଫୋଗସି ମୋଭିକୋଲ୍ କୋରିଅନ୍ ପୁରସ୍କାର ପ୍ରଦାନ କରାଯାଇଛି । ଫେଡେରେସନ୍ ଅଫ୍ ଅବଷ୍ଟେଟ୍ରିକ୍ ଏବଂ ସ୍ତ୍ରୀ ରୋଗ ସୋସାଇଟି ଅଫ୍ ଇଣ୍ଡିଆ (ଫୋଗସି) ପକ୍ଷରୁ ନିକଟରେ ଇନ୍ଦୋରରେ ଆୟୋଜିତ ହୋଇଥିବା ପ୍ରସୂତି ଏବଂ ସ୍ତ୍ରୀ ରୋଗ ସର୍ବଭାରତୀୟ ସମ୍ମିଳନୀ-୨୦୨୨ରେ ଡ. ସିଂ'ଙ୍କୁ ୨୦୨୦ ବର୍ଷ ପାଇଁ ବରିଷ୍ଠ ବର୍ଗରେ "ଶ୍ରେଷ୍ଠ ଅନୁସନ୍ଧାନ" ନିମନ୍ତେ ଏହି ସମ୍ମାନ ପ୍ରଦାନ କରାଯାଇଛି । ଡ. ସିଂଙ୍କ ଅନୁସନ୍ଧାନ ଗର୍ଭଧାରଣ ସମୟରେ ଉଚ୍ଚ ରକ୍ତଚାପ ତଥା ଏନେଇ ରହିଥିବା ଅନ୍ୟାନ୍ୟ ଜଟିଳତା ସନ୍ଦର୍ଭରେ ଥିଲା । ଉଲ୍ଲେଖଯୋଗ୍ୟ ଯେ ପ୍ରାୟ ୧୦ ପ୍ରତିଶତ ପ୍ରସୂତୀଙ୍କ ନିକଟରେ ଏହି ଜଟିଳତା ପରିଲକ୍ଷିତ ହୋଇଥାଏ । ଏନେଇ ଏମ୍ସ ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ମୁକେଶ ତ୍ରିପାଠୀ, ମେଡିକାଲ ଅଧୀକ୍ଷକ ଡ. ଏସ ଏନ୍ ମହାନ୍ତି ଡ. ସିଂଙ୍କୁ ପୁରସ୍କାର ପାଇଁ ଅଭିନନ୍ଦନ ଜଣାଇଛନ୍ତି । ଏଥିସହିତ ଏହା ଅନ୍ୟମାନଙ୍କୁ ସମାଜର କଲ୍ୟାଣ ପାଇଁ ଅଧିକ ଗବେଷଣା କରିବାକୁ ଉତ୍ସାହିତ କରିବବୋଲି ଉଭୟ ମତବ୍ୟକ୍ତ କରିଛନ୍ତି । ସୂଚନାଯୋଗ୍ୟ ଯେ ଏହି ପୁରସ୍କାର ହେଉଛି ଫୋଗସିର ସର୍ବୋଚ୍ଚ ପୁରସ୍କାର । ଏଥିପାଇଁ ପ୍ରାପକଙ୍କୁ ଏକ ସୁନାରେ ନିର୍ମିତ ପ୍ଲେକ୍ ସହିତ ପ୍ରମାଣପତ୍ର ଏବଂ ନଗଦ ୭୫ହଜାର ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯାଇଥାଏ ।

# ରିଲାଏନ୍ସ ରିଟେଲ୍ ଖୋଲିବ 'ସ୍ୱଦେଶ' ଷ୍ଟୋର

ଭୁବନେଶ୍ୱର,୨୨/୦୪ (ନି.ପ୍ର): ରିଲାଏନ୍ସ ରିଟେଲ୍ ପକ୍ଷରୁ "ହ୍ୟାଣ୍ଡମେଡ୍ ଇନ୍ ଇଣ୍ଡିଆ' କାର୍ଯ୍ୟକ୍ରମର ଘୋଷଣା କରାଯାଇଛି । ଏହା ଜରିଆରେ ଅସଲି ହାତ ତିଆରି ଉତ୍ପାଦକୁ ପ୍ରଦର୍ଶିତ କରିବା ଏବଂ ବିଶ୍ୱ ସ୍ତରରେ ସମୃଦ୍ଧ ଭାରତୀୟ କଳାକୁ ଆଗକୁ ବଢ଼ାଇବା ପାଇଁ ରିଲାଏନ୍ସ ରିଟେଲ୍ ପକ୍ଷରୁ "ସ୍ୱଦେଶ' ନାମରେ ରିଟେଲ୍ ଷ୍ଟୋର ସମୂହ ଖୋଲାଯିବ । ଏହା ଦ୍ୱାରା ହଜାର ହଜାର କାରିଗରଙ୍କୁସ୍ଥାୟୀ ଜୀବିକା ମିଳିବା ସହିତ ଏହା ଭାରତୀୟ କଳାକୁ ସାରା ଦୁନିଆର ବଜାର ମଧ୍ୟ ଉପଲବ୍ଧ ହେବ । ସ୍ୱଦେଶ ଷ୍ଟୋର୍‌ରେ ଭାରତୀୟ କାରିଗରମାନେ ତିଆରି କରିଥିବା ସାମଗ୍ରୀଗୁଡ଼ିକୁ "ସ୍ୱଦେଶ ବ୍ରାଣ୍ଡ୍' ଅନୁସାରେ ବଜାରରେ ଉପସ୍ଥାପନ କରାଯିବ । ପ୍ରଥମ ସ୍ୱଦେଶ ଷ୍ଟୋର୍ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧରେ ଖୋଲିବା ଆଶା କରାଯାଉଛି । ସେଥିରେ କାରିଗରମାନଙ୍କଠାରୁ ସିଧାସଳଖ ମିଳିଥିବା ସାମଗ୍ରୀ ଯଥା ହାତ ତିଆରି ବସ୍ତ୍ର, ହସ୍ତଶିଳ୍ପ, କୃଷି ଉତ୍ପାଦର ବିସ୍ତୃତ ବର୍ଗମାଳା ରହିବ । ସ୍ୱଦେଶ ଭାରତୀୟ କାରିଗର ଓ ଅସଲି ହାତ ତିଆରି ଉତ୍ପାଦ ପାଇଁ ବିକ୍ରେତାମାନଙ୍କୁ ସାରା ଦୁନିଆର ଗ୍ରାହକମାନଙ୍କ ସହିତ ଯୋଡ଼ିବା ଲାଗି ଏକ ବିଶ୍ୱ ବଜାର ମଧ୍ୟ ଗଠନ କରିବ । ରିଲାଏନ୍ସ ରିଟେଲ୍ ଭେଂଚର୍ସ ଲିମିଟେଡ୍‌ର ନିର୍ଦ୍ଦେଶିକା ଈଶା ଅମ୍ବାନି କହିଛନ୍ତି ଯେ, "ଭାରତୀୟ କଳା ଓ ଶିଳ୍ପର ଭବିଷ୍ୟତ ଏକ ରୋମାଂଚକ ସ୍ଥିତିରେ ରହିଛି । ବିଲୁପ୍ତ କଳାକୃତିର ପୁନରୁଦ୍ଧାର କରିବା ଏବଂ ସ୍ଥାନୀୟ କାରିଗର, ବୁଣାକାର ଓ ଶିଳ୍ପ କାରିଗରମାନଙ୍କ ପାଇଁ ଏକ ବ୍ୟବସ୍ଥା ବିକଶିତ କରିବା ଓ ଏକ ଦୃଢ଼ ଭିତିଭୂମି ଢ଼ାଂଚା ବିକଶିତ କରିବା ଦିଗରେ ଆମ ପ୍ରୟାସର ବେଶ ଉତ୍ସାହଜନକ ଫଳ ମିଳିଛି । ଆମର ନିଜସ୍ୱ ହସ୍ତଶିଳ୍ପ ଷ୍ଟୋର ଫର୍ମାଟ "ସ୍ୱଦେଶ' ଏବେ ପ୍ରସ୍ତୁତ ହୋଇଯାଇଛି । ଏହା ବସ୍ତ୍ର ଓ ପୋଷାକ, ଗୃହରେ ବ୍ୟବହୃତ ବୟନ ସାମଗ୍ରୀ, ହୋମ୍ ଡେକର, ଆସବାବପତ୍ର, ଗହଣା ଓ ୱେଲନେସ ଉତ୍ପାଦ ସହିତ ବହୁତ କିଛି ପ୍ରଦର୍ଶିତ କରିବ ।'' ଈଶା ଅମ୍ବାନି କହିଛନ୍ତି ଯେ ଦେଶର କାରିଗରମାନଙ୍କ ଲାଗି ଏହା ହେଉଛି ଏକ ମହତ୍ୱକାଂକ୍ଷୀ ଅବସର ଏବଂ ତାହାକୁ ସଫଳ କରିବା ଲାଗି ରିଲାଏନ୍ସ ରିଟେଲ୍ ପକ୍ଷରୁ ବିଭିନ୍ନ ସରକାରୀ ସଂଗଠନ ସହିତ ସହଯୋଗିତା ସ୍ଥାପନ କରାଯାଉଛି ଯଦ୍ୱାରା ବିଭିନ୍ନ ସ୍ଥାନୀୟ କଳାକୃତିକୁ ଜାତୀୟ ଓ ବିଶ୍ୱସ୍ତରରେ ଲୋକପ୍ରିୟ କରାଇବାରେ ସହାୟତା ମିଳିପାରିବ । ଏହା ସହିତ ରିଲାଏନ୍ସ ରିଟେଲ୍ ପକ୍ଷରୁ ରିଲାଏନ୍ସ ଫାଉଣ୍ଡେସନ ସହିତ ମିଶି ବିଭିନ୍ନ ସ୍ୱଦେଶୀ ଶିଳ୍ପକଳାର କେନ୍ଦ୍ରବିନ୍ଦୁଗୁଡ଼ିକୁ ଚିହ୍ନଟ କରିବା ଲାଗି ସହଯୋଗିତା ସ୍ଥାପନ କରାଯାଇଛନ୍ତି । କାରିଗର ଗୋଷ୍ଠୀଙ୍କ ଠାରୁ ସିଧାସଳଖ ଶତ ପ୍ରତିଶତ ଅସଲି ଶିଳ୍ପ ଉତ୍ପାଦ କିଣିବା ଲାଗି ସ୍ୱଦେଶ ପକ୍ଷରୁ ବିଭିନ୍ନ ସରକାରୀ ସଂସ୍ଥା ଓ ଉଦ୍ୟୋଗଗୁଡ଼ିକ ସହିତ ସହଯୋଗିତା ସ୍ଥାପନ କରାଯାଉଛି ଏବଂ ବୟନ ମନ୍ତ୍ରଣାଳୟ ସହିତ ଏକ ବୁଝାମଣା ମଧ୍ୟ ସ୍ୱାକ୍ଷର କରାଯାଇଛି ।

# ଜାନକୀ ବାବୁ ଦୂରଦୃଷ୍ଟି ସମ୍ପନ୍ନ ଜନନେତା ଥିଲେ : ବାଚସ୍ପତି ଡଃ ପାତ୍ର

ଭୁବନେଶ୍ୱର,୨୨/୦୪ (ନି.ପ୍ର): ରାଜ୍ୟସ୍ତରୀୟ ଜାନକୀ ବଲ୍ଲଭ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ସପ୍ତମ ଶ୍ରାଦ୍ଧ ଉତ୍ସବକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଓଡ଼ିଶା ବିଧାନସଭାର ବାଚସ୍ପତି ଡଃ ସୂର୍ଯ୍ୟନାରାୟଣ ପାତ୍ର କହିଲେ ଯେ, ଓଡ଼ିଶାରେ ଯେଉଁ କେତେଜଣ ବିଚକ୍ଷଣ ରାଜନେତା ଜନ୍ମ ନେଇଛନ୍ତି, ସେମାନଙ୍କ ମଧ୍ୟରୁ ଜାନକୀ ବାବୁଙ୍କ ସ୍ଥାନ ଦ୍ୱିତୀୟରେ ରହିବ । ସେ ଦୂରଦୃଷ୍ଟି ସମ୍ପନ୍ନ ଜନନେତା ଥିଲେ । ସାଧାରଣ ମଧ୍ୟବିତ ପରିବାରରୁ ଆସିଥିବାରୁ ସେ ସାଧାରଣ ଜନତାର ଦୁଃଖକୁ ହୃଦୟଙ୍ଗମ କରୁଥିଲେ । ଛାତ୍ର ଓ ଯୁବକମାନଙ୍କ ଦ୍ୱାରା ଅସାଧ ସାଧନ ହୋଇପାରିବ ବୋଲି ସେ ଦୃଢତାର ସହ କହୁଥିଲେ । ପ୍ରଜାତନ୍ତ୍ରରେ ସମ୍ପାଦକ ଥିବାବେଳେ ସେ ହିଁ ୧୯୬୪ରେ ଛାତ୍ର ଆନ୍ଦୋଳନକୁ ପରୋକ୍ଷରେ ପରିଚାଳନା କରୁଥିଲେ । ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତିରେ ତାଙ୍କର ଅଙ୍ଗିକାର ବଦ୍ଧତାକୁ ଓଡ଼ିଆଜାତି ଭୁଲିପାରିବ ନାହିଁ । ଜଣେ ସଂସ୍କୃତ ବିଦ୍ୱାନ ଭାବରେ ସେ ସମଗ୍ର ଭାରତବର୍ଷରେ ରାଜନୈତିକ ବ୍ୟକ୍ତିମାନଙ୍କ ଦ୍ୱାରା ସମ୍ମାନ ପାଉଥିଲେ । ଛାତ୍ର ଓ ଯୁବକମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ୍ କରିବା ପାଇଁ ସେ ତାଙ୍କ ଶାସନ ସମୟରେ ଅନେକ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିଥିଲେ ।

ବିଶିଷ୍ଟ ଅତିଥି ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ସ୍ୱର୍ଗତ ଜାନକୀ ବାବୁଙ୍କ ଶାସନ କାଳକୁ ଓଡ଼ିଶାର ସୁବର୍ଣ୍ଣ ଯୁଗ ବୋଲି ବର୍ଣ୍ଣନା କରିଥିଲେ । କୃଷିକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ବାଲିରେ ଆଳୁଚାଷର ପରୀକ୍ଷା କରାଇଥିଲେ । ସେ ୪୬ଗୋଟି ଶୀତଳ ଭଣ୍ଡାର ପ୍ରତିଷ୍ଠା କରିଥିଲେ । ସେହିଭଳି ଜଳସେଚନକୁ ସବୁଠାରୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଥିଲେ ।

ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତବର୍ଷର ଅନନ୍ୟ ସଂସ୍କୃତ ବିଦ୍ୱାନ, ପୂର୍ବତନ କୁଳପତି ପ୍ରଫେସର ଡଃ ହରେକୃଷ୍ଣ ଶତପଥୀ କହିଲେ ଯେ, ଜାନକୀବାବୁଙ୍କ ପୂଜ୍ୟପିତା ଗୋକୁଳାନନ୍ଦ ଭଗବାନ ରାମଙ୍କ କୃପାରୁ ପୁତ୍ରଲାଭ କରିଥିଲେ । ଜାନକୀ ବାବୁ ଶ୍ରୀ ଜଗନ୍ନାଥଙ୍କ ପ୍ରତି ସମର୍ପିତ ପ୍ରାଣ ଥିଲେ । ଶ୍ରୀମନ୍ଦିର ଆୟ ବୃଦ୍ଧି ପାଇଁ ଶ୍ରୀମନ୍ଦିରରେ ପ୍ରଥମକରି ହୁଣ୍ଡି ସ୍ଥାପନ କରିଥିଲେ । ସଂସ୍କୃତ ଓ ସେବାୟତଙ୍କ ଶିକ୍ଷା ଓ ପ୍ରଶିକ୍ଷଣ ପାଇଁ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ । ଶ୍ରଦ୍ଧାଞ୍ଜଳି ଜଣାଇ ସ୍ୱର୍ଗତ ଜାନକୀ ବାବୁଙ୍କ ସୁପୁତ୍ର ପୃଥୀବଲ୍ଲଭ ପଟ୍ଟନାୟକ କହିଲେ ଯେ, ଦୀର୍ଘ ୭ ବର୍ଷ ପରେ ମୋର ପୂଜ୍ୟ ପିତାଙ୍କ ପ୍ରତି ଆପଣମାନଙ୍କ ଭଲ ପାଇବା ମୋତେ ଅଭିଭୂତ କରିଛି ।

କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ଓଡ଼ିଶାର ବିଶିଷ୍ଟ ବୁଦ୍ଧିଜୀବୀ, ପୂର୍ବତନ କୁଳପତି ଡଃ ବିମଳେନ୍ଦୁ ମହାନ୍ତି କହିଲେ ଯେ, ସ୍ୱର୍ଗତ ପଟ୍ଟନାୟକଙ୍କର ପାଣ୍ଡିତ୍ୟ, ଜ୍ଞାନ ତଥା ରଜାନୈତିକ ବିଚକ୍ଷଣତାକୁ ଯଦି ବିଚାର କରିବେ, ତେବେ ସେ ଭାରତବର୍ଷର ରାଷ୍ଟ୍ରପତି ହେବା କଥା । କିନ୍ତୁ ସେ ଜଣେ ସ୍ୱଙ୍ଗ ସମ୍ପୂର୍ଣ୍ଣ ମଣିଷ । ସବୁବେଳେ ସେ ଖୁସି ରହିଥାନ୍ତି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣ ଦେବା ଅବସରରେ, ରାଜ୍ୟ ସରକାର ଓଡ଼ିଶାର ଜଣେ ୧୪ବର୍ଷ ଶାସନରେ ଥିବା ମୁଖ୍ୟମନ୍ତ୍ରୀଙ୍କ ସ୍ମୃତିରକ୍ଷା କରିବାରେ ଅକ୍ଷମଣୀୟ ଅପରାଧ କରୁଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ । ୭ ବର୍ଷ ହେବ ମୁଖ୍ୟମନ୍ତ୍ରୀଙ୍କୁ ଦାବି କରାଯାଉଥିଲେ ମଧ ଚୁପ୍‌ର କାରଣ ବୁଝା ପଡୁନାହିଁ । ଶେଷରେ ବରିଷ୍ଠ କଂଗ୍ରେସ ନେତା ଶ୍ରୀ ଶିବାନନ୍ଦ ରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଅବସରରେ ଜୀବନବ୍ୟାପୀ ସାଧନା ପାଇଁ ସମାଜସେବା କ୍ଷେତ୍ରରେ ପୁରୀ ଜିଲ୍ଲା ପରିଷଦର ପୂର୍ବତନ ଅଧକ୍ଷା ଶ୍ରୀମତୀ ମଞ୍ଜୁ ମହାନ୍ତି, ସାହିତ୍ୟିକ ଇଂ ପ୍ରଭାକର ସ୍ୱାଇଁଙ୍କୁ ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ଓ ସାମ୍ବାଦିକ ଅଶୋକ ପଣ୍ଡାଙ୍କୁ ଜାନକୀ ବଲ୍ଲଭ ସ୍ମୃତି ସମ୍ମାନ-୨୦୨୨ରେ ମୁଖ୍ୟଅତିଥି ବାଚସ୍ପତି ସମ୍ବର୍ଦ୍ଧିତ କରିଥିଲେ ।

# ରାଜ୍ୟର ୫ ଜିଲ୍ଲାରୁ ୧୧ କରୋନା ପଜିଟିଭ ଚିହ୍ନଟ : ୨ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୨୨/୦୪ (ନି.ପ୍ର): ଗତକାଲି ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୬ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୫ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୨ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ମାତ୍ର ୫ଟି ଜିଲ୍ଲାରୁ ୧୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୫ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ । ଆଜି ସମ୍ବଲପୁର ଜିଲ୍ଲାରୁ ସର୍ବାଧିକ ୩ ଜଣ ଲେଖାଏଁ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ବଲାଙ୍ଗୀର ଜିଲ୍ଲାରୁ ୨ ଜଣ, କଟକ ଜିଲ୍ଲାରୁ ୨ ଜଣ, କେନ୍ଦ୍ରାପଡ଼ା ଜିଲ୍ଲାରୁ ୨ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୨ ଜଣ, ଓ ସମ୍ବଲପୁର ଜିଲ୍ଲାରୁ ୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ।



# ଜାତୀୟ ଆପ୍ରେଂଟିସ୍ ସିପ୍ ମେଳାର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର,୨୨/୦୪ (ନି.ପ୍ର): ଆଗାମୀ ୧ ବର୍ଷ ମଧ୍ୟରେ ୧୦ ଲକ୍ଷ ଯୁବପିଢ଼ିଙ୍କୁ ଜାତୀୟ ଆପ୍ରେଂଟିସ୍‌ସିପ୍ ଫ୍ରେମୱାର୍କ ସହ ଯୋଡ଼ାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ଗୁରୁବାର ନୂଆଦିଲ୍ଲୀ ଠାରେ ଏକ ଦିବସୀୟ ପ୍ରଧାନମନ୍ତ୍ରୀ ଜାତୀୟ ଆପ୍ରେଂଟିସ୍‌ସିପ୍ ମେଳାକୁ ଡ଼ିଜିଟାଲ ପ୍ଲାଟଫର୍ମରେ ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦେଶର ଯୁବକ ଯୁବତୀ ନିଜର କୌଶଳ ଅନୁସାରେ ଉପଯୁକ୍ତ ରୋଜଗାର ଚୟନ କରିବା ପାଇଁ ସ୍କିଲ୍ ଇଣ୍ଡିଆ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଓଡ଼ିଶା, ମହାରାଷ୍ଟ୍ର, ପୁଣେ, ଗୁଜରାଟ ସମେତ ବିଭିନ୍ନ ଅଂଚଳର ଛାତ୍ରଛାତ୍ରୀଙ୍କ ସହ କଥା ହୋଇ ସେମାନଙ୍କର ଲକ୍ଷ୍ୟ, ମେଳାକୁ ନେଇ ଅନୁଭୂତି ଓ ଆଗାମୀ ଦିନର ଯୋଜନା ଉପରେ ପଚାରିଥିଲେ । ଭୁବନେଶ୍ୱର ସରକାରୀ ଆଇଟିଆଇରେ ବେକରୀ ବା କେକ୍ ତିଆରି କାର୍ଯ୍ୟରେ ପ୍ରଶିକ୍ଷଣ ନେଉଥିବା ଛାତ୍ରୀ କ୍ରୀଷ୍ଟା ବେନ୍ନି ରେଡ୍ଡୀ ସହ ବାର୍ତାଳାପ କରିଥିଲେ । ସେ ନିଜ ଉଦ୍ୟମରେ ଆଗାମୀ ଦିନରେ ନିଜର ବେକରୀ ଆରମ୍ଭ କରି ଏକ ଉଦ୍ୟମୀ ହେବାର ସ୍ୱପ୍ନ ଦେଖିଥିବାରୁ ତାଙ୍କୁ ପ୍ରଂଶସା କରିଥିଲେ କେନ୍ଦ୍ରମନ୍ତ୍ରୀ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ୨୮ଟି ସ୍ଥାନ ସମେତ ଦେଶର ୭୦୦ରୁ ଅଧିକ ଜାଗାରେ ଆପ୍ରେଂଟିସ୍‌ସିପ୍ ମେଳା ଆୟୋଜନ ହୋଇଯାଇଛି । ଦେଶର ୩୦ରୁ ଅଧିକ ଶିଳ୍ପକ୍ଷେତ୍ର ସହ ଜଡିତ ୪୦୦୦ରୁ ଅଧିକ କମ୍ପାନୀ ଏହି ମେଳାରେ ଭାଗ ନେଇଛନ୍ତି । ଅଧିକରୁ ଅଧିକ ଆଶାୟୀ ଯୁବକ ଯୁବତୀମାନେ ରୋଜଗାର ପାଇଁ ପଞ୍ଜିକରଣ କରିଛନ୍ତି । ଦୂରଦୃଷ୍ଟି ସମ୍ପନ୍ନ ରାଷ୍ଟ୍ରୀୟ ଆପ୍ରେଂଟିସସିପ୍ ମେଳା ଯୁବକ ଯୁବତୀଙ୍କୁ ରୋଜଗାର ଦେବା ସହ ସେମାନଙ୍କର ଆଶା ଏବଂ ଆକାଂକ୍ଷାକୁ ପୂରଣ କରିବ । ଉଦ୍ୟମୀ ହେବା ପାଇଁ ଉଚ୍ଚାଭିଳାଷକୁ ପ୍ରୋତ୍ସାହନ ଦେବ । ଏଥିରେ ସେମାନେ ୧ ବର୍ଷ ପାଇଁ ମାସକୁ ମାସ ଷ୍ଟାଇପେଣ୍ଡ ପାଇବେ । ଯେଉଁଥିରେ ଭାରତ ସରକାରଙ୍କ ୨୫ ପ୍ରତିଶତ ଯୋଗଦାନ ରହିବ । ତେଣୁ ଜାତୀୟ ମିଶନକୁ ଆଗେଇ ନେବା ପାଇଁ ଆପ୍ରେଂଟିସ୍‌ସିପ୍‌କୁ ଜନଭାଗିଦାରୀ କରିବା ଜରୁରୀ । ଶ୍ରୀ ପ୍ରଧାନ ଯୋଗଦେଇଥିବା ସମସ୍ତ ସଂସ୍ଥା ଏବଂ ଷ୍ଟେକହୋଲଡରଙ୍କୁ ଏଭଳି ସୁଯୋଗକୁ ଆହୁରି ବୃଦ୍ଧି କରି ଅଧକରୁ ଅଧିକ ଆପ୍ରେଂଟିସସିପ୍ ପ୍ରଦାନ କରିବା ପାଇଁ ପ୍ରୋତ୍ସାହିତ କରିଛନ୍ତି । ସେ କହିଛନ୍ତି ଯେ ସ୍ଥାନୀୟ ଅର୍ଥନୀତିର ସୁଯୋଗ ଆଧାର କରି ଶିଳ୍ପ ସଂସ୍ଥା ସହ ଯୋଡ଼ାଗଲେ ଆଗାମୀ ଦିନରେ ଯୁବପିଢ଼ିଙ୍କୁ ଆପ୍ରେଂଟିସସିପ୍ ସୁଯୋଗ ମିଳିପାରିବ । ଆଗାମୀ ୧ ବର୍ଷ ମଧ୍ୟରେ ୧୦ ଲକ୍ଷ ଯୁବପିଢ଼ିଙ୍କୁ ଜାତୀୟ ଆପ୍ରେଂଟିସସିପ ଫ୍ରେମୱାର୍କ ସହ ବ୍ୟାଙ୍କ୍ ଆକାଉଂଟରେ ଡ଼ିଜିଟାଲ ପେମେଂଟ୍ ଅଫ୍ ଷ୍ଟାଇପେଣ୍ଡ୍ ଯୋଡ଼ିବାର ଲକ୍ଷ୍ୟ ରଖାଯାଇଛି । ଆପ୍ରେଂଟିସଙ୍କୁ ଏକାଡ଼ମିକ୍ କ୍ରେଡ଼ିଟ୍ ଭାବରେ ପ୍ରଦାନ କରାଯିବ । ଯାହା ଆଗାମୀ ଦିନରେ ପ୍ରଶିକ୍ଷଣ ନେଇଥିବା ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବ । ପରବର୍ତୀ ସମୟରେ ପିଏମ ଜାତୀୟ ଆପ୍ରେଂଟିସସିପ୍ ମେଳା ପ୍ରତି ମାସରେ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ ଶ୍ରୀ ପ୍ରଧାନ । ଏହାସହ କେବଳ ଆଇଆଇଟି ପିଲାଙ୍କୁ ନୁହେଁ ବରଂ ଜନଶିକ୍ଷଣ ସଂସ୍ଥା, ଆଇଆଇଟି ଭଳି ରାଜ୍ୟରେ ଥିବା ପ୍ରଶିକ୍ଷଣ ସଂସ୍ଥା, ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର, ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟରେ ସମ୍ପୃକ୍ତ ପିଲାମାନଙ୍କୁ ଏଥିରେ ସାମିଲ କରିବା ପାଇଁ ଶ୍ରୀ ପ୍ରଧାନ ଷ୍ଟେକହୋଲଡର ଓ ଆଇଟିଆଇର କର୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଓଡିଶା ସମେତ ଅନ୍ୟ ରାଜ୍ୟର ବିଶେଷତାକୁ ଦୃଷ୍ଟିରେ ରଖି ଅଧିକ ଆପ୍ରେଂଟିସ ଆସିବା ଦରକାର । ଆପ୍ରେଂଟିସସିପ ପ୍ରକ୍ରିୟାକୁ ଆହୁରି ଶୃଙ୍ଖଳିତ କରିବା ସହ ଏକବିଂଶ ଶତାବ୍ଦୀରେ ଥିବା ସୁଯୋଗକୁ ଯୁବପିଢ଼ିଙ୍କ ସହ ଯୋଡ଼ିବା ପାଇଁ ଏ ଡିଜିଟାଲ ଡ୍ୟାସବୋର୍ଡ ପ୍ରତିଷ୍ଠା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଉଲ୍ଲେଖନୀୟ ଯେ, ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଦକ୍ଷତା ଓ ଉଦ୍ୟମିତା ରାଷ୍ଟ୍ର ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ଏବଂ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ ।

# ଆସନ୍ତା ୪ ସପ୍ତାହ ଗୁରୁତ୍ୱପୂର୍ଣ୍ଣ : ଚତୁର୍ଥ ଲହର ଭୟ ପାଇଁ ସତର୍କ କରାଇଲା ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର,୨୨/୦୪ (ନି.ପ୍ର) : ଦିଲ୍ଲୀରେ କରୋନା ସଂକ୍ରମଣ ହଠାତ୍ ବୃଦ୍ଧି ପାଇବା ଓ ଦେଶରେ ସଂକ୍ରମଣର 'ଆର୍' ଭ୍ୟାଲୁ ୧ ଟପିବା ପରେ ଚତୁର୍ଥ ଲହର ଭୟ ଦେଖାଦେଇଛି । ପରିସ୍ଥିତିକୁ ନଜରରେ ରଖି ରାଜ୍ୟ ସରକାର ମୁକାବିଲା ପାଇଁ ଆଗୁଆ ପ୍ରସ୍ତୁତି ଆରମ୍ଭ କରିଦେଲେଣି । ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା.ବିଜୟ ମହାପାତ୍ର କହିଛନ୍ତି ଯେ ଯଦିଓ ଓଡ଼ିଶାର ସ୍ଥିତି ଏବେ ଭଲ ରହିଛି, ତଥାପି ଆସନ୍ତା ୪ ସପ୍ତାହ ରାଜ୍ୟ ପାଇଁ ବେଶ ଗୁରୁତ୍ୱପୂର୍ଣ୍ଣ । ତେଣୁ ଲୋକମାନେ ମାସ୍କ ପିନ୍ଧିବା ସହିତ ସତର୍କତା ଅବଲମ୍ବନ କରନ୍ତୁ । ଡା.ମହାପାତ୍ର ଆହୁରି କହିଛନ୍ତି, ପୂର୍ବରୁ ଆସିଥିବା କରୋନାର ଲହରଗୁଡ଼ିକରୁ ଜଣାପଡ଼ିଛି ଯେ ଦିଲ୍ଲୀରେ ସଂକ୍ରମଣ ବଢ଼ିବାର ପ୍ରାୟ ୩/୪ ସପ୍ତାହ ପରେ ରାଜ୍ୟରେ ସଂକ୍ରମଣ ବଢ଼ିଥାଏ । ଏ ସମୟ ଏଯାଏ ଆସିନାହିଁ । ଏଣୁ ଯେଉଁମାନେ କରୋନା ଟିକା ନେଇ ନାହାନ୍ତି ସେମାନେ ତୁରନ୍ତ ଟିକା ନେଇଯିବା ଜରୁରୀ । ଯଦି ରାଜ୍ୟରେ ସଂକ୍ରମଣ ବଢ଼ିବା ଆରମ୍ଭ କରେ ତାହାଲେ ହସ୍ପିଟାଲ ଓ ଚିକିତ୍ସା ପଦ୍ଧତିରେ ପରିବର୍ତନ କରାଯିବ । ଲୋକମାନେ ଯଦି ଏବେଠାରୁ ସଚେତନ ନ ହୁଅନ୍ତି ଓ ପୂର୍ବଭଳି ନିୟମକୁ କଡ଼ାକଡ଼ି ପାଳନ ନ କରନ୍ତି ତାହାଲେ ଓଡ଼ିଶାରେ ମଧ ଦିଲ୍ଲୀ ଭଳି ସ୍ଥିତି ଉପୁଜିପାରେ । ସାମାଜିକ ଦୂରତା ବଜାୟ ରଖିବା, ମାସ୍କ ପରିଧାନ କରିବା ସହିତ କେ ?ଣସି ଜରୁରୀ କାମ ନ ଥିଲେ ଭିଡ଼କୁ ନ ଯିବାକୁ ଡା.ମହାପାତ୍ର ପରାମର୍ଶ ଦେଇଛନ୍ତି । ପୂର୍ବରୁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ସଂକ୍ରମଣ ସ୍ଥିତି ଦେଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଲାଗି ସବୁ ଜିଲ୍ଲାମାନଙ୍କୁ ଚିଠି ଲେଖି ସାରିଛନ୍ତି । ଏପଟେ କୋଭିଡ ପ୍ରତିଷେଧକ ଚିକିତ୍ସା ନେଇ କେନ୍ଦ୍ର ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟମାନଙ୍କୁ ଚିଠି ଜାରି ହୋଇଛି । ଏହାକୁ ଆୟୁଧ କରି ରାଜ୍ୟ ସରକାର ଜିଲ୍ଲାପାଳ ଏବଂ ବିଡ଼ିଓଙ୍କୁ ଆଉ ଗୋଟିଏ ଚିଠି ଦେଇଛନ୍ତି । କୋଭିଡ ଚିକିତ୍ସା କିଭଳି ଜିଲ୍ଲାସ୍ତରରେ କାର୍ଯ୍ୟକାରୀ ହୋଇପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରିବା ଲାଗି ଏଥିରେ କୁହାଯାଇଛି । ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ଔଷଧ କିଭଳି ଲୋକମାନେ ପାଇପାରିବେ ତାହା ସଂପର୍କରେ ସଚେତନ କରାଯିବ ।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟକ୍ଷମ ହେଲା ଓଡିଶା ଷ୍ଟେଟ୍ ୱାର୍କଫ୍ଲୋ ଅଟୋମେସନ ସିଷ୍ଟମ

ବାରିପଦା, ୨୨/୦୪ (ନି.ପ୍ର): ସରକାରଙ୍କ ବୈଦ୍ୟୁତିକ ଓ ସୂଚନା ପ୍ରଯୁକ୍ତି ଜ୍ଞାନ କୌଶଳ ଉପଯୋଗ ଦ୍ୱାରା ସରକାରୀ ଦପ୍ତର କାର୍ଯ୍ୟାଳୟରେ ସମସ୍ତ ଚିଠିପତ୍ର ଅନଲାଇନରେ ଉପରିସ୍ତ ଅଧିକାରୀଙ୍କ ଅନୁମୋଦନ ନିମନ୍ତେ କମ୍ପୁଟରେ ଅନଲାଇନ ଡିଜିଟାଲ ମାଧ୍ୟମରେ କାର୍ଯ୍ୟ ତ୍ୱରାନ୍ୱିତ କରାଯିବା ପାଇଁ ଓସ୍ୱାସ ଓଡିଶା ଷ୍ଟେଟ୍ ୱାର୍କଫ୍ଲୋ ଅଟୋମେସନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଉଅଛି। ଏହି ବ୍ୟବସ୍ଥା ଦ୍ୱାରା ସରକାରଙ୍କ ବିଭିନ୍ନ ବିଭାଗ କାର୍ଯ୍ୟାଳ୍ୟରେ କାର୍ଯ୍ୟାନ୍ୱୟନ ଧାରାକୁ ସ୍ୱଳ୍ପ ସମୟ ମଧ୍ୟରେ ତ୍ୱରାନ୍ୱିତ ହେବା ସହିତ ସରକାରୀ ସେବା ଯୋଗାଇ ଦେବାରେ ସୁଫଳ ମିଳିପାରିବ। ଏଥିପାଇଁ ସରକାରଙ୍କ ସୁପାରିଶ କ୍ରମେ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଟିସିଏସ୍ ସର୍ଭିସେସ୍



ଟିମ୍ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫାସିଲିଟେସନ ସମ୍ମିଳନୀ କକ୍ଷରେ ଏପ୍ରିଲ ୧୯ ଓ ୨୦ ତାରିଖରେ ଅନୁଷ୍ଠିତ ଦୁଇ ଦିନିଆ କର୍ମଶାଳାରେ ଜିଲ୍ଲାପାଳ ମୟୂରଭଞ୍ଜ ଶ୍ରୀବିନୀତ ଭରଦ୍ୱାଜ୍ ଭା.ପ୍ର.ସେ. ଯୋଗଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ର ବିଭିନ୍ନ ଉପବିଭାଗ ଓ ସଂପୃକ୍ତ ବିଭାଗର ଫାଇଲ୍ କାର୍ଯ୍ୟ ଅନଲାଇନ (ଡିଜିଟାଲ) ମାଧ୍ୟମରେ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ପାଇଁ ଅନଲାଇନରେ ଅନୁମୋଦନ କରି ଅନୁଷ୍ଠାନିକ ଭାବେ ଆରମ୍ଭ କରିଛନ୍ତି। ଏହି ଅବସରରେ ଜିଲ୍ଲାପାଳ ଓସ୍ୱାସ୍ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ନେଟ୍ ସେବା ଏବଂ ଆନୁସଙ୍ଗିକ ଭିତିଭୂମି ବ୍ୟବସ୍ଥା ତ୍ୱରାନ୍ୱିତ ପାଇଁ ଗୁରୁତ୍ୱାରୋପ କରିବା ସହିତ ପର୍ଯ୍ୟାୟ କ୍ରମେ ଜିଲ୍ଲାର ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟାଳୟ ମାନଙ୍କରେ ମଧ ଏହି ବ୍ୟବସ୍ଥା କାର୍ଯ୍ୟକ୍ଷମ କରିବା ଦିଗରେ ପରାମର୍ଶ ଦେଇଥିଲେ। ଅନୁଷ୍ଠିତ ଉକ୍ତ ଦିଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ (ଓସ୍ୱାସ୍) ରାଜ୍ୟ ପ୍ରକଳ୍ପ ସଂଯୋଜକ ଶ୍ରୀ ରାଜେଶ କୁମାର ସାହୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଭିନ୍ନ ଉପବିଭାଗରେ କାର୍ଯ୍ୟକ୍ଷମ କରାଯାଉଥିବା ଓସ୍ୱାସ୍ କାର୍ଯ୍ୟକ୍ରମରେ କମ୍ପୁଟର ଦ୍ୱାରା କାର୍ଯ୍ୟଳୟକୁ ଆସୁଥିବା ସମସ୍ତ ଚିଠିପତ୍ର ଗୁଡିକର ସଂଗ୍ରହଣ କରି ଫାଇଲ୍ ଅନ୍‌ଲାଇନରେ ଉପରିସ୍ତ ଅଧିକାରୀଙ୍କ ଅନୁମୋଦନ ନିମନ୍ତେ ଉପସ୍ଥାପନ କରାଯିବା ସଂପର୍କିତ ଓସ୍ୱାସ୍ ପକ୍ରିୟାରେ ଉଦିଷ୍ଟ ଥିବା ଏପ୍ଲିକେସନ୍‌ସ୍ ଫରମାର୍ଟରେ ଟିପଣୀ ଓ ଚିଠି ପତ୍ର ଉପରେ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତିୟ ଚିଠା ଉପସ୍ଥାପନ ଓ ପରିଚାଳନା ଆଦି ବିଭିନ୍ନ ଦିଗ ଉପରେ ବିସ୍ତୃତ ଭାବରେ ପାୱାର ପଏନ୍ଟ ମାଧ୍ୟମରେ ଆଲୋଚନା କରି ତାଲିମ ପ୍ରଦାନ କରିଥିଲେ। ଅନୁଷ୍ଠିତ ଉକ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତଥା ଇ-ଗଭରନାନ୍ସ ଜିଲ୍ଲା ନୋଡାଲ ଅଧିକାରୀ ରୁଦ୍ରନାରାୟଣ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ମୟୂରଭଞ୍ଜ ପ୍ରକାଶ ଚନ୍ଦ୍ର ବେହେରା, ପ୍ରମୁଖ ସମେତ ଡିଜିଏମ୍ (ଇ-ଗଭରନାନ୍ସ) ସେବତୀ କର, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଡେପ୍ୟୁଟି କଲକ୍ଟେର, ଆସିଷ୍ଟାଣ୍ଡ କଲେକ୍ଟର ଏବଂ ସଂପୃକ୍ତ ବିଭାଗ ପଦାଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ରହି ତାଲିମ୍ ନେଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ମାଟ୍ରିକ୍ ଓ +୨ ପରୀକ୍ଷା....

ମୁଖ୍ୟ ଶାସନ ସଚିବ ଜିଲ୍ଲାପାଳ ଏବଂ ଏସ୍.ପି.ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ନିଜ ଜିଲ୍ଲାର ସମସ୍ତ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ କେତେକ କ୍ଲଷ୍ଟରରେ ସଂଗଠିତ କରି ଜଣେ ଜଣେ ଦାୟିତ୍ୱ ସଂପନ୍ନ ଅଧିକାରୀଙ୍କୁ ପ୍ରତି ସେକ୍ଟରରେ ସମୁଦାୟ ପରୀକ୍ଷା ପରିଚାଳନାରେ ଭାଗ ନେବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ପରୀକ୍ଷାଗତ ଆଇନ୍ ଶୃଙ୍ଖଳା ନିମନ୍ତେ ପ୍ରତି ସେକ୍ଟରଓ୍ୱାରୀ ଆବଶ୍ୟକୀୟ ପୋଲିସ ଏବଂ ଗାଡି ଆଦି ମୁତୟନ କରିବାକୁ ମଧ ମୁଖ୍ୟ ଶାସନ ସଚିବ ଏସ୍.ପି.ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉଲ୍ଲେଖନୀୟ ଯେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଏପ୍ରିଲ୍ ୨୯ ତାରିଖରୁ ଆରମ୍ଭ ହୋଇ ମେ ମାସ ୭ ତାରିଖ ପର୍ଯ୍ୟନ୍ତ ଚାଲିବ। ସେହିପରି +୨ ପରୀକ୍ଷା ଏପ୍ରିଲ୍ ୨୮ ତାରିଖରୁ ମେ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଚଳିତ ବର୍ଷ ୫,୮୫,୭୩୦ ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବେ । ଏମାନଙ୍କ ମଧ୍ୟରୁ ୫,୭୧,୯୦୯ ଜଣ ହାଇସ୍କୁଲ, ୪,୪୪୩ ଜଣ ମଧ୍ୟମା ଏବଂ ୯,୩୭୮ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ । ମାଟ୍ରିକ୍ ପରୀକ୍ଷା ପାଇଁ ସମୁଦାୟ ୩୫୪୦ ଟି କେନ୍ଦ୍ର ଏବଂ ୩୧୫ ଟି ନୋଡ଼ାଲ୍ କେନ୍ଦ୍ର କରାଯାଇଛି । ସେହିପରି ୩,୨୧,୫୦୮ ଜଣ ପରୀକ୍ଷାର୍ଥୀ ଉଚ୍ଚ ମାଧ୍ୟମିକ (+୨) ପରୀକ୍ଷା ଦେବେ । ଏମାନଙ୍କ ମଧ୍ୟରୁ ୨,୧୩,୪୩୨ ଜଣ କଳା, ୭୮,୦୭୭ ଜଣ ବିଜ୍ଞାନ, ୨୪,୧୩୬ ଜଣ ବାଣିଜ୍ୟ ଏବଂ ୫,୮୬୩ ଜଣ ଧନ୍ଦାମୂଳକ ଶିକ୍ଷାର ଛାତ୍ରଛାତ୍ରୀ ଅଟନ୍ତି । ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେବାକୁଥିବା ଏହି ପରୀକ୍ଷା ନିମନ୍ତେ ୧,୧୩୩ ଟି ପରୀକ୍ଷା କେନ୍ଦ୍ର ଏବଂ ୨୦୨ ଟି ପରୀକ୍ଷା ପରିଚାଳନା ହବ୍ (ନୋଡାଲ୍ ସେଂଟର) କରାଯାଇଛି । ମୁଖ୍ୟତଃ ଛାତ୍ରଛାତ୍ରୀମାନେ ନିଜ ନିଜ ବିଦ୍ୟାଳୟ ବା ନିକଟତମ ବିଦ୍ୟାଳୟରେ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି ବୋଲି ପ୍ରମୁଖ ଶାସନ ସଚିବ ଶ୍ରୀ ସେଠୀ କହିଥିଲେ। ଇତି ମଧ୍ୟରେ ନୋଡ଼ାଲ୍ ସେଂଟରମାନଙ୍କୁ ପ୍ରଶ୍ନ ଓ ଉତରଖାତା ପଠାଇବା ପ୍ରକ୍ରିୟା ଆରମ୍ଭ ହୋଇଛି ପରୀକ୍ଷା କେନ୍ଦ୍ରରେ ଯେପରି ଛାତ୍ରଛାତ୍ରୀମାନେ ସୁବିଧାରେ ପରୀକ୍ଷା ଦେଇପାରିବେ ସେଥିପାଇଁ ଆବଶ୍ୟକୀୟ ଆୟୋଜନ କରାଯାଉଛି । ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଆର.କେ. ଶର୍ମା, ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଦେର ଅଧକ୍ଷ ସତ୍ୟରଂଜନ ସାହୁ, ଓଡ଼ିଶା ମାଧ୍ୟମିକ ପରିଷଦ ସଭାପତି ରମାଶିଷ ହଜରାଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ବୈଠକର ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

### ମାଲକାନଗିରି - ଭଦ୍ରାଚଲମ୍ ରେଳ....

ତେଲେଙ୍ଗାନାର କନ୍ନପୁରମ୍, କୁଟୁଗୁଟା, ପାଲୁ, ନନ୍ଦିଗାମ, ଭଦ୍ରାଚଲମ୍ ଏବଂ ପାଣ୍ଡୁରଙ୍ଗାପୁରମ୍ ଠାରେ ଷ୍ଟେସନ୍ ନିର୍ମାଣ କରାଯିବ। ସର୍ଭେ (ଏଫଏଲଏସ୍) ପାଇଁ ଆନୁମାନିକ ମୂଲ୍ୟ ୩୦୭.୬୪ ଲକ୍ଷ ଟଙ୍କା ଜାନୁୟାରୀ ୨୦୨୨ ରେ ମଞ୍ଜୁର ହୋଇଛି। ୨୩୧ ଲକ୍ଷ ଟଙ୍କା ସର୍ଭେ ପାଇଁ ୨୭ ଫେବୃୟାରୀରେ ଟେଣ୍ଡର ଆୱାର୍ଡ କରାଯାଇଅଛି । ଏହି ପ୍ରକଳ୍ପର ବିଭିନ୍ନ ଦିଗକୁ ଅଧ୍ୟୟନ ପରେ ଆଲାଇନମେଂଟ ଚୂଡାନ୍ତ କରାଯାଇଅଛି । ଜୁନ୍ ୨୦୨୨ ସୁଦ୍ଧା ସର୍ଭେ କାର୍ଯ୍ୟ ସମାପ୍ତ ହେବ ।

### ପୁରୀ ପରିକ୍ରମା ପ୍ରକଳ୍ପ ବିରୋଧରେ....

ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି କଂଗ୍ରେସ ବିଧାୟକ ସୁରେଶ ରାଉତରାୟ । ସେ ନିଜେ ମଧ ୫ ହଜାର ଲୋକଙ୍କୁ ନେଇ ପଦଯାତ୍ରାରେ ଯିବେ ବୋଲି କହିଛନ୍ତି । ପୁରୀ ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗରେ ହାଇକୋର୍ଟରେ ରୁଜୁ ଜନସ୍ୱାର୍ଥ ମାମଲାରେ ଏଏସଆଇ ତଥ୍ୟ ଦାଖଲ କରିବାକୁ ଅଧିକ ସମୟ ମାଗିବା ଏବେ ସନ୍ଦେହ ସୃଷ୍ଟି କରିଛି । ଗୋଟିଏ ପଟେ ଚାଲିଥିବା କାର୍ଯ୍ୟ ବେଆଇନ ଦର୍ଶାଇ ଏଏସଆଇର ଆଂଚଳିକ କାର୍ଯ୍ୟାଳୟ ଏହାକୁ ତୁରନ୍ତ ବନ୍ଦ କରିବାକୁ ଚିଠି ଲେଖୁଥିବା ବେଳେ ହାଇକୋର୍ଟରେ ତଥ୍ୟ ଦାଖଲ ନକରିବା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କ ମନରେ ଦ୍ୱନ୍ଦ ବଢାଇଛି । ଐତିହ୍ୟ କରିଡରକୁ ଏଏସଆଇ ଡିଜି କ୍ଲିନ ଚିଟ୍ ଦେବା ପରେ ମାମଲା କୋର୍ଟରେ ବିଚାରାଧୀନ ଥିବା କହି ଏଡିଜି ପ୍ରଶ୍ନକୁ ଆଡେଇ ଯିବା ଏବେ ପ୍ରତ୍ନତତ୍ୱ ବିଭାଗର ଫାଟକୁ ପଦାରେ ପକାଇଛି । ସମସ୍ତ ବାଦ ବିବାଦ ସତ୍ୱେ, ଆସନ୍ତା ମେ’ ୧୬ ତାରିଖରେ ହାଇକୋର୍ଟରେ ପରବର୍ତୀ ଶୁଣାଣି ଥିବା ବେଳେ ଏଏସଆଇ ତାର ରିପୋର୍ଟରେ କଣ ତଥ୍ୟ ଦେଉଛି ତାହା ଉପରେ ନଜର ରହିବ । ପାଖାପାଖି ମାସେ ସମୟ ଥିବାରୁ ପ୍ରକଳ୍ପ କାର୍ଯ୍ୟାନ୍ୱୟନର ରୂପରେଖ କଣ ଥିବ ଓ କୋର୍ଟ କଣ ନିଷ୍ପତି ଶୁଣାଉଛନ୍ତି ତାହା ଐତିହ୍ୟ କରିଡରର ଭାଗ୍ୟ ନିର୍ଦ୍ଧାରଣ କରିବ ।

### ଜୁନ୍ ବଦଳରେ ମେ ମାସରେ....

କ୍ଷତିଭରଣା କରିବା ପାଇଁ ବିଭାଗ ଏଭଳି ବ୍ୟବସ୍ଥା କରିଛି । କେବଳ ଯେ ଖରାଛୁଟି ସମୟରେ ହେବାକୁ ଥିବା କ୍ଲାସରେ ଏହା କେବଳ ପଢ଼ାଯିବ, ତାହା ନୁହେଁ ବରଂ ପୁରା ସେସନରେ ଏହି ପାଠ ପଢ଼ାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଉଲ୍ଲେଖନୀୟ ଯେ ଚଳିତ ବର୍ଷ ସ୍କୁଲ ମାନଙ୍କରେ ଖରା ଛୁଟି ଜୁନ ମାସରେ କରିବାକୁ ନିଷ୍ପତି ସମ୍ପର୍କରେ ଘୋଷଣା ପରେ ଏହାକୁ ବିରୋଧ କରାଯିବା ସହ ଛୁଟିକୁ ମେ ମାସରେ କରିବାକୁ ଦାବି ହୋଇଥିଲା ।

## ୨୦୦ ୟୁନିଟ ପର୍ଯ୍ୟନ୍ତ ବିଜୁଳି କର ଛାଡ଼ ଦାବିରେ ଭାରତୀୟ କମ୍ୟୁନିଷ୍ଟ ଦଳ ପକ୍ଷରୁ ବିକ୍ଷୋଭ

ନୀଳଗିରି, ୨୨/୦୪ (ନି.ପ୍ର): ବିଦ୍ୟୁତ୍ ତାଡିରେ ଆଜି ଭାରତୀୟ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଭିନ୍ନ ଦାବୀ ନେଇ ନୀଳଗିରି ଉପଖଣ୍ଡ ବିଦ୍ୟୁତ୍ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ୨୦୦ ୟୁନିଟ ପର୍ଯ୍ୟନ୍ତ ବୃିଦ୍ୟୁତ୍ କର ଛାଡ଼ କରାଯାଉ, ବିଜୁଳି କାଟ ବନ୍ଦ କରାଯାଉ, ଗ୍ରୀଷ୍ମ ଋତୁ ଓ ପିଲାମାନଙ୍କ ପରୀକ୍ଷା କୁ ଆଖି ଆଗରେ ରଖି ବିଜୁଳି କାଟ ସଂପୂର୍ଣ୍ଣ ବନ୍ଦ କରାଯାଉ, ରାଜ୍ୟ ସରକାରଙ୍କ ବକେୟା ବିଜୁଳି ବିଲ୍‌କୁ କଂପାନୀ ବେଆଇନ ଭାବେ ଆଦାୟ କରିବା ବନ୍ଦ କରୁ, ସୋଜଳା ଧାରାରେ ବାଦ ପଡ଼ିଥିବା ସମସ୍ତ ପରିବାରକୁ ବିଜୁଳି ସଂଯୋଗ କରାଯାଉ, ବିଜୁଳି କଂପାନୀକୁ ପରିଚାଳନା ଦାୟିତ୍ୱ ନ ଦେଇ ରାଜ୍ୟ ସରକାର ନିଜେ ପରିଚାଳନା କରନ୍ତୁ, ହାତୀ ଉପଦ୍ରବ ଅଂଚଳରେ କେବୁଲର ବ୍ୟବସ୍ଥା କରାଯାଉ ଆଦି ଦାବୀ ରଖିଥିଲେ ବର୍ଷିୟାନ କମ୍ୟୁନିଷ୍ଟ ନେତା କୈଳାସ ପଣ୍ଡା ଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକତ୍ରିତ ହୋଇ ବିଶାଳ ଶୋଭାଯାତ୍ରାରେ ପାର୍ଟି ଅଫିସରୁ ବାହାରି ବିଦ୍ୟୁତ୍ ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଂଚି ବିକ୍ଷୋଭ ସହ ଗଣଧାରଣା ଦେଇଥିଲେ । ଏହି ବିକ୍ଷୋଭରେ ଜିଲ୍ଲା ସଂପାଦକ ନିରଂଜନ ବାରିକ, ବିଜୟ ସ, କମଳାକାନ୍ତ ବାରିକ, ପ୍ରଭାକର ମହାପାତ୍ର, ହରେକୃଷ୍ଣ ପଣ୍ଡିତ, ଲକ୍ଷ୍ମୀଧର ମହାନ୍ତି, ନିହାରଂଜନ ଜେନା, ମଂଜୁ ବେହେରା, ଗାୟତ୍ରୀ ପଣ୍ଡା, ସୁରେନ୍ଦ୍ର ଦେହୁରୀ, ଜୟନ୍ତୀ ବେହେରା, ଲମ୍ବୋଦର ବେହେରା, ସନାତନ ସେଠୀ ସମେତ ବହୁ କର୍ମୀ ସାମିଲ ଥିଲେ ।

## ବିଜ୍ଞାନର ଉନ୍ନତି ଧ୍ୱଂସ ପାଇଁ ନୁହେଁ, ମାନବିକ କଲ୍ୟାଣ ଲାଗି ବିନିଯୋଗ ହେଉ

ଜଳେଶ୍ୱର, ୨୨/୪ (ନି.ପ୍ର): ବାଲେଶ୍ୱର ଜିଲା ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ଆଜି ଶୁକ୍ରବାର ଜଳେଶ୍ୱର ହାଇସ୍କୁଲ ପରିସରରେ ଉଦ୍‌ଘାଟିତ ହୋଇଛି। ଦୁଇଦିନିଆ ଏହି ଶିବିରରେ ୧୨ଟି ବ୍ଲକର ଛାତ୍ରଛାତ୍ରୀ ଭାଗ ନେଇଥିବା ବେଳେ ବିଜ୍ଞାନକୁ ଧ୍ୱଂସାଭିମୁଖୀ ପରିବର୍ତ୍ତେ ମାନବ କଲ୍ୟାଣ ଲାଗି ବିନିଯୋଗ କରିବାକୁ ବକ୍ତାମାନେ ମତପ୍ରକାଶ କରିଛନ୍ତି । ଜଳେଶ୍ୱର ସରକାରୀ ନୋଡାଲ ହାଇସ୍କୁଲ ପରିସରରେ ବାଲେଶ୍ୱର ଜିଲାସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟିତ ହୋଇଛି । ଏଥିରେ ମୁଖ୍ୟବକ୍ତାଭାବେ ଚାନ୍ଦିପୁରସ୍ଥିତ ଡିଆରଡ଼ିଓର ଅତିରିକ୍ତ ନିର୍ଦ୍ଦେଶକ ତଥା ବୈଜ୍ଞାନିକ ହିମାଂଶୁ ଶେଖର ପଣ୍ଡା ଯୋଗ ଦେଇ ଆଜି ସୁଦ୍ଧା ବିଜ୍ଞାନ ପ୍ରଦତ୍ତ ସୁବିଧାସୁଯୋଗର ଅଧିକ ଗବେଷଣା ହେବା ଉଚିତ । ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ଗୁଣକୁ ଉଦ୍‌ଜିବୀତ କରିବା ଲାଗି



ଶିକ୍ଷକମାନେ ପ୍ରଚେଷ୍ଟା ଜାରି ରଖିବା ଉଚିତ ବୋଲି କହିଥିଲେ । ମୁଖ୍ୟଅତିଥିଭାବେ ବିଧାୟକ ଅଶ୍ୱିନୀ ପାତ୍ର ଓଡିଶା ଯୁବ ବୈଜ୍ଞାନକମାନଙ୍କ ଭୂମିକାକୁ ପ୍ରଶଂସା କରିଥିବା ବେଳେ ବିଜ୍ଞାନ ପଣ୍ଡିତମାନେ ବିଜ୍ଞାନକୁ ଧ୍ୱଂସ ନୁହେଁ ମାନବ କଲ୍ୟାଣ ଲାଗି ବିନିଯୋଗ କରାଯିବାକୁ ପରମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସପନ କୁମାର ଜେନା, ଜିଲା ବିଜ୍ଞାନ ପରିଦର୍ଶକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରତୀତନୟା ଗିରି, ଜଳେଶ୍ୱର ଓ ଭୋଗରାଇର ଗୋଷ୍ଠି ଶିକ୍ଷାଧିକାରୀ ଭଗିରଥି ଗିରି ପ୍ରମୁଖ ଯୋଗ ଦେଇ ଶିକ୍ଷକ ମାନେ ଛାତ୍ରଛାତ୍ରୀଙ୍କୁ ପରୀକ୍ଷାମୂଳକ ଜ୍ଞାନ ପ୍ରଦାନ କରିବାକୁ କହିଥିଲେ । ପ୍ରଧାନ ଶିକ୍ଷକ କୁଞ୍ଜବିହାରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଆର୍.ଆଇ.ଏଚ୍‌ଏସ୍ କଲେଜର ଅଧ୍ୟକ୍ଷକ କୃତିବାସ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବାଲେଶ୍ୱର ଜିଲାର ୧୨ଟି ବ୍ଲକରୁ ମୋଟ ୯୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଏଥିରୁ ୫ଟି ପ୍ରକଳ୍ପ ରାଜ୍ୟସ୍ତରକୁ ଯିବବୋଲି ସୂଚନା ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ରମୋହନ ବାରିକ ଅଧ୍ୟକ୍ଷତା କରିଥିବା ବେଳେ ସରୋଜ କୁମାର ପାଣିଗ୍ରାହୀ ଓ ନିବେଦିତା ନାୟକ ମଂଚ ଆହ୍ୱାନ, ସୁକୁମାର ମିଶ୍ର ବେଦପାଠ, ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଓଷ୍ଟା ଜଳେଶ୍ୱର ସଂପାଦକ ଡ. ଅଜିତ୍ କୁମାର ମହାନ୍ତି, ଓଷ୍ଟାର ଜିଲା ସଂପାଦକ ମନୋରଂଜନ ଦାସ ଓ ବଂଶୀ ଧର ବାରିକ ପ୍ରମୁଖ ମଂଚ ପରିଚାଳନା କରିଥିଲେ ।

## ଦୀନକୃଷ୍ଣ ସ୍ମୃତି ପରିଷଦ ଓ ସାହିତ୍ୟ ଏକାଦେମୀର ବାର୍ଷିକ ଉତ୍ସବ ଆସନ୍ତା ୨୪ରେ

ଜଳେଶ୍ୱର, ୨୨/୪ (ନି.ପ୍ର): ରସକଲ୍ଲୋଳ ଓ ରସ ବିନୋଦନ ପୁସ୍ତକର ରଚୟିତା ଜଣେ । ରିତିଯୁଗର ବୟୋଜ୍ୟେଷ୍ଠ ତଥା ଭକ୍ତକବି ଦୀନକୃଷ୍ଣ ଦାସ ଏହି ଦୁଇ ପୁସ୍ତକର ରଚୟିତା । ତେଣୁ ସେ ଏ ଜାତିର ନମସ୍ୟ । ତାଙ୍କ ପରି ସ୍ୱାଭିମାନୀ ତଥା ଭକ୍ତକବି ସମଗ୍ର ଭାରତୀୟ ସାହିତ୍ୟରେ ବିରଳ । ତାଙ୍କ ସୃଷ୍ଟିରେ ଭକ୍ତିଭାବ, କର୍ମଚିନ୍ତା, ଆଧ୍ୟାତ୍ମିକ ଚିନ୍ତା ଚେତନା ଓ ଆବେଗର ପଟାନ୍ତର ନାହିଁ । ନିର୍ଭିକତା ତାଙ୍କ ଲେଖନୀକୁ ଅଧିକ ଶାଣିତ କରିଛି । ରାଜଶକ୍ତି ଦ୍ୱାରା ଅତ୍ୟାଚାରିତ ହୋଇ ମଧ୍ୟ ସେ ସତ୍ୟ ଓ ସ୍ପଷ୍ଟ ଭାବେ ଆଧ୍ୟାତ୍ମିକ ଚିନ୍ତା ଚେତନାକୁ ତ୍ୟାଗ କରି ନାହାନ୍ତି । କିନ୍ତୁ ଭକ୍ତକବି ଦୀନକୃଷ୍ଣ ଦାସଙ୍କ ସମ୍ପର୍କରେ ଅଧିକ ଗବେଷଣା କରାଯାଇ ତାଙ୍କର ସମସ୍ତ ଲେଖାକୁ ନେଇ ଏକ ପୁସ୍ତକ ରଚନା କରାଯିବା ସହିତ ତାଙ୍କ ଜନ୍ମପୀଠ ସୁବର୍ଣ୍ଣରେଖା ନଦୀକୂଳ ମୁଣ୍ଡୁଣିଆକୁ ଅଧିକ ବିକଶିତ କରାଯାଉ ବୋଲି ଦାବି ହୋଇ ଆସୁଛି । ଭକ୍ତ କବି ଦୀନକୃଷ୍ଣଙ୍କ ଜନ୍ମପୀଠ ମୁଣ୍ଡୁଣିଆଠାରେ ୧୯୮୦ ଜାନୁଆରୀ ୨୬ ତାରିଖରୁ ପ୍ରତିବର୍ଷ ଦୀନକୃଷ୍ଣ ସ୍ମୃତି ପରିଷଦ ତାଙ୍କ ଜନ୍ମ ଜୟନ୍ତୀ ପାଳନ କରି ଆସୁଛି । ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ ବିପିନ ବିହାରୀ ବିଶ୍ୱାଳଙ୍କ ପ୍ରଚେଷ୍ଟାରେ କବିଡିହଠାରେ ପ୍ରତିବର୍ଷ ଜନ୍ମ ଜୟନ୍ତୀ ପାଳନ କରାଯାଉଥିଲେ ମଧ୍ୟ ଗବେଷଣା ଅଭାବରୁ ତାଙ୍କ ଜନ୍ମ ତାରିଖ ଓ ପ୍ରକୃତ ଫଟୋଚିତ୍ର ମିଳିପାରି ନାହିଁ । କିନ୍ତୁ ଡ. ହରେକୃଷ୍ଣ ମହତାବ, ଡ. ରାଧାନାଥ ରଥ, ଡ. କାର୍ତ୍ତିକେଶ୍ୱର ପାତ୍ର, ଡ. ଅଭେଲଚନ୍ଦ୍ର ପଢିଆରୀ, ମନ୍ତ୍ରୀ ସେକ୍ ମତଲୁବ ଅଲ୍ଲି, ବିଧାୟକ ଜୟନାରାୟଣ ମହାନ୍ତି ଓ ଅଶ୍ୱନୀ ପାତ୍ରଙ୍କ ପ୍ରଚେଷ୍ଟାରେ କବିପୀଠର ଉନ୍ନତି ଘଟିଥିଲେ ମଧ୍ୟ ତାହା ସମୁଦ୍ରକୁ ଶଂଖେ । ବିଭିନ୍ନ ବିଶ୍ୱବିଦ୍ୟାଳୟ କୁଳପତିମାନେ ବିଭିନ୍ନ କାର୍ଯ୍ୟକ୍ରମରେ କବିପୀଠକୁ ଆସି କବିଙ୍କ ନାମରେ ବିଶ୍ୱବିଦ୍ୟାଳୟରେ ଏକ ଚେୟାର ପ୍ରତିଷ୍ଠା ପ୍ରତିଶୃତ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନାହିଁ । ଅତୀତରେ ମନ୍ତ୍ରୀ ଶରତ କର, ଅଶୋକ ପଣ୍ଡା ଉକ୍ତ ସ୍ଥାନକୁ ପର୍ଯ୍ୟଟନ ସ୍ଥଳିଭାବେ ଘୋଷଣା ପ୍ରତିଶୃତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ନାହିଁ । ଦୀନକୃଷ୍ଣ ଦାସଙ୍କ ଗବେଷଣା ଓ ପୀଠର ବିକାଶ ଲାଗି ସରକାରୀ ବାର୍ଷିକ ଅନୁଦାନ ନ ମିଳିଥିବା ବେଳେ ସାହିତ୍ୟ ଏକାଦେମୀ ଓ କେନ୍ଦ୍ର ସାହିତ୍ୟ ଏକାଦେମୀ ଏଥିଲାଗି ସହଯୋଗର ହାତ ବଢାଇବାକୁ ଦାବି ହୋଇଛି ।

## ରାସ୍ତାପାର୍ଶ୍ୱରେ ମାଲବାହୀ ଯାନ ପାର୍କିଂ ଉପରେ କଟକଣା

ବାଲେଶ୍ୱର,୨୨/୦୪ (ନି.ପ୍ର): ବାଲେଶ୍ୱର ଜିଲାପାଳ ତଥା ଜିଲା ମାଜିଷ୍ଟ୍ରେଟ କେ.ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶ ଅନୁଯାୟୀ ୧୬ ନମ୍ବର ଜାତୀୟ ରାଜପଥର ବିରଳା ଟାୟାର୍ସ ଫାଟକ ଠାରୁ ନହରପାରଟଣା ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱ ଏବଂ ଏଥି ସଂଲଗ୍ନ ସର୍ଭିସ ରାସ୍ତାରେ ସମସ୍ତ ପ୍ରକାର ମାଲବାହୀ ଯାନର ପାର୍କିଂ ଉପରେ କଟକଣା ଜାରି କରାଯାଇଛି। ଏହି ରାସ୍ତାର ବାମପଦା, ରେମୁଣା, ଶାଳବଣୀ, ନୂଆଗାଁ ଏବଂ ନହରପାଟଣା ଅଞ୍ଚଳକୁ ବ୍ଲାକସ୍ପଟ ଭାବେ ଘୋଷଣା କରାଯାଇଥିବା ବେଳେ ଦୁର୍ଘଟଣାକୁ ଏଡାଇବା ପାଇଁ ଏହି ଅଞ୍ଚଳରେ ଯାନବାହାନର ଅବାଧ ପାର୍କିଂ ନ କରିବାକୁ ପ୍ରଶାସନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ମାଲବାହୀ ଟ୍ରକ ସମେତ ଅନ୍ୟାନ୍ୟ ମାଲବାହୀ ଯାନଗୁଡିକ ଗମ୍ଭାରିଆଠାରେ ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲରେ ହିଁ ସେମାନଙ୍କ ଗାଡିଗୁଡିକୁ ପାର୍କିଂ କରିବାକୁ କୁହାଯାଇଛି। ଜାରି କରାଯାଇଥିବା କଟକଣାର ଉଲ୍ଲଙ୍ଘନ କଲେ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ବେଆଇନ ବାଲି ଉତ୍ତୋଳନ ବିରୋଧରେ ଜିଲାପାଳଙ୍କୁ ଗ୍ରାମବାସୀଙ୍କ ଫେରାଦ

ବାଲେଶ୍ୱର,୨୨/୦୪ (ନି.ପ୍ର): ସଦର ତହସିଲ ଅନ୍ତର୍ଗତ ବୁଢ଼ାବଳଙ୍ଗ ନଦୀର କସବା-ଦହପଡ଼ା ଅଞ୍ଚଳରୁ ବେଆଇନ ବାଲି ଉତ୍ତୋଳନକୁ ବିରୋଧ ସହ ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି ସ୍ଥାନୀୟ ବାସିନ୍ଦା। ଏନେଇ ସଦର ବ୍ଲକର ନଗ୍ରମ ଓ ରେମୁଣା ବ୍ଲକର ଦହପଡ଼ା ପଞ୍ଚାୟତର ବିଭିନ୍ନ ଗ୍ରାମରୁ ଲୋକେ ମିଳିତ ଭାବେ ଶୁକ୍ରବାର ଜିଲାପାଳଙ୍କୁ ସାକ୍ଷାତ ସହ ବେଆଇନ ବାଲି ଉତ୍ତୋଳନରୁ ସମ୍ଭାବ୍ୟ ବିପଦ ସମ୍ପର୍କରେ ଅଭଗ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁସାରେ କଣ୍ଟାବଣିଆ ଗ୍ରାମର ଜନୈକ ବ୍ୟକ୍ତି ୨୦୧୭ରୁ ୨୦୨୩ ମସିହା ପର୍ଯ୍ୟନ୍ତ ୫ ବର୍ଷ ପାଇଁ ସମ୍ପୃକ୍ତ ବାଲି ସୈରାତକୁ ନିଲାମ ନେଇଥିଲେ। ତେବେ ବାଲି ଉତ୍ତୋଳନରେ କୌଣସି ଯନ୍ତ୍ରପାତି ବ୍ୟବହାର ନ କରିବାକୁ ନିୟମ ନଥିବା ବେଳେ ପ୍ରତିଦିନ ପୋକଲିନ ସାହାଯ୍ୟରେ ନଦୀଗର୍ଭରୁ ମନଇଚ୍ଛା ବାଲି ଉତୋଳନ ସହ ଚାଲାଣ କରାଯାଉଛି। ଅନ୍ୟପକ୍ଷରେ ନଦୀ ପଠାରୁ ୪୦ ମିଟର ଛାଡ଼ି ଏବଂ ମାତ୍ର ୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ଥିବା ନିୟମକୁ ଲିଜଧାରୀ ଖୋଲା ଉଲଂଘନ କରୁଛନ୍ତି ବୋଲି ସେମାନେ କହିଛନ୍ତି। ଏହା ଦ୍ୱାରା ପ୍ରଶାସନ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଥିବା ବେଳେ ନଦୀରେ ଗଣ୍ଡ ସୃଷ୍ଟି ହୋଇ ସାଧାରଣ ଜୀବନ ପ୍ରତି ବିପଦ ଦେଖାଦେଇଛି ବୋଲି ଗ୍ରାମବାସୀମାନେ ଆରୋପ ଉଠାଇଛନ୍ତି। ଭବିଷ୍ୟତରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତନ ହୋଇ ନିକଟସ୍ଥ ଗ୍ରାମ ମଧ୍ୟକୁ ବନ୍ୟାଜଳ ପଶିବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ବାଲି ସୈରାତ ନିଲାମକୁ ତୁରନ୍ତ ବାଜ୍ୟାପ୍ତ ପାଇଁ ଗ୍ରାମମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି ଜଣାଇଥିଲେ। ଏନେଇ ସେମାନେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ସୃଷ୍ଟିଧର ଦାସ, ଆକବର ଖାଁ, ଶେଖ ହାପିଜୁଦ୍ଦିନ, ଶେଖ ୟୁନୁସ, ରମେଶ ଦାସ, ଜ୍ୟୋତିରଞ୍ଜନ ଦାସ, ଉପେନ୍ଦ୍ର ଦାସ, ଶେଖ ରସିଦ, ପ୍ରମୁଖ ଉପସ୍ଥିତ ଥିଲେ ।


# ବୀଣାପାଣି ଶିଶୁ ମନ୍ଦିର

**ରୁପ୍‌ସା, ବାଲେଶ୍ୱର**

**୨୦୨୨-୨୩ ଶିକ୍ଷାବର୍ଷ ପାଇଁ ନାମଲେଖା ଚାଲୁଅଛି**

ଏହା ୩୦.୦୪.୨୦୨୨ ପର୍ଯ୍ୟନ୍ତ ବଳବତ୍ତର ରହିବ । ଏହା ଉତ୍କଳ ଶିକ୍ଷା ପରିଷଦ ଓ ଓଡ଼ିଶା ସରକାରଙ୍କ ନୀତି ଓ ନିୟମ ଅନୁଯାୟୀ ଭାରତୀୟ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ । ଏହି ଆଦର୍ଶ ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ୭ମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଏ । ଏହା ବିଶେଷ ଭାବରେ ଇଂରାଜୀ, ଯୋଗ, ବୌଦ୍ଧିକ ଶିକ୍ଷା, ଯୋଗ ବ୍ୟାୟାମ ଉପରେ ଗୁରୁତ୍ୱ ଦିଆଯାଇ ଥାଏ ।

ରାଜ୍ୟ ସରକାରଙ୍କ **RTE Act** ଅନୁଯାୟୀ ନିଃଶୁଳ୍କ ୨୫% ସ୍ଥାନ ସଂରକ୍ଷିତ କେବଳ ଆର୍ଥିକ ଅନଗ୍ରସର ପିଲାଙ୍କ ପାଇଁ ସଂରକ୍ଷିତ ।

ବୀଣାପାଣି ଶିଶୁ ମନ୍ଦିର ପରିଚାଳନା
ପରିବାର, ରୂପ୍‌ସା, ବାଲେଶ୍ୱର

ଯୋଗାଯୋଗ: ୯୯୩୭୫୮୪୮୩୬, ୯୪୩୭୯୬୦୩୮୩


## ମେଗା ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା କଲେ ପୂର୍ବତନ ସାଂସଦ

ବାଲିଆପାଳ, ୨୨/୦୪ (ନି.ପ୍ର): ଦୂର ହେବ ଜଳ କଷ୍ଟ, ଲୋକେ ପାଇବେ ସୁଦ୍ଧ ପିଇବା ପାଣି।ଦୀର୍ଘ ଦିନର ଦାବୀ ପରେ ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ପାନୀୟ ଜଳର କଷ୍ଟ ଦୂର ହେବାର ସଂଚାର ସୃଷ୍ଟି ହୋଇଛି।ସୁବର୍ଣ୍ଣରେଖା ନଦୀରୁ ପାଣି କୁ ସ୍ୱଚ୍ଛ କରି ବ୍ଲକର ୨୧ଟି ପଂଚାୟତକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବ । ବାଲିଆପାଳରେ ୧୭୫କୋଟି ଟଙ୍କାରେ ନିର୍ମାଣ ହେବାକୁ ଥିବା ମେଘା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କରି ଆଜି ବାଲେଶ୍ୱରର ପୂର୍ବତନ ସାଂସଦ ତଥା



ବିଜୁଜନତାଦଳର ଜିଲ୍ଲା ସଭାପତି ଇଂ ରବୀନ୍ଦ୍ର କୁମାର ଜେନା କହିଛନ୍ତି । ଏହି ପ୍ରକଳ୍ପ ହେଲେ ବାଲିଆପାଳ ବ୍ଲକର ୨୧ଟି ପଞ୍ଚାୟତର ୧୪୪ଟି ଗାଁର ୧ ଲକ୍ଷ ୭୬ ହଜାର ଲୋକ ଉପକୃତ ହୋଇପାରିବେ। ଏହି ୨୧ ଗୋଟି ପଞ୍ଚାୟତରେ ୨୨ଟି ଉଚ୍ଚ କ୍ଷମତା ସମ୍ପନ୍ନ ଟାଙ୍କି ନିର୍ମାଣ ହେବ। ଟାଙ୍କି ନିର୍ମାଣ ହେବାକୁ ଥିବା ସ୍ଥାନ ଚିହ୍ନଟ ପ୍ରକ୍ରିୟା ସରିଛି। ଏହି ପାନୀୟ ଜଳ ଯୋଗାଣ ପାଇଁ ୨୧ଟି ପଞ୍ଚାୟତରେ ୪୭୫ କିଲୋମିଟର ପାଇପ ବିଛାଯିବ।ଏହି ପ୍ରକଳ୍ପ ପାଇଁ ଟେଣ୍ଡର ପ୍ରକ୍ରିୟା ସରିଥିଲାବେଳେ ବମ୍ବେର ବ୍ଲୁ ଷ୍ଟାର କମ୍ପାନୀ କାର୍ଯ୍ୟ କରିବା ପାଇଁ ମନୋନୀତ ହୋଇଛି। ଆସନ୍ତା ମେ ପ୍ରଥମ ସପ୍ତାହରୁ କାର୍ଯ୍ୟ ଆରମ୍ଭ ହୋଇ ୨୦୨୨ ମସିହା ଜାନୁୟାରୀ ମାସରେ ଶେଷ ହେବାର ସମୟ ଧାର୍ଯ୍ୟ ହୋଇଛି। ଆଜିର ଏହି ସମିକ୍ଷା ବୈଠକରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ବ୍ଲକ ସଭାପତି ଗୋବିନ୍ଦ ପ୍ରସାଦ ଦାସ ଜିଲ୍ଲାପରିଷଦ ନିଶାକର ସେଠୀ, ପ୍ରମୁଖ ଉପସ୍ଥିତ ଥିଲେ।

# ସିପିଆଇ ପକ୍ଷରୁ ଟାଟା ପାୱାର ଅଫିସ୍ ଘେରାଉ

ଭୁବନେଶ୍ୱର, ୨୨/୦୪ (ନି.ପ୍ର): ସମଗ୍ର ରାଜ୍ୟରେ ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରିବା, କମ୍ପାନୀରାଜ ବନ୍ଦ କରି ରାଜ୍ୟ ସରକାର ବିଦ୍ୟୁତ୍‌କୁ ନିଜ ହାତକୁ ନେବା, ରାଜ୍ୟ ବିଦ୍ୟୁତ୍ ବୋର୍ଡକୁ ପୁର୍ନବାହାଲ କରିବା ଏବଂ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ବ୍ୟବହାର କରୁଥିବା ପ୍ରତ୍ୟେକ ପରିବାରକୁ ମାଗଣା ବିଜୁଳି ଯୋଗାଇଦେବା ଦାବିରେ ଆଜି ସିପିଆଇ ପକ୍ଷରୁ ରାଜ୍ୟ ବ୍ୟାପୀ ବିଦ୍ୟୁତ୍ ଅଫିସ୍ ଘେରାଉ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର 'ଟାଟା ପାୱାର'ର ସିଇଓଙ୍କ ଅଫିସ୍ ଘେରାଉ କରାଯାଇଛି। ଆଜି ପୂର୍ବାହ୍ନରେ ସିପିଆଇର ଶହ ଶହ କର୍ମୀ ହାତରେ ଦଳୀୟ ପତାକା, ଫେଷ୍ଟୁନ୍ ଓ ବିଭିନ୍ନ ସ୍ଲୋଗାନ ଲେଖାଥିବା ପ୍ଲାକାର୍ଡମାନ ଧରି ରାଜଭବନ ଛକ ନିକଟରେ ରୁଣ୍ଡ ହୋଇଥିଲେ। ସେଠାରୁ ଏକ ଶୋଭାଯାତ୍ରା ବାହାରି ପାୱାର ହାଉସ୍ ଛକରେ ଥିବା ଟାଟା ପାୱାର ସିଇଓ ଅଫିସ୍ ନିକଟରେ ପହଂଚି ଘେରାଉ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେଠାରେ ସିପିଆଇ ଜୋନ ସମ୍ପାଦକ ସୁର ଜେନା ଉଦ୍‌ବୋଧନ ଦେଇ ଟାଟା କମ୍ପାନୀ ଆସିବା ପରେ ବିଦ୍ୟୁତ୍ କ୍ଷେତ୍ରରେ ଘୋର ଅରାଜକ ପରିସ୍ଥିତି ସୃଷ୍ଟି ହୋଇଛି; ଗ୍ରୀଷ୍ମଋତୁରେ ଘଂଟା ଘଂଟା ଧରି ବିଦ୍ୟୁତ୍ କାଟ ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି ଓ ମନଇଚ୍ଛା ବିଲ୍ ଆସୁଛି ବୋଲି ଅଭିଯୋଗ କରି ରାଜ୍ୟ ସରକାର ଟାଟା କମ୍ପାନୀକୁ ବିଦା କରି ବିଜୁଳିକୁ ନିଜ ହାତକୁ ନେବା ପାଇଁ ଦାବି କରିଥିଲେ। ବିକ୍ଷୋଭ ପରେ ରାଜ୍ୟ ଶକ୍ତିମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଟାଟା ପାୱାର (ବଂଟନ) ସିଇଓଙ୍କୁ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ବିଜୟ ଜେନା, ଜୋନ ସହସମ୍ପାଦକ କୈଳାସ ପୁହାଣ, ନାନିକା ମୁଣ୍ଡା, ପାର୍ବତୀ ଲାଗୁରି, ରମା ବେହେରା, ଶୈଳ ନାୟକ, ସବିତା ବେହେରା, ଛେଡୟର ଭୋଇ, ଲୋକନାଥ ଭୋଇ, ଆଦିବାସୀ ନେତା ଡାକ ହେମ୍ବ୍ରମ୍, ଅଶୋକ ବାରିକ, ପାପା ମାକ ଓ ମଙ୍ଗଳା ସେଠୀ ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ନାବାର୍ଡ ସହାୟତାରେ କୃଷକ ଉତ୍ପାଦକ ସଂଘ ଲୋକାର୍ପିତ




ବସ୍ତା, ୨୨/୦୪ (ନି.ପ୍ର): ବସ୍ତା ବ୍ଲକ୍ ମୁକୁଲୁସି ସ୍ୱେଚ୍ଛାସେବୀ ସଂଗଠନ ସ୍ପର୍ଶ ଆନୁକୁଲ୍ୟରେ ସହଭାଗୀ ବିକାଶ ଅଭିଯାନ ଭୁବନେଶ୍ୱର ଦ୍ୱାରା ନାବାର୍ଡ ସହାୟତାରେ କୃଷକ ଉତ୍ପାଦକ ସଂଘ ଲୋକାର୍ପିତ ହେଲା। ଜିଲ୍ଲାରେ ବିଭିନ୍ନ କୃଷି ଉପରେ ଉତ୍ପାଦକ ସଂଘ ଥିବା ବେଳେ ଏହା ଜିଲ୍ଲାର ପ୍ରଥମ ଉତ୍ପାଦକ ସଂଘ ଯାହା ମତ୍ସ୍ୟ ଚାଷ କୁ ପ୍ରୋତ୍ସାହିତ କରିବ। ଉନ୍ନତ କିସମର ମାଛ ଚାଷ ଉପରେ ଅତ୍ୟାଧୁନିକ ଶୈଳୀରେ ଚାଷ କରିବା ଉପରେ ଚାଷୀ ମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ପ୍ରଚେଷ୍ଟା କରାଯିବ । ଏହା ଦ୍ୱାରା କୃଷକ ମାନେ କମ୍ପାନୀ ଆଇନ ଅନୁଯାଇ ନିଜ ନିଜର ବ୍ୟବସାୟିକ ସଂଗଠନ କରି ସରକାରଙ୍କ ବିଭିନ୍ନ ଯୋଜନା ରେ ଉପକୃତ ହୋଇ ପାରିବେ.। କେନ୍ଦ୍ର ସରକାର ୨୦୨୪ ସୁଦ୍ଧା ୧୦୦୦୦ କୃଷକ ଉତ୍ପାଦକ ସଂଗଠନ ଗଠନ ନିମନ୍ତେ ନାବାର୍ଡ. ଏସ ଏଫ ଏ ସି. ଏନ ସି ଡ଼ି ସି. ନାଫେଡ ସଂସ୍ଥା କୁ ଦାୟିତ୍ୱ ଦେଇଛନ୍ତି। ଚାଷୀ ମାନେ ଉତ୍ପାଦକ ସଂଘ ଜରିଆରେ କୃଷି କାର୍ଯ୍ୟ କୁ ବ୍ୟବସାୟ ଭାବେ, ଉତ୍ପାଦିତ ସମଗ୍ରୀ କୁ ସଂଘ ଜରିଆରେ ବିକ୍ରି କରି ଲାଭବାନ ହୋଇପାରିବେ। ସଂଗଠନ ମୁଖ୍ୟତଃ ଉନ୍ନତ ଗୁଣମାନର ଜାଁଆଳ, ଖାଦ୍ୟ ଏବଂ ଚାଷ ପାଇଁ ଆବଶ୍ୟକ ହେଉଥିବା ଅନ୍ୟାନ୍ୟ ଦ୍ରବ୍ୟ ଉଚିତ ମୂଲ୍ୟ ରେ ଘର ପାଖରେ ଉପଲବ୍ଧ କରି ପାରିବ ବୋଲି ଅତିଥି ମାନେ ମତ ରଖିଥିଲେ। ଏହି ସଂଘ କୃଷକ ମାନଙ୍କ ଉତ୍ପାଦିତ ସାମଗ୍ରୀକୁ ଉଚିତ ମୂଲ୍ୟରେ ବିକ୍ରି ପାଇଁ ସମସ୍ତ ବ୍ୟବସ୍ଥା କରିବ । ସାମ୍ବାଦିକ ଦିଲ୍ଲିପ କୁମାର ଦାସଙ୍କ ଦ୍ୱାରା ମଞ୍ଚ ପରିଚାଳନା କରାଯାଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ନାବାର୍ଡ ର ଡିଡି ଏମ ତାପସ କୁମାର ପ୍ରଧାନ, ବାଲେଶ୍ୱର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ମତ୍ସ୍ୟ ବୈଜ୍ଞାନିକ ଡ. ସ୍ୱାଗତୀକା ସାହୁ, ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କର ସମ୍ପାଦକ ନାରାୟଣ ମଢେଇ, ବସ୍ତା ବ୍ଲକ କୃଷି ଅଧିକାରୀ ହରିହର ନାୟକ, ସହକାରୀ କୃଷି ଅଧିକାରୀ ଯଜ୍ଞ ଦତ୍ତ ସେଠୀ, ସହଭାଗି ବିକାଶ ଅଭିଯାନ ର ସଂଯୋଜକ ପବିତ୍ର ପଟ୍ଟନାୟକ, ଯୋଗ ଦେଇଥିଲେ। ସ୍ପର୍ଶ ର ସମ୍ପାଦକ ରଞ୍ଜନ କୁମାର ଧଳ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ସ୍ପର୍ଶ ର ସଭାପତି ସରୋଜ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସଦସ୍ୟ ନିମାଇଁ ଚାରଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ବସ୍ତା ଓ ବାଲିଆପାଳ ବ୍ଲକ ର ଶହେରୁ ଅଧିକ ମତ୍ସ୍ୟଚାଷୀ ଯୋଗ ଦେଇଥିଲେ ।

# ରାଜ୍ୟ ସ୍ତରୀୟ ସ୍ମୃତି ସଭାରେ ଅବଦୁଲ ଓସିଦଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି



ବାଲିପାଟଣା, ୨୨/୦୪ (ନି.ପ୍ର): ସାହିତ୍ୟ ଓ ସଂସ୍କୃତିର ବରେଣ୍ୟ ସାଧକ ଅବଦୁଲ ଓସିଦ ଖାଁ ଙ୍କ ତିରୋଧାନ ରେ ଆଜି ପୂର୍ବାହ୍ନରେ ଅୟୋଜିତ ସ୍ମୃତି ସଭାରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି ।ତାଙ୍କର ଶୁଭେଚ୍ଛୁ, ବନ୍ଧୁ,ଆତ୍ମୀୟଙ୍କ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପୂର୍ବତନ ମନ୍ତ୍ରୀ ଜୟଦେବ ର ମାନ୍ୟବର ବିଧାୟକ ଅରବିନ୍ଦ ଢ଼ାଲି,ପୂର୍ବତନ ଅର୍ଥ ଓ ଅବକାରୀ ମନ୍ତ୍ରୀ ତଥା ବର୍ତ୍ତମାନ କେନ୍ଦ୍ରାପଡା ର ମାନ୍ୟବର ବିଧାୟକ ଶଶୀଭୂଷଣ ବେହେରା ଯୋଗ ଦେଇ ସ୍ୱର୍ଗତ ଓସିଦ ଙ୍କ ସାମାଜିକ ଚିନ୍ତାଧାରା ଓ ସାହିତ୍ୟ ସାଧନାରେ ଥିବା ପ୍ରଚଣ୍ଡ ଆତ୍ମବିଶ୍ୱାସ ସମ୍ପର୍କରେ ସ୍ମୃତି ଚାରଣ କରିଥିଲେ ।ଶିଶୁ ଅନନ୍ତ ମହାବିଦ୍ୟାଳୟ ର ଅଧକ୍ଷ ବୈକୁଣ୍ଠ ନାରାୟଣ ଦାଶ୍, କବି ଓ କଥାକାର ଅଜୟ ସ୍ୱାଇଁ, ବାଲିପାଟଣା ପ୍ରେସ କ୍ଲବ ର ସଭାପତି ଦିଲ୍ଲୀପ ଓଝା, ଶ୍ରୀପର୍ଣ୍ଣ ର ସମ୍ପାଦକ ଉମାକାନ୍ତ ମହାପାତ୍ର, କବି ବିପିନ ମହାନ୍ତି, ନାଟ୍ୟକାର ବିଜୟ ଦାସ, ଅଧାପକ ରାଧାକାନ୍ତ ମହାନ୍ତି,ଅଧାପକ ପ୍ରସନ୍ନ ରାଉତରାୟ, ଲେଖିକା ତନୟା ଦାସ ଗୋସ୍ୱାମୀ, ସମାଜସେବୀ ମନୋରଞ୍ଜନ ରାୟ, କୈଳାଶ ଚନ୍ଦ୍ର ମିଶ୍ର, ପ୍ରଶାସିକା କମଳିନୀ ମଲ୍ଲିକ, କବି ଭିକାରୀ ଧଳ ସମ୍ବାଦିକା ସୌମ୍ୟା ପରିଡା ପ୍ରମୁଖ ଗଭୀର ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଗୀତିକାର ତଥା ସଂଳାପ ଲେଖକ ପୂର୍ବତନ ଅଧକ୍ଷ ଅଧାପକ ରଜନୀ ରଞ୍ଜନ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବାଲିଅନ୍ତା ପ୍ରେସ କ୍ଲବର ସଭାପତି ସୋମନାଥ ସ୍ୱାଇଁ ପ୍ରାରମ୍ଭିକ ସୂଚନା ଦେଇଥିଲେ ଓ ସାମ୍ବାଦିକ ଅଭିମନ୍ୟୁ ନାୟକ ଧନ୍ୟବାଦ ଦେଇଥିଲେ। କବି ଭଗବାନ ସାହୁ, ଶିବ ମଲ୍ଲିକ, ଘନଶ୍ୟାମ ବେହେରା, ସୁରେଶ ସ୍ୱାଇଁ, ପୂର୍ଣ୍ଣ ମହାରଣା, ସୁଜିତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସ୍ୱର୍ଗତ ଓସିଦଙ୍କ ପୁତ୍ର ଅନିଷ ଆଲାମ, କନ୍ୟା ସୁହାନା ତବସୁମ, ଆତ୍ମୀୟ ସେକ ତହେବୁଲ ମୁତାକିନ, ସ୍ୱାନମ ତରାନା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱର୍ଗତ ଓସିଦଙ୍କ ଅପ୍ରକାଶିତ ଅନେକ ପୁସ୍ତକର ପ୍ରକାଶନ ସହିତ ତାଙ୍କର ସ୍ମୃତି ରକ୍ଷା ପାଇଁ ପ୍ରତିବର୍ଷ ଶିଶୁ ଅନନ୍ତ ଜୟନ୍ତୀରେ ତାଙ୍କ ନାମରେ ଏକ ସମ୍ମାନ ପ୍ରଦାନ ପାଇଁ ଓ ନରେନ୍ଦ୍ରନାଥ ସ୍ମୃତି ସଂସଦ ତରଫରୁ ପ୍ରତବର୍ଷ ଶ୍ରାଦ୍ଧ ଉତ୍ସବ ପାଳନ କରାଯିବା ସହିତ ଜନ୍ମସ୍ଥାନରେ ଏକ ସ୍ମୃତିସଭା ଆୟୋଜନ କରାଯିବାକୁ ସ୍ଥିର ହୋଇଥିଲା।

# ଖବର କାଗଜ ବିତରକଙ୍କୁ ପରିଚୟପତ୍ର ବଣ୍ଟନ



ବାଲେଶ୍ୱର,୨୨/୦୪ (ନି.ପ୍ର): ବାଲେଶ୍ୱର ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଖବରକାଗଜ ବିତରକଙ୍କୁ ଶୁକ୍ରବାର ପରିଚୟପତ୍ର ବଣ୍ଟନ ଆରମ୍ଭ ହୋଇଛି। ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଉପସ୍ଥିତ ଖବରକାଗଜ ବିତରକଙ୍କୁ ପରିଚୟପତ୍ର ବଣ୍ଟନ ଶୁଭାରମ୍ଭ କରିଥିଲେ । ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ ଆଜିର କାର୍ଯ୍ୟକ୍ରମରେ ୨୦ରୁ ଉର୍ଦ୍ଧ୍ୱ ଖବରକାଗଜ ବିତରକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏହି କାର୍ଡ ପାଇବା ପରେ ବିତରକମାନେ ଖୁସି ବ୍ୟକ୍ତ କରିବା ସହିତ ଓଡିଶା ସରକାରଙ୍କୁ କୃତଜ୍ଞତା ପ୍ରକାଶ କରିଛନ୍ତି। ସରକାରଙ୍କ ଦ୍ୱାରା ଅନୁମୋଦିତ ଜିଲାର ୪୭୧ଜଣ ପଞ୍ଜୀକୃତ ମଧ୍ୟରୁ ୨୦ଜଣଙ୍କୁ ଏହି ପରିଚୟପତ୍ର ମିଳିଥିବା ବେଳେ ପରବର୍ତ୍ତୀ ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରୁ ପରିଚୟପତ୍ର ସଂଗ୍ରହ ପାଇଁ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସାହୁ ନିବେଦନ କରିଛନ୍ତି। ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଖବରକାଗଜ ବିତରକଙ୍କୁ ସ୍ୱତନ୍ତ୍ର କୋଭିଡ ସହାୟତା ପ୍ରଦାନ କରାଯାଇଥିଲା। ଏହି ପରିଚୟପତ୍ର ପ୍ରାପ୍ତ ବିତରକଙ୍କୁ ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସହାୟତା ମିଳିବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି।

# ଏନ.ଏ.ସି. ଗାରବେଜର ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ : ୧ମାସ ମଧ୍ୟରେ ବର୍ଜ୍ୟବସ୍ତୁ ଖାଇ ୭ ଗୋରୁ ମୃତ

ନୀଳଗିରି, ୨୨/୦୪ (ନି.ପ୍ର): ନୀଳଗିରି ଏନ.ଏ.ସି.ର ପରିମଳ ବ୍ୟବସ୍ଥା ଏକ ପ୍ରକାର ଠପ୍ ପାଲଟିଯାଇଥିବା ବେଳେ ମଲିଆଣି ଠାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଗାରବେଜ ର ସୁରକ୍ଷା ନେଇ ପ୍ରଶ୍ନ ଉଠିଛି । ୧୩ଗୋଟି ୱାର୍ଡରୁ ପ୍ରତିଦିନ ବାହାରୁଥିବା ଅଳିଆ ଆବର୍ଜନାକୁ ଟ୍ରାକ୍ଟର ଯୋଗେ ମଲିଆଣି ଠାରେ ନିର୍ମାଣ କରାଯାଇଥିବା ଗାରବେଜରେ ପକାଯାଉଅଛି । ମାତ୍ର ଉକ୍ତ ଗାରବେଜରେ ବାଉଣ୍ଡରି ୱାଲ ସଂପୂର୍ଣ୍ଣ ହୋଇ ପାରି ନ ଥିବା ବେଳେ ଗୋରୁଗାଈ ପ୍ରବେଶ କରି ଉକ୍ତ ବର୍ଜ୍ୟବସ୍ତୁକୁ ଖାଇ ମୃତ୍ୟୁମୁଖରେ ପଡୁଛନ୍ତି। କେଇଦିନ ପୂର୍ବରୁ ୬ସଟି ଗୋରୁ ମରିଥିବା ବେଳେ ମଲ୍ୟାଣି ଗ୍ରାମର ପରମାନନ୍ଦ ଦାସଙ୍କର ଗୋଟିଏ ଗୋରୁ ମରିଥିବା ଆଜି ଅଭିଯୋଗ ହୋଇଛି । ଏ ବାବଦରେ ନୀଳଗିରି ଏନ.ଏ.ସି.ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଦାୟିତ୍ୱରେ ଥିବା ଅଶେଷ କୁମାର ନାୟକଙ୍କୁ ପଚାରିବାରୁ ଗୋରୁ ମୃତ୍ୟୁର ତଦନ୍ତ କରିବା ସହ ଗାରବେଜରେ ବାକିଥିବା ବାଉଣ୍ଡରି ୱାଲ ସଂପୂର୍ଣ୍ଣ ପାଇଁ ଖୁବ୍ ଶୀଘ୍ର ବ୍ୟବସ୍ଥା କରାଯିବାର ପ୍ରତିଶୃତି ଦେଇଛନ୍ତି ।

# ବିଶିଷ୍ଟ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସନ୍ତୋଷ କୁମାର କରଙ୍କ ବିୟୋଗରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଆସୋସିଏସନର ଶୋକସଭା




ବାଲେଶ୍ୱର,୨୨/୦୪ (ନି.ପ୍ର): ଉଦୀୟମାନ ସମସ୍ତଙ୍କର ପ୍ରିୟ ସାମାଜିକ ସ୍ତରରେ ପ୍ରତିଷ୍ଠା ଲାଭ କରିଥିବା ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସନ୍ତୋଷ କୁମାର କରଙ୍କର ଗତ ୧୯ ତାରିଖ ରାତି ୧୦ଟା ୫୨ମି. ପରଲୋକ ହୋଇଯାଇଛି । ସେ ଏପ୍ରିଲ ୪ ତାରିଖ ଦିନ କଲିକତା ସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ହାର୍ଟ ବାଇପାସ ସର୍ଜରୀ କରାଇଥିଲେ । ମାତ୍ର ପରେ ତାଙ୍କ ସ୍ୱାସ୍ଥ୍ୟରେ କ୍ରମାଗତ ଅବନ୍ନତି ଘଟିଥିଲା । ମୃତ୍ୟୁ ପର୍ଯ୍ୟନ୍ତ ସେ ଭେଣ୍ଟିଲେଟରରେ ରହି ଚିକିତ୍ସିତ ହୋଇଥିଲେ ମଧ ତାଙ୍କ ସ୍ୱାସ୍ଥ୍ୟର ଉନ୍ନତି ଘଟି ନଥିଲା । ମୃତ୍ୟୁ ବେଳକୁ ତାଙ୍କ ନିକଟରେ ତାଙ୍କ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ତାଙ୍କ ମୃତ୍ୟୁରେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ମହଲରେ ଗଭୀର ଶୋକର ଛାୟା ଖେଳି ଯାଇଛି । ବାଲେଶ୍ୱର ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଆସୋସିଏସନ ପକ୍ଷରୁ ୨୨ ତାରିଖ ସଂଧ୍ୟାରେ ଉଦ୍ୟୋଗ ଭବନଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଏହି ଶୋକସଭାରେ ବହୁ ସଦସ୍ୟ ତାଙ୍କ ଗୁଣଗାନ କରିବା ସହ ତାଙ୍କର ସ୍ମୃତି ଚାରଣ କରିଥିଲେ ।

# ୧୦୦ଲିଟରର ଦେଶୀ ମଦ ସହ ୨ଅଭିଯୁକ୍ତ ଗିରଫ



ବସ୍ତା, ୨୨/୦୪ (ନି.ପ୍ର): ବସ୍ତା ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢଉକରି ୧୦୦ଲିଟର ଦେଶି ମଦ ସହ ଜଣେ ମହିଳା ୧ଯୁବକ କୁ ଗିରଫ କରିଥିବାବେଳେ ଅନ୍ୟ ୨ଜଣ ମଦ ଛାଡି ଚମ୍ପଟ ମାରିଛନ୍ତି । ସୂଚନାରୁ ପ୍ରକାଶ ମଥାନୀପଞ୍ଚାୟତ ଗମ୍ଭାରିଆ ଗ୍ରାମର ମୁନି ମାରାଣ୍ଡି ଠାରୁ ୨୦ଲିଟର ଅମର୍ଦ୍ଦାରୋଡନଟାକଟା ପଞ୍ଚାୟତ ଭାନଦି ପୁର ଗ୍ରାମର ଗଣେଶବେଶ୍ରା ୫୦ଲିଟର କୁଡିଆପଞ୍ଚାୟତ ପେଗରପଡା ଗ୍ରାମର ଭବାନି ଶଙ୍କର ନାୟକ ୧୫ଲି;ଓ ସିଂଲା ଥାନା ଅଞ୍ଚଳ ଭେଲୋରା ଗ୍ରାମର ସନିଆ ସୋରେନ୍ ୧୫ଲିଟର ଜବତ ହୋଇଛି । ତେବେ ଏହି ଚାରିଜଣଙ୍କ ନାମରେ କେସ ନଂ ୬-୭-୮-୯ । ୨୦୨୨ ମାମଲା ରୁଜୁ ହେବା ସହିତ ମୁନି ମାରାଣ୍ଡି, ଗଣେଶ ବିଶ୍ରାଙ୍କୁ ଗିରଫ କରି କୋଟ ଚାଲାଣ କରାଯାଇଛିବୋଲି ବସ୍ତା ଅବକାରୀବିଭାଗ ଓ ଆଇ ସି କୁଳ ମଣି ମହାରଣା ପ୍ରକାଶ କରିଛନ୍ତି ।

# ମାରଓ୍ୱାଡ଼ି ମହିଳା ସମିତି ପକ୍ଷରୁ ପରିବେଶ ସୁରକ୍ଷା ସଚେତନତା ଶୋଭାଯାତ୍ରା

ବାଲେଶ୍ୱର,୨୨/୦୪ (ନି.ପ୍ର): ଆନ୍ତର୍ଜାତିକ ପୃଥିବୀ ଦିବସ ପାଳନ ଅବସରରେ ଅଖିଳ ଭାରତୀୟ ମାରଓ୍ୱାଡି ମହିଳା ସମ୍ମେଳନ, ବାଲେଶ୍ୱର ଶାଖା ପକ୍ଷରୁ ସ୍ୱଚ୍ଛ ପରିବେଶ ସଚେତନତା ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ବାଲେଶ୍ୱର ସଗରର ଲଳିତେଶ୍ୱରୀ କାଳୀ ମନ୍ଦିର ନିକଟରୁ ବାହାରି ସହର ପରିକ୍ରମା ସହ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା । ମାରଓ୍ୱାଡି ମହିଳା ସମିତି କର୍ମକର୍ତ୍ତା ଓ ସଦସ୍ୟାଙ୍କ ସମେତ ପରିବେଶ ସୁରକ୍ଷା ସଚେତନତା ବାର୍ତ୍ତା ସମ୍ବଳିତ ପୋଷାକ ପିନ୍ଧି ବହୁ ଶିଶୁ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ। ସେଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସମ୍ମେଳନର ରାଷ୍ଟ୍ରୀୟ ଅଧକ୍ଷା ଅଞ୍ଜୁ ସରାଓ୍ୱଗୀ ଯୋଗଦେଇ ପରିବେଶ ସୁରକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ବାଲେଶ୍ୱର ମାରଓ୍ୱାଡି ମହିଳା ସମିତିର ଅଧକ୍ଷା ପ୍ରିୟା ଅଗ୍ରଓ୍ୱାଲ ଏଥିରେ ପୌରହିତ୍ୱ କରିବା ପ୍ଲାଷ୍ଟିକ ବର୍ଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ସମିତିର ସମ୍ପାଦିକା ସୋନାଲ ମୋଦୀ ପରିବେଶ ସୁରକ୍ଷା ପାଇଁ ସବୁ ମହଲରୁ ଉଦ୍ୟମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେଠାରେ ସମସ୍ତେ ପରିବେଶ ସୁରକ୍ଷା ପାଇଁ ଶପଥ ନେଇଥିଲେ । ସଙ୍ଗଠନର କୋଷାଧକ୍ଷ ଗୀତା ସୁମାନି, କ୍ଷେତ୍ରୀୟ ମୁଖ୍ୟ ନିଶା ମୋଦୀ, ପରିବେଶ ପ୍ରକଳ୍ପର ମୁଖ୍ୟ କବିତା ବାହେତି, ସ୍ନେହା ସରାଓ୍ୱଗୀ ପ୍ରମୁଖଙ୍କ ସମେତ ମାରଓ୍ୱାଡ଼ି ମହିଳା ସମିତର ବହୁ ସଦସ୍ୟା ଏଥିରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# କ୍ଷୁଦ୍ର ଜଳସେଚନ ବିଭାଗର ଅଧିକାରୀ ଓ ବିଧାୟକଙ୍କ ଦ୍ୱାରା ବିଭିନ୍ନ ବନ୍ଧର ପୁନରୁଦ୍ଧାର ସର୍ଭେ

ନୀଳଗିରି, ୨୨/୦୪ (ନି.ପ୍ର): ନୀଳଗିରି ଏକ ଆଦିବାସୀ ବହୁଳ ଅଂଚଳ ହୋଇଥିବା ବେଳେ ଚାରିପଟେ ପାହାଡ଼ ଘେରା ଯୋଗୁଁ ବର୍ଷା ଜଳର ଅଭାବରେ ଚାଷ କ୍ଷେତ୍ରରେ ଘୋର ଅସୁବିଧା ଉପୁଜୁଥିବା ବେଳେ ଏହାକୁ ଆଖି ଆଗରେ ରଖି ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ବିଭିନ୍ନ ପଂଚାୟତରେ ଥିବା ବନ୍ଧ ଗୁଡ଼ିକର ପୁନରୁଦ୍ଧାର ସହ ଉନ୍ନତିକରଣ ପାଇଁ କ୍ଷୁଦ୍ରଜଳସେଚନ ବିଭାଗର ପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଭାଗୀୟ ଅଧିକାରୀମାନେ ଏହାକୁ ଗୁରୁତ୍ୱ ଦେଇ ନୀଳଗିରି ବିଧାୟକଙ୍କୁ ଧରି ବିଭିନ୍ନ ବନ୍ଧ ଯଥା- ଗରଡିହି ଓ ତେଲିପାଳ ପଂଚାୟତର ରେ ଥିବା ବାଙ୍ଗିରି ବନ୍ଧ ଓ ପୁଟିବନ୍ଧ ପରିଦର୍ଶନ କରିଥିଲେ । ପାରିପାର୍ଶ୍ୱିକ ପରିସ୍ଥିତିକୁ ଆଖି ଆଗରେ ରଖି ଏବଂ ଶତାଧିକ ଚାଷୀମାନଙ୍କ ହାତୀ ଦୃଷ୍ଟିରେ ରଖି ଅଧିକାରୀମାନେ ଏହି ଦୁଇ ବନ୍ଧର ନବୀକରଣ ପାଇଁ ସବୁଜ ସଙ୍କେତ ଦେଇଛନ୍ତି । ସେହିପରି ଜାମୁଡ଼ିହା ପଂଚାୟତର ଥିବା ଚୂଡ଼ାଖିଆ ବନ୍ଧର ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ୬କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଥିବା ବେଳେ ବିଭାଗୀୟ ଅଧିକାରୀମାନେ ମଧ ପରିଦର୍ଶନ କରିଥିଲେ । ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ସୁପରିନ୍‌ଟେଣ୍ଡେଂଟ ଇଞ୍ଜିନିୟର ଅରୁଣ ଦେ, ଡେପୁଟି ନିର୍ବାହୀ ଯନ୍ତ୍ରୀ ଗୁରୁପ୍ରସାଦ ପୃଷ୍ଟି, ନିର୍ବାହୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ଶତପଥି ସମେତ ବହୁ ଚାଷୀ ଉପସ୍ଥିତ ଥିଲେ ।

# ଭଦ୍ରକ ଚାଷୀମୂଲିଆ ସଂଘର ସାମ୍ବାଦିକ ସମ୍ମିଳନୀ




ଭଦ୍ରକ,୨୨/୦୪ (ନି.ପ୍ର): ଚାଷୀମୂଲିଆ ସଂଘ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ଭଦ୍ରକ ଜିଲ୍ଲା ଭୂମିହୀନ ଓ ଘରଡିହ ବିହୀନ ପରିବାର ମାନଙ୍କର ସମସ୍ୟାକୁ ନେଇ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ସାମ୍ବାଦିକ ସମ୍ମିଳନୀରେ ଚାଷୀମୂଲିଆ ସଂଘ ଭଦ୍ରକ ଜିଲ୍ଲା ସମ୍ପାଦକ ସୁଶାନ୍ତ ଯେନା, ଭୂମିହୀନ ଓ ଘରଡିହ ବିହୀନ ପରିବାରମାନଙ୍କର ସମସ୍ୟା ଓ ଦୁର୍ଦ୍ଦଶା ୨୦୧୪ ମସିହାରୁ ୨୦୨୨ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲା ପ୍ରଶାସନ କିପରି ଭୂମିହୀନ ଓ ଘରଡିହ ପରିବାରମାନଙ୍କୁ ମିଥ୍ୟା ପ୍ରତିଶୃତି ଦେଇ ପ୍ରତାରଣା କରିଛନ୍ତି ତା' ବାବଦରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ଭଦ୍ରକ ଜିଲ୍ଲାର ଭଦ୍ରକ ବ୍ଲକ୍ ସମେତ ଭଣ୍ଡାରିପୋଖରୀ, ତିହିଡ଼ି, ଚାନ୍ଦବାଲି, ବନ୍ତ ବ୍ଲକ ଓ ଅନ୍ୟାନ୍ୟ ବ୍ଲକ୍ ?ର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ରହୁଥିବା ଭୂମିହୀନ ଓ ଘରଡିହବିହୀନ ପରିବାରମାନଙ୍କୁ ୧୯୪୭ ମସିହାରୁ ଆଜି ପର୍ଯ୍ୟନ୍ତ ଘର ଡିହ ପଟ୍ଟା ଖଣ୍ଡେ ମିଳିପାରିନାହିଁ । ଚାଷୀମୂଲିଆ ସଂଘ ନେତୃତ୍ୱରେ ପାଖାପାଖି ୯ ବର୍ଷ ହେବ ଏହି ଘର ପଟ୍ଟା ବାବଦାକୁ ଦାବି କରି ଆନ୍ଦୋଳନ ଜାରି ରହିଥିଲେ ମଧ ପ୍ରଶାସନ ପ୍ରତିଶୃତି ଦେଇଛନ୍ତି । ବାରମ୍ବାର ଭଦ୍ରକ ଜିଲ୍ଲାର ବିଭିନ୍ନ ତହସିଲ ସମ୍ମୁଖରେ ଧାରଣା, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ଘେରାଓ, ଧାରଣା ଓ ପ୍ରତିବାଦ ହୋଇଥିଲେ ମଧ ପ୍ରତ୍ୟେକ ଥର ପରି ଜିଲ୍ଲାପାଳ, ସହସିଲଦାର ପ୍ରତିଶୃତି ଦେଇ ବଦଳି ଯାଉଛନ୍ତି କିନ୍ତୁ ଦୁଃଖର ବିଷୟ ବଦଳି ପାରୁନାହିଁ ଏହି ଭୂମିହୀନ ଘରଡିହବିହୀନ ପରିବାରଙ୍କ ଭାଗ୍ୟ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଗତୀଶୀଳ ମହିଳାମଞ୍ଚ ଜିଲ୍ଲା ସମ୍ପାଦିକା ଟୁନୀଲତା ଯେନା, ଚାଷୀମୂଲିଆ ସଂଘ ଭଦ୍ରକ ବ୍ଲକ୍ ସଭାପତି ପୂର୍ଣ୍ଣ ସିଂ, ଭଣ୍ଡାରିପୋଖରୀ ଚାଷୀମୂଲିଆ ସଂଘ ବ୍ଲକ ସମ୍ପାଦକ ରକ୍ଷାକର ବେହେରା ସମେତ, ପ୍ରମିଳା ଯେନା, ଅନୁସୟା ଘଡ଼େଇ, ଉଦୟ ହେମ୍ବ୍ରମ୍, ଅପୁନ୍ ଅଖତାର, ସୁରେନ୍ଦ୍ର ମୁଣ୍ଡା, କମକାକାନ୍ତ ଯେନା, ବିକ୍ରମ ହେମ୍ବ୍ରମ୍, ଗୌତମୀ ଦାସ, ବଳରାମ ଦାସ ଓ ଅନ୍ୟ ବହୁତ ଭୂମିହୀନ ପରିବାର ପରିବାରମାନେ ଉପସ୍ଥିତ ଥିଲେ ।

# ଆର୍ଥ ଡେ'ରେ ପରିବେଶ ରକ୍ଷା ପାଇଁ ଆହ୍ୱାନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨/୦୪ (ନି.ପ୍ର): ଆର୍ଥ ଡେ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ପରିବେଶ ରକ୍ଷା ପାଇଁ ଆହ୍ୱାନ କରିଛନ୍ତି। ସେ ଟ୍ୱିଟ କରି କହିଛନ୍ତି ଯେ - ଜଳବାୟୁ ପରିବର୍ତନ ମାନବଜାତିର ଭବିଷ୍ୟତ ପାଇଁ ସବୁଠାରୁ ବଡ ଆହ୍ୱାନ । ଆମ ପୃଥିବୀ ସ୍ୱାସ୍ଥ୍ୟକର ହେଲେ ଏହା ଲୋକଙ୍କ ପାଇଁ ସ୍ୱାସ୍ଥ୍ୟକର। ଆର୍ଥ ଡେ ଅବସରରେ, ଆସନ୍ତୁ ଅଧିକ ବୃକ୍ଷ ରୋପଣ କରି ମାନବଜାତିର ଏକ ଉତମ ଭବିଷ୍ୟତ ପାଇଁ ପ୍ରକୃତି ସହିତ ସମନ୍ୱୟ ରକ୍ଷା କରିବା।

# ଜାଗା ମିଶନରେ ଭୂମି ଅଧିକାର ପ୍ରମାଣପତ୍ର ପାଇଥିବା ହିତାଧିକାରୀଙ୍କୁ ବାସଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନର ଶୁଭାରମ୍ଭ



ବାରିପଦା, ୨୨/୦୪ (ନି.ପ୍ର): ବାରିପଦା ପୌରପରିଷଦ ପକ୍ଷରୁ ଆଜି ପୂର୍ବାହ୍ନରେ ଜାମା ମିଶନରେ ଭୂମି ଅଧିକାର ପ୍ରମାଣପତ୍ର ପାଇଥିବା ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପତ୍ର ପ୍ରଦାନ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି । ବାରିପଦା ପୌରପରିଷଦ କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ଶ୍ରୀ ସୁଦାମ ମାରାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ବାରିପଦା ଉପଜିଲ୍ଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ଅନ୍ୟା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ବାରିପଦା ପୌରପରିଷଦ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପାଧକ୍ଷା ସୀମା ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଏହି ଯୋଜନାରେ ପୌରାଞ୍ଚଳର ବହୁ ଗରୀବଲୋକ ଉପକୃତ ହୋଇପାରିବେ ବୋଲି କହିଥିଲେ । ଚଳିତ ୨୦୨୨-୨୩ ଆର୍ଥିକ ବର୍ଷରେ ୧୧୧୨ଜଣ ଯୋଗ୍ୟ ହିତାଧିକାରୀ ମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବାସଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଥିବା ବେଳେ, ସେଥି ମଧ୍ୟରୁ ଭୂମୀ ଅଧିକାର ପ୍ରମାଣପତ୍ର ପାଇଥିବା ୯୬୮ଜଣ ହିତାଧିକାରୀ ଓ ୧୪୪ଜଣ ପଟ୍ଟାଧାରୀ ହିତାଧିକାରୀ ମାନଙ୍କୁ ପିଏମ୍‌ଏୱାଇ ଯୋଜନା ଅନ୍ତର୍ଭୁକ୍ତ ମଧ୍ୟରୁ ଉକ୍ତ ସମାରହରେ ବାରିପଦା ପୌରାଞ୍ଚଳର ବିଭିନ୍ନ ୱାର୍ଡର ୫୦ଜଣ ହିତାଧିକାରୀଙ୍କୁ ରାଜସ୍ୱ ମନ୍ତ୍ରୀ ଶ୍ରୀ ମାରାଣ୍ଡି କାର୍ଯ୍ୟାଦେଶ ପତ୍ର ପ୍ରଦାନ କରିଥିଲେ । ପୌର କର୍ମଚାରୀ ଉଜ୍ଜଳ କୁମାର ବେହେରା ଓ ବିଶେଶ୍ୱର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo